


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-184 ♦TUESDAY ♦30 DECEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୮୪ ♦ମଙ୍ଗଳବାର ♦୩୦ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦



# ଆରାବଳୀକୁ ସାମୟିକ ଆଶ୍ୱସ୍ତି

## ଜାନୁଆରୀ ୨୧ ପର୍ଯ୍ୟନ୍ତ ଖଣି ଖନନ ବନ୍ଦ

## ନିଜ ଆଦେଶ ଉପରେ ରୋକ ଲଗାଇଲେ ସୁପ୍ରିମ୍‌କୋର୍ଟ

■ ନୂଆଦିଲ୍ଲୀ, ୨୯।୧୨ (ଏଜେନ୍ସି): ଆରାବଳୀ ପର୍ବତମାଳାର ସୁରକ୍ଷାକୁ ନେଇ ସାରା ଦେଶରେ ଉଦ୍‌ବେଗ ପ୍ରକାଶ ପାଇଛି। ଜନତାଙ୍କଠାରୁ ନେଇ ପରିବେଶକର୍ମୀ ପର୍ଯ୍ୟନ୍ତ ସମସ୍ତେ ସୁପ୍ରିମକୋର୍ଟ ଦେଇଥିବା 'ଶହେ ମିଟର' ରାୟକୁ ବିରୋଧ କରୁଛନ୍ତି। ଏପରି ସମୟରେ ନଭେମ୍ବର ୨୦ରେ ଦେଇଥିବା ନିଜର ପୂର୍ବ ରାୟ ଉପରେ ସୁପ୍ରିମକୋର୍ଟ ଆଜି ରୋକ୍ ଲଗାଇ ଦେଇଛନ୍ତି। ଆସନ୍ତାବର୍ଷ ଜାନୁଆରୀ ୨୧ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେ ପର୍ଯ୍ୟନ୍ତ ଆରାବଳୀରେ ସମସ୍ତ ଖଣି ଖନନକୁ ବନ୍ଦ କରି ଦେଇଛନ୍ତି। ଏହି ମାମଲାର ତଦନ୍ତ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟି ଏବେକାର ବିଶେଷଜ୍ଞ କମିଟିର ରିପୋର୍ଟକୁ ବିଶ୍ଳେଷଣ କରିବ। ପରେ ଏହି ଘଟଣା ସହିତ ସମ୍ପୃକ୍ତ ପ୍ରସଙ୍ଗ ଉପରେ କୋର୍ଟଙ୍କୁ ପରାମର୍ଶ ଦେବ। ଏହି ମାମଲାରେ ସୁପ୍ରିମକୋର୍ଟ ଆରବଳୀ ପର୍ବତମାଳା ପରିବ୍ୟାପ୍ତ ହୋଇଥିବା ୪ଟି ରାଜ୍ୟ ରାଜସ୍ଥାନ, ଗୁଜରାଟ, ଦିଲ୍ଲୀ ଓ ରାଜସ୍ଥାନ ସମେତ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏହି ପ୍ରସଙ୍ଗରେ ଜବାବ ଦାଖଲ କରିବାକୁ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜେକେ ମାହେଶ୍ୱରୀ ଓ ବିଚାରପତି ଏଜି ମସିହଙ୍କ ▶ପୃଷ୍ଠା-୭

### ରାଜସ୍ଥାନ ସମେତ ୪ ରାଜ୍ୟକୁ ଜବାବ ତଲବ



# ଚାଷୀ-ସରକାର ମୁହାଁମୁହିଁ

## 'ମିଥ୍ୟା ସତ୍ୟପାଠ' ଦେଇଥିବା ଚାଷୀଙ୍କ ନାମରେ ପଞ୍ଚାୟତ କାନ୍ଥରେ ଝୁଲିବ ନୋଟିସ୍

■ ଭୁବନେଶ୍ୱର, ୨୯।୧୨ (ସମିସ): ମଣ୍ଡି ଅବ୍ୟବସ୍ଥା, ଧାନ କିଣାରେ ବିଚ୍ୟୁତିକୁ ନେଇ ଚାଷୀ ସରକାରଙ୍କ ଉପରେ ଖଡ୍‌ଗହସ୍ତ। ବିଭିନ୍ନ ସ୍ଥାନରେ ଚାଷୀମାନେ ରାସ୍ତା ଅବରୋଧ କରିବା ସହ ଆନ୍ଦୋଳନ ଚଳାଇଛନ୍ତି। ଏହି ସମୟରେ ଚାଷୀଙ୍କୁ ଦମନ କରିବାକୁ ସରକାର ଆରମ୍ଭ କରିଛନ୍ତି ପାଲଟା ଯୋଜନା। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଧାନ କିଣାରେ ଅବ୍ୟବସ୍ଥା ଯୋଗୁଁ ସରକାରଙ୍କ ଅଡୁଆ ବଢ଼ାଇଥିବା ଚାଷୀଙ୍କ ଏହି ଆକ୍ରମଣାତ୍ମକ ପନ୍ଥାକୁ ପ୍ରତିହତ କରିବା ପାଇଁ ସରକାର ଛାଡ଼ିଛନ୍ତି 'ନୋଟିସ' ଅସ୍ତ୍ର। ଧାନ ବିକ୍ରି ନିମନ୍ତେ ଚାଷୀମାନେ ଯେଉ ଚାଷ ଜମିକୁ ପଞ୍ଜିକରଣ କରିଛନ୍ତି, ତାହାକୁ ଜାଲ ବା ତ୍ରୁଟିପୂର୍ଣ୍ଣ ବୋଲି ଦର୍ଶାଇ ସରକାର ଚାଷୀଙ୍କ ଉପରେ ଦାଉ ସାଧିବାକୁ ଯୋଜନା କରିଛନ୍ତି। ରାଜ୍ୟ ସାଧାରଣ ବଣ୍ଟନ ନିଗମ ପକ୍ଷରୁ ସମବାୟ ସଂସ୍ଥାର ରେଜିଷ୍ଟ୍ରାର୍‌ଙ୍କୁ ଏ ସମ୍ପର୍କରେ ଚିଠି ଲେଖାଯାଇଛି। ମୁଖ୍ୟତଃ ଅଣଚାଷ ଜମିକୁ ଯେଉଁ ଚାଷୀମାନେ ଚାଷ ଜମି ଭାବେ ଦର୍ଶାଇଛନ୍ତି, ସେମାନଙ୍କୁ ନୋଟିସ୍ କରିବାକୁ ନିଷ୍ପତ୍ତି ହୋଇଛି। ଧାନ କିଣା ପ୍ରକ୍ରିୟାରେ ମିଥ୍ୟା ତଥ୍ୟ ଦେଇଥିବା ଚାଷୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ସେମାନଙ୍କ ନାମ ଗ୍ରାମପଞ୍ଚାୟତ ଓ ପ୍ୟାକ୍ସର ନୋଟିସ୍ ବୋର୍ଡରେ ଉପଲବ୍ଧ ହେବ। ଏହାସହିତ ଜିଲ୍ଲାସ୍ତରରେ ୱେବ୍‌ସାଇଟ୍‌ରେ ମଧ୍ୟ ସେମାନଙ୍କ ନାମ ଉଲ୍ଲେଖ ରହିବ। ଯୋଗାଣ ବିଭାଗ ପକ୍ଷରୁ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ ଏହି ନୋଟିସ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆନ୍ତଃମନ୍ତ୍ରୀ ସ୍ତରୀୟ ବୈଠକରେ ଅନୁମୋଦନ କ୍ରମେ ଏହି ନିଷ୍ପତ୍ତି ହୋଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ସୂଚନା ଅନୁସାରେ ଧାନ ବିକ୍ରି ପାଇଁ ଅନେକ ଚାଷୀ ସରକାରଙ୍କୁ ଭୁଲ୍ ତଥ୍ୟ ଦେଇଛନ୍ତି। ସାଟେଲାଇଟ୍ ସର୍ଭେ ମାଧ୍ୟମରେ ସରକାର ଏହି ଭୁଲକୁ ଧରିଛନ୍ତି। ଏବେ ଏହାକୁ ଆଧାର କରି ଚାଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗ ଅଣ୍ଟା ଭିଡ଼ିଛି। ସରକାରଙ୍କ ଏହି ନିର୍ଦ୍ଦେଶନାମା ପରେ ମୁଖ୍ୟତଃ ଚାଷୀଙ୍କୁ ଅକଳରେ ପକାଇବାକୁ ଏହା ଏକ ଯୋଜନା ବୋଲି ▶ପୃଷ୍ଠା-୭




### ଅଣଚାଷ ଜମି ପଞ୍ଜିକୃତ କରିବା ଚାଷୀଙ୍କ ଅପରାଧ: ମନ୍ତ୍ରୀ

### ଚାଷୀଙ୍କୁ ଦମନ ପାଇଁ ସରକାରଙ୍କ ବାହାନା: ବିରୋଧୀ

# ଦେଶରୁ ହଟିବେ ଅନୁପ୍ରବେଶକାରୀ

■ ଗୌହାଟୀ, ୨୯।୧୨ (ଏଜେନ୍ସି): ଆସାମର ନୌଗାଁଓରେ ବଟାଦ୍ରବା ପୁନର୍ବିକାଶ ପ୍ରକଳ୍ପକୁ ଉଦ୍‌ଘାଟନ କରି ଅନୁପ୍ରବେଶକାରୀଙ୍କୁ ସାରା ଦେଶରୁ ହଟାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ସେ ଏଠାରେ ଆସାମ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଶାହା କହିଥିଲେ ଯେ ବାଂଲାଦେଶ ଅନୁପ୍ରବେଶକାରୀଙ୍କ କବ୍‌ଜାରେ ଥିବା ଲକ୍ଷେ ବିଘା ଜମିକୁ ହିମନ୍ତ ବିଶ୍ୱ ଶର୍ମା ମୁକ୍ତ କରିଛନ୍ତି। ଏହି ଭଳି ଭାବେ ସାରା ଦେଶରୁ ଅନୁପ୍ରବେଶକାରୀଙ୍କୁ ତଡ଼ିବୁ। ଶ୍ରୀମନ୍ତ ଶଙ୍କରଦେବ ଜୀଙ୍କ ସ୍ମୃତି ସ୍ଥଳକୁ ବାଂଲାଦେଶ ଅନୁପ୍ରବେଶକାରୀ କବ୍‌ଜା କରିବା ▶ପୃଷ୍ଠା-୭



### ଉନ୍ନାଓ ଗଣଦୁଷ୍କର୍ମ ମାମଲା

# କୁଲଦୀପଙ୍କୁ 'ସୁପ୍ରିମ୍' ସକ୍

■ ନୂଆଦିଲ୍ଲୀ, ୨୯।୧୨ (ଏଜେନ୍ସି): ବହୁଚର୍ଚ୍ଚିତ ୨୦୧୭ ଉନ୍ନାଓ ଗଣଦୁଷ୍କର୍ମ ମାମଲା ଏବେ ନୂଆ ମୋଡ଼ ନେଇଛି। ଏହି ମାମଲାରେ ପୂର୍ବତନ ବିଜେପି ବିଧାୟକ କୁଲଦୀପ ସେଙ୍ଗରଙ୍କୁ ଦିଲ୍ଲୀ ହାଇକୋର୍ଟ ଦେଇଥିବା ଜାମିନ ଉପରେ ସୁପ୍ରିମକୋର୍ଟ ଆଜି ରୋକ୍ ଲଗାଇ ଦେଇଛନ୍ତି। ଏହା ଏକ ଗୁରୁତର ମାମଲା ଏବଂ ଏହା ଉପରେ ଆଇନର ଅଧିକ ତର୍ଜମା କରାଯିବାର ଆବଶ୍ୟକତା ରହିଛି। ସେହିଦୃଷ୍ଟିରୁ କୁଲଦୀପଙ୍କୁ ଜେଲ୍‌ରୁ ମୁକ୍ତ କରାଯାଇପାରିବ ନାହିଁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ୪ ସପ୍ତାହ ପରେ ଏହି ମାମଲାର ଶୁଣାଣି ହେବ। ସେଙ୍ଗରଙ୍କୁ ଡିସେମ୍ବର ୨୩ରେ ଦିଲ୍ଲୀ ହାଇକୋର୍ଟ ଜାମିନ ପ୍ରଦାନ କରିଥିଲେ ଏବଂ ତାଙ୍କ ଦଣ୍ଡାଦେଶକୁ ସସପେଣ୍ଡ କରିଦେଇଥିଲେ। ଏହାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପୀଡ଼ିତା ଏବଂ ପୀଡ଼ିତା ପରିବାର ସମେତ ଅନେକ ସଂଗଠନ ଦିଲ୍ଲୀ ହାଇକୋର୍ଟ ଆଗରେ ଏହାର ପ୍ରତିବାଦ ଜଣାଇ ଧାରଣା ଦେଇଥିଲେ। ▶ପୃଷ୍ଠା-୭

### ହାଇକୋର୍ଟଙ୍କ ଜାମିନ ଆଦେଶରେ ରୋକ୍

### ବିଚାରପତି ମଧ୍ୟ ଭୁଲ୍ କରିପାରିନ୍ତି: ପ୍ରଧାନ ବିଚାରପତି

### ପୋକ୍‌ସୋ ନିୟମ ପରିସରରୁ ନିର୍ବାଚିତ ପ୍ରତିନିଧି ବାଦ୍ କାହିଁକି: ସିଜେଆଇ



### ଏସ୍‌ଆଇ ଚାକିରି ବିକ୍ରି

# ସିବିଆଇର ପ୍ରଥମ ଚାର୍ଜସିଟ୍‌ରେ ୧୬ ଅଭିଯୁକ୍ତ

■ ଭୁବନେଶ୍ୱର, ୨୯।୧୨ (ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ପ୍ରାଥମିକ ଚାର୍ଜସିଟ୍ ଦାଖଲ କରିଛି ସିବିଆଇ। ଚାର୍ଜସିଟ୍‌ରେ ମୋଟ୍ ୧୬ଜଣଙ୍କ ନାମ ରହିଛି। ଏହି ୧୬ଜଣଙ୍କ ମଧ୍ୟରେ ୯ଜଣଙ୍କୁ ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଥିଲା ବେଳେ ଅବଶିଷ୍ଟ ୭ଜଣଙ୍କୁ ସିବିଆଇ ଗିରଫ କରିଛି। ଚାର୍ଜସିଟ୍‌ରେ ଉଲ୍ଲେଖଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ସିଲିକନ୍ ସିଇଓ ସୁରେଶ ନାୟକ, ଦଲାଲ ନେଟ୍‌ୱାର୍କର ମୁଖ୍ୟ ତଥା ପଞ୍ଚସପ୍ତର ମାଲିକ ଶଙ୍କର ପୃଷ୍ଟି, ଅରବିନ୍ଦ ▶ପୃଷ୍ଠା-୭

**ଶଙ୍କର, ମୁନ୍ନା, ସୁରେଶ ଓ ଅରବିନ୍ଦ ମୁଖ୍ୟ କାର୍ପଟଦାର**

### ସବୁ ସରକାରୀ କର୍ମଚାରୀଙ୍କୁ ସାଧାରଣ ପ୍ରଶାସନର ଚିଠି

# ଜାନୁଆରୀ ୩୧ ସୁଦ୍ଧା ସମ୍ପତ୍ତି ତାଲିକା

■ ଭୁବନେଶ୍ୱର, ୨୯।୧୨ (ସମିସ): ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀ ନିଜ ନିଜର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି ସାଧାରଣ ପ୍ରଶାସନ ବିଭାଗ। ଆସନ୍ତା ଜାନୁଆରୀ ୩୧ ତାରିଖ ମଧ୍ୟରେ ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ତାଲିକା ଦାଖଲ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗ ପକ୍ଷରୁ ମଙ୍ଗଳବାର ସବୁ ବିଭାଗର ବିଭାଗୀୟ ମୁଖ୍ୟ, ରାଜ୍ୟର ସମସ୍ତ ଆରଡିସି, ଜିଲ୍ଲାପାଳଙ୍କୁ ଚିଠି ଲେଖି ଏ ସଂପର୍କରେ ଅବଗତ କରାଯାଇଛି।

ଚିଠିରେ କୁହାଯାଇଛି ଯେ ଓଡ଼ିଶା ସରକାର କର୍ମଚାରୀ ଆଚରଣ (ସଂଶୋଧନ) ନିୟମ, ୨୦୨୧ ଅନୁଯାୟୀ ରାଜ୍ୟ ସରକାରଙ୍କ ଗ୍ରୁପ୍-ଏରୁ ଗ୍ରୁପ୍-ଡି' ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀ ନିଜନିଜର ସମ୍ପତ୍ତି ବିବରଣୀ (ଉଭୟ ସ୍ଥାବର ଏବଂ ଅସ୍ଥାବର) ପ୍ରତିବର୍ଷ ଜାନୁଆରୀ ୧ତାରିଖରୁ ୩୧ ତାରିଖ ମଧ୍ୟରେ ଦାଖଲ କରିବାର ▶ପୃଷ୍ଠା-୭

# ୧୦ ଡିଗ୍ରୀ ତଳେ ୧୫ ସହର ପାରଦ

■ ଭୁବନେଶ୍ୱର, ୨୯।୧୨ (ସମିସ): ରାଜ୍ୟରେ ଅସହ୍ୟ ଶୀତ ଜାରି ରହିଛି। ନୂଆବର୍ଷ ପର୍ଯ୍ୟନ୍ତ ଏମିତି ସ୍ଥିତି ଲାଗି ରହିବ। ଗତ ୨୪ ଘଣ୍ଟାରେ ରାଜ୍ୟର ୧୫ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ୩.୬ ଡିଗ୍ରୀ ସହ ଜି.ଉଦୟଗିରି ପୁଣିଥରେ ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ଦୁଇ ଦିନ ହେବ ଜି. ଉଦୟଗିରିରେ ପାରଦ ୩ ଡିଗ୍ରୀକୁ ଖସି ଆସିଥିବାରୁ ଏଠାରେ ପ୍ରବଳ ଶୀତ ଅନୁଭୂତ ହେଉଛି। ସେମିଲିଗୁଡ଼ାରେ ୫.୨, ଫୁଲବାଣୀରେ ୫.୫, ଦାରିଙ୍ଗବାଡ଼ିରେ ୬, କୋରାପୁଟରେ ୬.୪, ଝାରସୁଗୁଡ଼ାରେ ୬.୫, ରାଉରକେଲାରେ ୭, ଅନୁଗୋଳରେ ୮, ନବରଙ୍ଗପୁରରେ ୮.୬, କିରେଇରେ ୮.୭, ଭାବନୀପାଟଣାରେ ୯, ବଲାଙ୍ଗିରରେ ୯.୪, ସୁନ୍ଦରଗଡ଼ରେ ୯.୫ ଏବଂ ସୋନପୁର ଓ କେନ୍ଦୁଝରରେ ୯.୮ ଲେଖାଏଁ ରେକର୍ଡ ହୋଇଛି।

ଅପରପକ୍ଷେ, ୬.୫ ଡିଗ୍ରୀ ସହ ଝାରସୁଗୁଡ଼ାରେ ଗତ ୧୫ ବର୍ଷରେ (୨୦୧୦ରୁ ଏଯାବତ୍) ମଧ୍ୟରେ ଡିସେମ୍ବର ମାସରେ ଏହା ଚତୁର୍ଥ ସର୍ବନିମ୍ନ ▶ପୃଷ୍ଠା-୭

### ଜି.ଉଦୟଗିରି ସବୁଠୁ ଥଣ୍ଡା



# ଘନଉଛି ଓମ୍‌ସା-ସରକାର ବିବାଦ

- ▶▶ ରାଜ୍ୟବ୍ୟାପୀ ଏକ ଘଣ୍ଟିଆ ଓପିଡି ସେବା ବନ୍ଦ ପ୍ରତିବାଦ ଜାରି
- ▶▶ ଆଜି ବସିବ ସଂଘର ବୈଠକ; ନିଆଯାଇପାରେ ଚରମ ନିଷ୍ପତ୍ତି
- ▶▶ ଓମ୍‌ସାର ଦାବିକୁ କନିଷ୍ଠ ଡାକ୍ତର ସଂଘ(ଜେଡିଏ)ର ସମର୍ଥନ

■ ଭୁବନେଶ୍ୱର, ୨୯।୧୨ (ସମିସ): ନିଜ ଦାବିକୁ ନେଇ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ଅଟଳ ଥିବାବେଳେ ରାଜ୍ୟବ୍ୟାପୀ ନିଜର ଏକ ଘଣ୍ଟିଆ ଓପିଡି ସେବା ବନ୍ଦ କାର୍ଯ୍ୟକ୍ରମ ଜାରି ରଖିଛି। ସେମାନଙ୍କର ଦାବି ପୂରଣ ପାଇଁ ରାଜ୍ୟ ସରକାର ଏକ ଅନ୍ତଃବିଭାଗୀୟ କମିଟି ଗଠନ କରିଥିଲେ ହେଁ ଏହାକୁ ସଂଘ ଗ୍ରହଣ କରିନାହିଁ। ଫଳରେ ସରକାର ଏବଂ ସଂଘ ମଧ୍ୟରେ ବିବାଦ ତେଜୁଥିବା ବେଳେ ଆସନ୍ତାକାଲି (ମଙ୍ଗଳବାର) ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ଏଥିରେ ଆଗାମୀ ଦିନର କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ଡା. ସଞ୍ଜୀବ ପ୍ରଧାନ କହିଛନ୍ତି। ଅପରପକ୍ଷେ ଦାବି ପୂରଣ ନ ହେଲେ ଓମ୍‌ସା ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇପାରେ ବୋଲି ସଂଘ ପକ୍ଷରୁ ପରୋକ୍ଷରେ ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ ବାର୍ଷିକ ପଦୋନ୍ନତି, ଡାକ୍ତରଙ୍କୁ ସରକାରୀ କ୍ୱାର୍ଟର୍ସ, କେନ୍ଦ୍ରୀୟ ବେତନ ହାର, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ୧୮ ଦଫା ଦାବି ନେଇ ଗତ ନଭେମ୍ବର ୨୦ ତାରିଖରୁ ଓମ୍‌ସା କ୍ୟାଡର୍ କଳା ପୋଷାକ ପିନ୍ଧି ପ୍ରତିବାଦ କରି ଆସୁଥିଲେ। ଗତ ୨୬ ତାରିଖରୁ ସେମାନେ ଏକ ଘଣ୍ଟିଆ ଓପିଡି ବନ୍ଦ ପ୍ରତିବାଦ ଜାରି ରଖିଛନ୍ତି। ଏହାଦ୍ୱାରା ରାଜ୍ୟବ୍ୟାପୀ ▶ପୃଷ୍ଠା-୭






## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ, ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଆଜିର ଇତିହାସ


- ୧୯୦୬- ଢାକାରେ ମୁସଲିମ୍ ନେତାଙ୍କ ତିନିଦିନର ବୈଠକ ପରେ 'ଅଲ୍ ଇଣ୍ଡିଆ ମୁସଲିମ୍ ଲିଗ୍ ପାର୍ଟି' ଗଠନ କରିବାକୁ ଘୋଷଣା କରାଗଲା।
- ୧୯୭୧- ଭାରତର ପ୍ରଖ୍ୟାତ ବୈଜ୍ଞାନିକ ବିକ୍ରମ ସରାଭାଇଙ୍କ ପରଲୋକ।
- ୧୯୭୫- ହିନ୍ଦୀ କବି ଦୁଷ୍ୟନ୍ତ କୁମାରଙ୍କ ନିଧନ।
- ୧୯୯୬- ଗୁଏଟ୍‌ମାଲାରେ ୩୬ ବର୍ଷ ଧରି ଚାଲିଥିବା ଗୃହଯୁଦ୍ଧର ସମାପ୍ତ ହେଲା।
- ୨୦୦୬- ଇରାକ୍‌ର ପୂର୍ବତନ ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କୁ ଫାଶୀ ଦିଆଗଲା।

## ପିକକ୍ ପ୍ୟାରେଣ୍ଟିଂ



ପିଲାଙ୍କ ଲାଳନପାଳନକୁ ନେଇ ଅଭିଭାବକମାନେ ଚିନ୍ତାରେ ରୁହନ୍ତି। ଏହି କ୍ରମରେ ପିକ୍‌କକ୍ ପ୍ୟାରେଣ୍ଟିଂ ଧାରା ଏବେ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ଏଭଳି ଧାରା ପିଲାଙ୍କ ଉପରେ ଚାପ ପକାଉଥିବା ଜଣାପଡ଼ିଛି। ପିକ୍‌କକ୍ ପ୍ୟାରେଣ୍ଟିଂ ଏମିତି ଏକ ଶୈଳୀ, ଯେଉଁଥିରେ ବାପାମାଆ ନିଜ ପିଲାଙ୍କୁ ମୟୂର ଭଳି ଆକର୍ଷଣୀୟ କରି ଦୁନିଆ ଆଗରେ ଛିଡ଼ା କରିବା ଉପରେ ଗୁରୁତ୍ୱ ଦେଇଥାନ୍ତି। ପିଲାଟିର ନିଜର ଏକ ବ୍ୟକ୍ତିଗତ ଜୀବନ ଅଛି ବୋଲି ସେମାନେ ଭୁଲି ଯାଆନ୍ତି। ଅଭିଭାବକମାନେ ପିଲାର ଲାଳନପାଳନ ସମୟରେ ଆବଶ୍ୟକତାଠୁ ଅଧିକ ପିଲାଙ୍କର ପବ୍ଲିକ୍ ଇମେଜ୍ ଉପରେ ଗୁରୁତ୍ୱ ଦିଅନ୍ତି। ଏଥିରେ ପିଲାମାନଙ୍କର ଅଭିଭାବକ ସେମାନଙ୍କୁ ଦୁନିଆ ଆଗରେ ଅଧିକ ସ୍ମାର୍ଟ, ବୁଦ୍ଧିମାନ ଦେଖାଇବାକୁ ପ୍ରୟାସ କରନ୍ତି। ଠିକ୍‌ଯେପରି ଜଣେ ବ୍ୟକ୍ତିଙ୍କୁ ପ୍ରମୋଟ୍ କରିବା ପାଇଁ ପିଆର୍ ଟିମ୍ କରିଥାଏ। ଆଜିକାଲି ସାମାଜିକ ଗଣମାଧ୍ୟମରେ ପିଲାଙ୍କର ପ୍ରତ୍ୟେକ ସଫଳତାକୁ ବାପାମାଆମାନେ ଆବଶ୍ୟକତାଠୁ ଅଧିକ ଦେଖେଇ ହେବାରେ ଲାଗିଛନ୍ତି। ଯାହାକୁ କେବଳ ପିଲା ହିଁ ଅନୁଭବ କରୁଥିବା କୁହାଯାଉଛି। ଏହି କାରଣ ଯୋଗୁଁ ପିଲାମାନେ ଧୀରେ ଧୀରେ ଅବସାଦ ଆଡ଼କୁ ଗତି କରିଥାନ୍ତି। ଅଭିଭାବକମାନେ ଏଭଳି କରିବା ଦ୍ୱାରା ପ୍ରତ୍ୟେକ ଜିନିଷ କେବଳ ଦେଖେଇ ହେବା ପାଇଁ କରାଯାଉଥିବା ପିଲାଙ୍କୁ ଲାଗିଥାଏ। ଅନ୍ୟପଟେ ଯେଉଁ ବୟସରେ ସେମାନେ ଭୁଲ୍‌ରୁ ଶିଖିବା ପାଇଁ ଚେଷ୍ଟା କରୁଥାନ୍ତି ସେହି ବୟସରେ ସେମାନଙ୍କୁ ସବୁ ବିଷୟରେ ପାରଙ୍ଗମ ହେବା ଦୌଡ଼ରେ ଅଭିଭାବକମାନେ ସାମିଲ କରି ଦେଉଛନ୍ତି। ଏହାର ପ୍ରଭାବ ସେମାନଙ୍କ ସୃଜନଶୀଳତା ଉପରେ ପଡୁଛି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏଥିଯୋଗୁଁ ପିଲାମାନଙ୍କ ଉପରେ ମାନସିକ ଚାପ ମଧ୍ୟ ପଡୁଛି।

## ଜାନୁଆରୀରେ 'ଲଭ୍ ଆଣ୍ଡ ୱାର୍'ର ଫାଷ୍ଟ ଲୁକ୍



୨୦୨୬ର ଚର୍ଚ୍ଚିତ ଫିଲ୍ମ ମଧ୍ୟରେ ସଞ୍ଜୟ ଲୀଳା ଭଁସାଲିଙ୍କ 'ଲଭ୍ ଆଣ୍ଡ ୱାର୍' ରହିଛି। ଏଥିରେ ଲିଡ୍ ରୋଲରେ ରଣବୀର କପୁର, ଆଲିଆ ଭଟ୍ଟ ଓ ଭିକି କୌଶଲ ନଜର ଆସିବେ। ଯୁଦ୍ଧ ପୃଷ୍ଠଭୂମିରେ ଗଢ଼ି ଉଠିଥିବା ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଏହି ଫିଲ୍ମ ଆଧାରିତ। ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଜବରଦସ୍ତ ଉତ୍ସାହ ରହିଛି। ଫିଲ୍ମର ଅଧାରୁ ଅଧିକ ଅଂଶର ସୁଟିଂ ସରିଛି। ଏବେ ଫିଲ୍ମର ଫାଷ୍ଟ ଲୁକ୍‌କୁ ନେଇ ଖବର ଆସିଛି। ଏହା ଆସନ୍ତା ଜାନୁଆରୀରେ ରିଲିଜ୍ ହେବ। ଏଥିରେ ଏହି ତିନି ସୁପରଷ୍ଟାର୍ ଏକାସଙ୍ଗେ ନଜର ଆସିବେ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ଏହାପୂର୍ବରୁ ସୁଟିଂସେଟ୍‌ରୁ ରଣବୀର ଓ ଆଲିଆଙ୍କର ଅନେକ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହା ଆସନ୍ତା ମାର୍ଚ୍ଚ ୨୦ରେ ରିଲିଜ୍ ହେବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ସୁଟିଂରେ ବିଳମ୍ବ ହେବାରୁ ଏବେ ଏହାର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ୧୪ ଅଗଷ୍ଟ କରି ଦିଆଯାଇଛି।

## ପେନ୍‌ସିଲ ମୁନ ଆକୃତିର ବେଙ୍ଗ



ବୈଜ୍ଞାନିକମାନେ ବେଙ୍ଗର ଏକ ନୂଆ ପ୍ରଜାତିର ସନ୍ଧାନ କରିଛନ୍ତି। ବେଙ୍ଗଟି ଦେଖିବାକୁ ପେନ୍‌ସିଲ୍ ମୁନ ଭଳି କ୍ଷୁଦ୍ରାକାର। ଏହା ବ୍ରାଜିଲର ସେରା ଡୋ କ୍ୱିରିରି ପର୍ବତମାଳାର ଘଞ୍ଚ ଜଙ୍ଗଲରେ ମିଳିଛି। ଏହି ଜଙ୍ଗଲ ଭୂପୃଷ୍ଠଠାରୁ ୧୦୦୦ ରୁ ୨୫୦୦ ମିଟର ଉଚ୍ଚତାରେ ଅବସ୍ଥିତ। ଏହି ନୂଆ ପ୍ରଜାତି ବେଙ୍ଗର ନାଁ 'ବ୍ରେକିସେଲଫଲସ ଲୁଲଇ।' ଏହି ନାଁ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିୟୋ ଲୁଲା ଡା ସିଲ୍‌ଭାଙ୍କ ସମ୍ମାନରେ ରଖାଯାଇଛି। ତେବେ ବେଙ୍ଗଟିର ଅନେକ ବିଶେଷତ୍ୱ ବି ଅଛି। ଏହାର ଶରୀର ଉଜ୍ଜ୍ୱଳ କମଳା ରଙ୍ଗର ହୋଇଥିବା ବେଳେ ଏହା ଉପରେ ଧୂସର ଓ ସବୁଜ ଦାଗ ରହିଛି। ଏହି ପ୍ରଜାତିର ଅଣ୍ଡିରା ବେଙ୍ଗର ଆକାର ୯ ରୁ ୧୧ ମିଲିମିଟର ହୋଇଥିବା ବେଳେ ମାଈ ବେଙ୍ଗର ଆକାର ୧୧-୧୪ ମିଲିମିଟର ହୋଇଥାଏ। ବୈଜ୍ଞାନିକମାନେ ଦୀର୍ଘ ବର୍ଷ ଧରି ଏହି ଅଞ୍ଚଳରେ ଅନୁସନ୍ଧାନ କରିଆସୁଛନ୍ତି। କାରଣ ଏଠାରେ ଏମିତି ସୂକ୍ଷ୍ମଜୀବ ମିଳିଥାନ୍ତି, ଯାହାକି ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ମିଳି ନ ଥାଏ। ଏହି ନୂତନ ପ୍ରଜାତିକୁ ଏହାର ଅନନ୍ୟ ଶରୀର ଗଠନ ଦ୍ୱାରା ଚିହ୍ନଟ କରାଯାଇଥିଲା, ଯାହା ଏହି ଅଞ୍ଚଳର ଅନ୍ୟ ବେଙ୍ଗଠାରୁ ଭିନ୍ନ ଥିଲା। ଏହାର ଚିହ୍ନଟ ଡିଏନଏ ପରୀକ୍ଷା ଏବଂ ସିଟି ଏକ୍ସରେ ସ୍କାନ ଦ୍ୱାରା କରାଯାଇଛି। ସେହିପରି ଏହି ଛୋଟିଆ ବେଙ୍ଗ ଏମିତି ସ୍ଥାନରେ ରହେ, ଯାହାକି ଖୁବ୍ ସୀମିତ। ତେଣୁ ଏହାର ବିଲୁପ୍ତ ହେବା ଆଶଙ୍କା ଅଧିକ। ବୈଜ୍ଞାନିକମାନେ ଏହି ବେଙ୍ଗ ଏବଂ ଏହା ଭଳି ଅନ୍ୟ ସୂକ୍ଷ୍ମ ଜୀବଙ୍କୁ ରକ୍ଷା କରିବା ଲାଗି ସେରା ଡୋ କ୍ୱିରିରିକୁ ବନ୍ୟପ୍ରାଣୀ ଆଶ୍ରୟସ୍ଥଳ ଭାବେ ଘୋଷଣା କରିବାକୁ ପ୍ରସ୍ତାବ ଦେଇଛନ୍ତି। ଯଦି ଏଭଳି ପ୍ରଜାତିର ବେଙ୍ଗକୁ ସୁରକ୍ଷା ନ ଦିଆଯିବ ଏମାନେ ବିଲୁପ୍ତ ହୋଇଯିବେ ବୋଲି ବୈଜ୍ଞାନିକମାନେ ଚେତାଇ ଦେଇଛନ୍ତି।



# ସୁବର୍ଣ୍ଣା

## ଡାଲିଜାତୀୟ ଫସଲରେ ଉତ୍ପାଦକତା ବୃଦ୍ଧି

# ଜୀବାଣୁ ସାର ଏବଂ ଅଣୁସାର ଉପଯୋଗୀ

**ଡାଲି ଏକ ପୁଷ୍ଟିସାର ଜାତୀୟ ଖାଦ୍ୟ। ଡାଲି ଜାତୀୟ ଫସଲ ମଧ୍ୟରେ ମୁଗ, ବିରି, ହରଡ଼, ଚଣା, ବୁଟ, ମଟର, କୋଳଥ ଆଦି ମୁଖ୍ୟ ହୋଇଥାଏ। ଧାନ ପରେ ରାଜ୍ୟରେ ଦ୍ୱିତୀୟ ସର୍ବାଧିକ ଚାଷ କରାଯାଉଥିବା ଫସଲ ହେଉଛି ଡାଲି ଜାତୀୟ ଫସଲ। ହେଲେ ଏବେ ଡାଲି ଜାତୀୟ ଖାଦ୍ୟ ଉତ୍ପାଦନ କମୁଛି। ଡାଲି ଜାତୀୟ ଫସଲରେ ସମନ୍ୱିତ ସାର ପରିଚାଳନା କରା ନ ଯିବା ଏହାର ଏକ ପ୍ରମୁଖ କାରଣ। ତେଣୁ ଡାଲି ଉତ୍ପାଦନ ବୃଦ୍ଧି ପାଇଁ ଫସଲରେ ଜୀବାଣୁସାର ଓ ଅଣୁସାରର ଉପଯୋଗ ନିହାତି ଆବଶ୍ୟକ।**



ବିଭୁତି ଭୂଷଣ ଦଳବେହେରା

ଧାନ ଚାଷ ପରେ ପରବର୍ତ୍ତୀ ଫସଲକୁ ଉଚିତ ମାତ୍ରାରେ ପୋଷକତତ୍ତ୍ୱ ମିଳିପାରେନି। ସେଥିପାଇଁ ମାଟିକୁ ଜୀବାଣୁ ସାରର ଆବଶ୍ୟକତା ପଡିଥାଏ। ଏହାଦ୍ୱାରା ମାଟିରେ ଯବକ୍ଷାରଜାନ ଅଂଶ ବୃଦ୍ଧି ପାଇ ଫସଲ ଅମଳ ବଢ଼ିପାରିବ।

**ଜୀବାଣୁ ସାର କ'ଣ:** ଜୀବାଣୁ ସାର ସୁକ୍ଷ୍ମ ଅଣୁଜୀବଙ୍କୁ ବୁଝାଏ। ମାଟିରେ କୋଟି କୋଟି ସଂଖ୍ୟାରେ ଏମାନେ ରହିଥାନ୍ତି। ମାତ୍ରାଧିକ ରାସାୟନିକ ସାର, କୀଟନାଶକ, ତୃଣକମାରୀର ପ୍ରୟୋଗ, ଖତ ପରିମାଣ କମ ହେତୁ ମାଟିରେ ସୁକ୍ଷ୍ମ ଅଣୁଜୀବଙ୍କର ସଂଖ୍ୟା କମି ଯାଉଛି। ତେଣୁ ସୁକ୍ଷ୍ମ ଅଣୁଜୀବଙ୍କୁ ପରୀକ୍ଷାଗାରରେ କଲଚର କରାଯାଇ ପ୍ୟାକେଟ ଭିତରେ ରଖାଯାଏ। ପରବର୍ତ୍ତୀ ସମୟରେ ଏହାକୁ ଫସଲ ଉତ୍ପାଦନ କାର୍ଯ୍ୟରେ ବ୍ୟବହାର କରାଯାଉଛି।

ଡାଲି ଜାତୀୟ ଫସଲ ପାଇଁ ବ୍ୟବହୃତ ଜୀବାଣୁ ସାର ମଧ୍ୟରେ 'ରାଇଜୋବିୟମ କଲଚର' ଏବଂ 'ଫସ୍‌ଫରସ ସଲ୍ୟୁଏବଲାଇଜିଂ ବ୍ୟାକ୍ଟେରିଆ ( ପି. ଏସ. ବି )' ପ୍ରମୁଖ ହୋଇଥାଏ। ରାଇଜୋବିୟମ କଲଚର ଚେରରେ ଗଣ୍ଠି ବୃଦ୍ଧି କରିବା ସହ ଫସଲକୁ ଯବକ୍ଷାରଜାନ ସାର ଯୋଗାଏ। ଫସ୍‌ଫରସ ସଲ୍ୟୁଏବଲାଇଜିଂ ବ୍ୟାକ୍ଟେରିଆ ମୃତ୍ତିକାରେ ବାନ୍ଧି ରହିଥିବା ଫସ୍‌ଫରସ ସାରକୁ ମୁକ୍ତ ଅବସ୍ଥାକୁ ଆଣି ଫସଲକୁ ସହଜଲବ୍ଧ କରିଥାଏ।

୧ କେଜି ବିହନ ପାଇଁ ୧୦-୨୦ ଗ୍ରାମ ରାଇଜୋବିୟମ କଲଚର ଆବଶ୍ୟକ ପଡେ। ପ୍ରଥମେ ରାଇଜୋବିୟମ କଲଚର ସହ ଦ୍ୱିଗୁଣ ପାଣି ବା ଥଣ୍ଡା ପେଜ ମିଶାଇ ବହଳିଆ ମଣ୍ଡ ପ୍ରସ୍ତୁତ କରାଯାଏ। ଉକ୍ତ ମଣ୍ଡକୁ ଡାଲି ଜାତୀୟ ବିହନ ଉପରେ ଗୋଳାଇ ଛାଇରେ ରଖାଯାଏ। ସେହିପରି ଫସ୍‌ଫରସ ସଲ୍ୟୁଏବଲାଇଜିଂ ବ୍ୟାକ୍ଟେରିଆ ଜୀବାଣୁ ସାରକୁ ବିହନ ପ୍ରତି ୧୦-୨୦ ଗ୍ରାମ ନେଇ ଦ୍ୱିଗୁଣ ପାଣି ବା ଥଣ୍ଡା ପେଜ ସହ ଗୋଳାଇ ଏକ ମଣ୍ଡ ପ୍ରସ୍ତୁତ କରିବାକୁ ପଡେ। ଉକ୍ତ ମଣ୍ଡକୁ ବିହନରେ ଗୋଳାଇ ଛାଇ ଜାଗାରେ ରଖା ଯାଏ। ବିହନକୁ ସାଧାରଣତଃ ସକାଳ କିମ୍ବା ଅପରାହ୍ନରେ ବୁଣାଗଲେ ଜୀବାଣୁ ସାରର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ। ଖରାରେ ପ୍ରୟୋଗ କଲେ ସେଥିରେ ଥିବା ଜୀବାଣୁ ମାନେ ନଷ୍ଟ ହୋଇଯାନ୍ତି। ଉକ୍ତ ଜୀବାଣୁ ସାରକୁ ଗୋବର ଖତ ସହ ମିଶାଯାଇ ଜମିରେ ପକା ଯାଇ ପାରିବ। ଡାଲି ଜାତୀୟ ଫସଲ ଉତ୍ପାଦନରେ 'ମଲିବଡେନମ ଅଣୁସାର'ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ୧୦ କେଜି ବିହନ ପ୍ରତି ୩ଗ୍ରାମ ମଲିବଡେନମ ଅଣୁସାର ପ୍ରୟୋଗ କଲେ ଡାଲି ଜାତୀୟ ଫସଲର ଉତ୍ପାଦନ ବଢିଥାଏ। ଠିକ ସେହିପରି 'ଗନ୍ଧକ ସାର' ପ୍ରୟୋଗ ଦ୍ୱାରା ମଧ୍ୟ ଫସଲ ଉତ୍ପାଦନ ବଢିବା ସହ ଦାନା ହୃଷ୍ଟପୁଷ୍ଟ ହୋଇଥାଏ। ସମନ୍ୱିତ ଖାଦ୍ୟ ସାର ପରିଚାଳନାରେ ଡାଲି ଚାଷ କରାଗଲେ ଫସଲର ଉତ୍ପାଦନ ବୃଦ୍ଧି ପାଇବ।


ଗ୍ରାମ୍ୟ କୃଷି କର୍ମଚାରୀ
ବେଗୁନିଆ, ଖୋର୍ଦ୍ଧା


## କ୍ଷୁଦ୍ରଚାଷୀଙ୍କ ପାଇଁ କୃଷି ଯନ୍ତ୍ର



ପାରମ୍ପରିକ ପ୍ରଣାଳୀରେ ଚାଷ ଦ୍ୱାରା ଖର୍ଚ୍ଚ ଅଧିକ ବଢ଼ିଥାଏ। ଏହାଦ୍ୱାରା ଚାଷ କମ୍ କରିବାକୁ ପଡ଼େ। ଖର୍ଚ୍ଚ କମେ। ଅମଳରେ ପରିବର୍ତ୍ତନ ହୁଏ ନାହିଁ। ତେଣୁ ବିହାର, ବାଙ୍କା ଜିଲ୍ଲାର ମହମ୍ମଦ କମର ତୌହୀଦ କ୍ଷୁଦ୍ର ଚାଷୀମାନଙ୍କ ପାଇଁ ଏକ ଉପଯୁକ୍ତ କୃଷି ଯନ୍ତ୍ର ବାହାର କରିଛନ୍ତି। ମହମ୍ମଦ ପେଶାରେ ଜଣେ ମେକାନିକାଲ ଇଞ୍ଜିନିୟର। ୪୦,୦୦୦ଟଙ୍କା ଖର୍ଚ୍ଚରେ ଏହି ଯନ୍ତ୍ର କରିଛନ୍ତି। ଏଥିରେ ୫ ହର୍ସପାୱାର ସିଙ୍ଗଲ ସିଲିଣ୍ଡର, ଏୟାରକୁଲ୍ଡ ଡିଜେଲ ଏବଂ ବ୍ୟବହୃତ ହଳ ଇଞ୍ଜିନ ଆଦି ଲଗାଇଛନ୍ତି। ଯନ୍ତ୍ରଟି ୫ ଫୁଟ ଲମ୍ବା ଏବଂ ୨.୫ ଫୁଟ ଚଉଡା। ଆବଡ଼ା ଖାବଡା ଜମିରେ ଏହି ଯନ୍ତ୍ରଟି ବେଶ ସହଜରେ ଚାଲିପାରିବ। ତେଣୁ ମହମ୍ମଦ ବିନା ଟାୟାରରେ ଏହି କୃଷିଯନ୍ତ୍ରଟିକୁ ତିଆରି କରିଛନ୍ତି। ଏହା ଏକାଧିକ କାମ କରି ଚାଷୀଙ୍କ ସମସ୍ୟା ଦୂର କରି ପାରିବ। ସାଧାରଣତଃ ବିହନ ବୁଣା ଶେଷ ହେବା ପରେ ଚାଷୀ ଏହାର ଇଞ୍ଜିନକୁ ଖୋଲି ଜମିରେ ପାଣି ମଡାଇବା ତଥା ଅମଳ କରିବାରେ ବ୍ୟବହାର କରିପାରିବେ। ଏହି କୃଷି ଯନ୍ତ୍ରଟି ଏକ ହେକ୍ଟର ଜମିରେ ମାତ୍ର ୮ ରୁ ୯ ଘଣ୍ଟାରେ ହଳ ଏବଂ ବୁଣା କାମ କରିଥାଏ।

## ଡ୍ରାଗନ୍‌ଫ୍ରୁଟ୍ ସହିତ ସପୁରୀ ଚାଷ

**ଆମ ରାଜ୍ୟରେ ଜଳବାୟୁର ଅନୁକୂଳ ପାଣିପାଗ ଅଭାବ ସତ୍ତ୍ୱେ ଡ୍ରାଗନ୍‌ଫ୍ରୁଟ୍ ଚାଷ ହେଉଛି। ଏହି ଚାଷ ପାଇଁ ବାଲିଆ, ମାଙ୍କଡିଆ ପଥର ଏବଂ ଲାଲ୍ ମାଟି ଉପଯୁକ୍ତ। ତେବେ ଚାଷୀଭାଇ ଡ୍ରାଗନଫ୍ରୁଟ୍ ସହିତ ସପୁରୀ ଚାଷ ବି କରିପାରିବେ। ଏହା ଦ୍ୱାରା ଆୟ ଦ୍ୱିଗୁଣିତ ହୋଇପାରିବ।**



ଚାଷପାଇଁ ମାଟିକୁ ସମତଳ କରି ମାଟିକୁ ଉପର ତଳ କରାଯାଏ। ଡ୍ରାଗନଫ୍ରୁଟ ପାଇଁ ଜମିରେ ସିମେଣ୍ଟ ଖୁଣ୍ଟି ବନାଇ ଉପରେ ଗୋଲାକାର କିମ୍ବା ଚାରିକୋଣିଆର ବାଡ ସେଟିଂ କରାଯାଏ। ଡ୍ରାଗନଫ୍ରୁଟ୍ ଗଛରୁ ଗଛ ଦୂରତା ୨ରୁ ୫ଫୁଟ ରଖି ଦୁଇଟି ଧାଡ଼ି ମଧ୍ୟରେ ସପୁରୀ ଚାରା ଲଗାଯାଏ। ସପୁରୀ ଚାରାରୁ ଅନ୍ୟ ସପୁରୀ ଚାରା ଦୂରତା ୨ରୁ ଅଢ଼େଇ ଫୁଟ ରହିବ। ଶୁଷ୍କ ଅଞ୍ଚଳରେ ଏହି ଗଛ ବଢ଼ିପାରେ। ଜଳସିଞ୍ଚନକୁ ନେଇ ଚିନ୍ତା ନ ଥାଏ। ପ୍ରଥମ ଥର ଅଧ ଏକରରେ ଚାଷ ଆରମ୍ଭ କରିପାରିବେ। ଜୈବିକ ଖତ ପ୍ରୟୋଗ କରିବା ଆବଶ୍ୟକ। ଡ୍ରାଗନଫ୍ରୁଟ ଦର କିଲୋ ପ୍ରତି ୧୫୦ରୁ ୩୦୦ ଟଙ୍କା ହୋଇଥାଏ। ସେହିପରି ସପୁରୀ କେଜି ପିଛା ୪୦ରୁ ୭୦ଟଙ୍କା ଥାଏ। ତେଣୁ ଚାଷୀ ଉଭୟ ଫଳରୁ ଲାଭବାନ ହୋଇପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଡାଲୁଅ ଧାନର ବୁଣାବୁଣି କାର୍ଯ୍ୟ ଜାରି ରଖନ୍ତୁ। ଧାନ ତଳିଘରାକୁ ରାତ୍ରି ସମୟରେ ପଲିଥିନ୍‌ରେ ଘୋଡାଇ ରଖନ୍ତୁ।
- ସୂର୍ଯ୍ୟମୁଖୀ ଫସଲରେ କୋଡ଼ାଖୋସା କରି ଘାସ ବାଛି ଯବକ୍ଷାରଜାନଯୁକ୍ତ ସାରକୁ ପ୍ରୟୋଗ କରନ୍ତୁ।
- ଆଳୁ ଫସଲରେ ଜଳସେଚନ କରନ୍ତୁ।
- ଅଧିକ ଥଣ୍ଡା ସମୟରେ ଗୁହାଳରେ ପଲିଥିନ୍ କିମ୍ବା ଅଖା ଆଚ୍ଛାଦିକରଣର ବ୍ୟବସ୍ଥା କରନ୍ତୁ।
- କୁକୁଡ଼ା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ ହିଟର କିମ୍ବା ୨୦୦ ୱାଟ ବଲ୍ ଲଗାନ୍ତୁ।
- ମାଛଙ୍କ ଦେହରେ କବକ, ପରଜୀବୀଜନିତ ରୋଗ ନିରାକରଣ ପାଇଁ ଏକ ଏକର ପୋଖରୀ ପ୍ରତି ସିଫାକ୍ସ ୪୦୦ ମିଲି ୪୦ ଲିଟର ପାଣିରେ ମିଶାଇ ବିଶୋଧନ କରନ୍ତୁ।

## ଦୁଗ୍ଧ ଚାଷୀଙ୍କୁ 'କାମଧେନୁ' ଯନ୍ତ୍ରଣା

# ମିଳୁନି ସବ୍‌ସିଡି; ଗାଈ ବିକି ଋଣ ପରିଶୋଧ

ଭୁବନେଶ୍ୱର,୨୯।୧୨(ହୋଟିମିନ୍ ଦେବତା):

ଗୋପାଳକଙ୍କୁ ହସାଇବାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିଲେ କାମଧେନୁ ଯୋଜନା। ହେଲେ ଏହି ଯୋଜନା ଏବେ ଦୁଗ୍ଧଚାଷୀଙ୍କୁ କନ୍ଦାଇବା ଆରମ୍ଭ କରିଛି। ସବ୍‌ସିଡିର ପ୍ରତିଶ୍ରୁତି ଦେଖି ଏହି ଯୋଜନା ପ୍ରତି ଚାଷୀ ଆଗ୍ରହ ପ୍ରକାଶ କରୁଛନ୍ତି, ହେଲେ ଥରେ ଏଥିରେ ହିତାଧିକାରୀ ହେବା ପରେ ମାୟାଜାଲରୁ ଚାଷୀ ବାହାରି ପାରୁନାହାନ୍ତି। ୨ ଲକ୍ଷ ଟଙ୍କା ଋଣ କରି ରାଜ୍ୟ ବାହାରୁ ଗାଈ କିଣିଥିଲେ ସୁଦ୍ଧା ସରକାର ସେମାନଙ୍କୁ ସବସିଡ଼ି ଦେଉ ନାହାନ୍ତି । ଏପଟେ ସରକାରୀ ସବସିଡ଼ି ନ ମିଳିବା ଓ ସେପଟେ ଋଣ ଉପରେ ସୁଧ ଚାପ ଚାଷୀଙ୍କୁ ନାକେଦମ୍ କଲାଣି। ଫଳରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଚାଷୀ ରାଜ୍ୟ ବାହାରୁ କିଣିଥିବା ଗୋରୁଙ୍କୁ ବିକି ଋଣ ପରିଶୋଧ କରବାକୁ ବାହାରିଛନ୍ତି।

ରାଜ୍ୟକୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ସଶକ୍ତ କରିବାକୁ ପୂର୍ବ ସରକାରଙ୍କ ଯୋଜନାକୁ ପରିବର୍ତ୍ତନ କରାଯାଇ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ପରିବର୍ତ୍ତନ କରାଗଲା। ଦୁଗ୍ଧ ଚାଷୀ ରାଜ୍ୟ ବାହାରୁ ଗାଈ କିଣିବାକୁ ଏଥିରେ ସର୍ତ୍ତ ରଖାଗଲା। ରାଜ୍ୟ ବାହାରୁ ଦୁଧିଆଳୀ ଗାଈ କିଣିଲେ ୭୦ ପ୍ରତିଶତ ସବସିଡ଼ି ଦିଆଯିବ ବୋଲି କୁହାଗଲା। ଏଥିପାଇଁ ବ୍ୟାପକ ପ୍ରଚାର ହେଲା। ରାଜ୍ୟ ବାହାରୁ ଦୁଇଟି ଗାଈର ମୂଲ୍ୟ ୧.୬ ଲକ୍ଷ ଓ ଗୁହାଳ ପାଇଁ ଖର୍ଚ୍ଚ ହେବାକୁଥିବା ୫୦ ହଜାର ଟଙ୍କାକୁ ମିଶାଇ ପୁରା ଯୋଜନାରେ ୨.୩ ଲକ୍ଷ ଟଙ୍କା ଚାଷୀଙ୍କୁ ଦିଆଯିବାକୁ ସ୍ଥିର ହେଲା। ଏଥିରୁ ୭୦% ଅର୍ଥାତ୍ ୧.୬୧ ଲକ୍ଷ ଟଙ୍କା



ସରକାର ରିଆତି ଦେବାକୁ ବି ଘୋଷଣା କରାଗଲା। ଚାଷୀ କରଜ କରି ଗୁହାଳ ତିଆରି କଲେ। ରାଜ୍ୟ ସରକାରଙ୍କ ସର୍ତ୍ତ ଅନୁସାରେ ଗୁଜରାଟରୁ, ଆନ୍ଧ୍ରରୁ ଗାଈ କିଣି ଆଣିଲେ । ମାତ୍ର ମାସ ପରେ ମାସ ବିତିବା ପରେ ଆଉ ରିଆତି ମିଳିଲା ନାହିଁ । ଇତିମଧ୍ୟରେ ୩ ମାସ ବିତିଗଲାଣି, ମାତ୍ର ସବସିଡ଼ି ଆସୁନାହିଁ ।

ସବ୍‌ସିଡି କଣ ପାଇଁ ମିଳୁନାହିଁ ବୋଲି ଜାଣିବାକୁ ଚାଷୀ ପ୍ରଥମେ ଏଲ୍ଆଇଙ୍କ ପାଖକୁ ଯାଉଛି। ଏଲ୍ଆଇ କିଛି କହି ନ ପାରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀମାନେ ସିଡିଭିଓଙ୍କ କାର୍ଯ୍ୟାଳୟକୁ ଯିବାକୁ କହୁଛନ୍ତି। ମାତ୍ର ସେଠାରେ ବି କିଛି ଆଶ୍ୱାସନା ମିଳୁନାହିଁ। ଅତିରିକ୍ତ ବଜେଟ୍ ପାସ୍ ହେଲା ପରେ ସବ୍‌ସିଡି ଟଙ୍କା ମିଳିଯିବ ବୋଲି କୁହାଗଲା। ମାତ୍ର ଡ଼ିସେମ୍ବର ମାସ ସରିବାକୁ ବସିଲାଣି, ସବସିଡ଼ି ଚାଷୀଙ୍କୁ ମିଳି ପାରିଲା ନାହିଁ। ଏବେ ପଶୁ ସମ୍ପଦ ବିଭାଗ ନିର୍ଦ୍ଦେଶାଳୟରେ ଫାଇଲ ଅଟକିଯାଇଛି ଓ ମାନବସମ୍ବଳ ଅଭାବରୁ ଫାଇଲ୍ ଆଗକୁ ବଢ଼ି ପାରୁନାହିଁ ବୋଲି କୁହାଯାଉଛି। ଅଧିକାଂଶ ଫାଇଲ୍‌ରେ ସବ୍‌ସିଡି ରିଲିଜ୍ ଅପେକ୍ଷା(ପେଣ୍ଡିଂ ଫର୍ ରିଲିଜ୍) ବୋଲି ଦର୍ଶାଉଛି। ଏଣୁ ଆମେ ସବୁ କାମ କରି ଦେଉଛୁ। ଏବେ ଆମ ହାତରେ କିଛି ନାହିଁ ବୋଲି ଅଧିକାରୀମାନେ କହୁଛନ୍ତି। ତେଣୁ ଚାଷୀ ଆକାଶକୁ ଚାହିଁ ବସିଛି । ବଲାଙ୍ଗୀର, କୋରାପୁଟ୍, ମୟୂରଭଞ୍ଜ, ସମ୍ବଲପୁର, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର, ରାୟଗଡା ଭଳି ଦୂର ଦୁରାନ୍ତ ଅଞ୍ଚଳର ଚାଷୀ କଣ ସବ୍‌ସିଡି ଟଙ୍କା ବୁଝିବାକୁ କଟକ କି ଭୁବନେଶ୍ୱର ଆସିବେ କି ବୋଲି ପ୍ରଶ୍ନ ଉଠିଛି ।

ଏଭଳି ପରିସ୍ଥିତିରେ ଚାଷୀ ଧାର ଶୁଝି ପାରୁନାହାନ୍ତି। ବ୍ୟାଙ୍କରେ ଋଣ ଭାର ବଢ଼ିବାରେ ଲାଗିଛି। ସବ୍‌ସିଡି ଟଙ୍କା ନ ମିଳିବାରୁ ବ୍ୟାଙ୍କ୍‌ରେ କିସ୍ତି ଦେବା ପାଇଁ ପୁଣି ଧାର କରିବାକୁ ପଡୁଛି। ଏଭଳି ଚାଲିଲେ କ୍ଷତି ସହୁ ପଛେ ବାଧ ହୋଇ ଗାଈ ବିକ୍ରି କରିଦେବୁ ବୋଲି କୁନାମଣି ଦାସ ନାମକ ଚାଷୀ କହିଛନ୍ତି। କେବଳ କୁନାମଣି ନୁହନ୍ତି ବିଭିନ୍ନ ଜିଲ୍ଲାର ଅଧିକାଂଶ ଚାଷୀ ସମାନ ମତ ଦେଉଛନ୍ତି। ଏସମ୍ପର୍କରେ କାମଧେନୁ ଯୋଜନା ପରିଚାଳନା କରୁଥିବା ଉପ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଖୁଣ୍ଟିଆ କହିଛନ୍ତି ଯେ ଚାଷୀଙ୍କ ସବସିଡ଼ି ୧୫ ଦିନ ମଧ୍ୟରେ ମିଳିଯିବା କଥା । ମାତ୍ର ତାହା ବିଳମ୍ବ ହୋଇଛି। ଆମେ ଏଥିପାଇଁ ଏବେ ସିଧାସଳଖ ଏକ ଆପ୍ ମାଧ୍ୟମରେ ବ୍ୟାଙ୍କ ଆକାଉଣ୍ଟ ଲିଙ୍କ୍ କରି ସବ୍‌ସିଡି ପ୍ରଦାନ କରିବାକୁ ଯୋଜନା କରୁଛୁ ବୋଲି ସେ କହିଛନ୍ତି । ମାତ୍ର ଚାଷୀଙ୍କୁ କେବେ ସବସିଡ଼ି ମିଳିବ ସେ ସମ୍ପର୍କରେ ସେ ସ୍ପଷ୍ଟ ଭାବରେ କିଛି କହିପାରିନାହାନ୍ତି ।

# ଆଜି ରଥକାଠ ଚିହ୍ନଟ ଅନୁକୂଳ ପୂଜା



ପୁରୀ/ନୟାଗଡ଼, ୨୯।୧୨ (ସମିସ): ୨୦୨୬ ରଥଯାତ୍ରା ପାଇଁ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ନୟାଗଡ଼ ଜିଲ୍ଲା ଗଣିଆର ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ରଥ ପାଇଁ କାଠ ଚିହ୍ନଟ ଓ କାଟିବା ଅନୁକୂଳ ହୋଇଥାଏ। ଏଥିଲାଗି

■ ନୟାଗଡ଼ ଗଲେ୫ ଜଣିଆ ଟିମ୍
■ ଏଥର ଆସିବ ୮୧୮ ଖଣ୍ଡ କାଠ

ସୋମବାର ଅପରାହ୍ଣରେ ଦାରୁବିଗ୍ରହଙ୍କ ଲାଗି ଖଣ୍ଡୁଆ, ମାଳ, ମାହାର୍ଦ୍ଧ, ପଟନୀ, ଧୂପ, ଦୀପ ନେଇ ଶ୍ରୀମନ୍ଦିରର ୫ ଜଣିଆ ଟିମ୍ ନୟାଗଡ଼ ଅଭିମୁଖେ ଯାତ୍ରା କରିଛନ୍ତି। ରଥ ତତ୍ତ୍ୱାବଧାରକ ଚିତ୍ରସେନ ମହାପାତ୍ରଙ୍କ ନେତୃତ୍ୱରେ ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ ପ୍ରମୁଖ ନୟାଗଡ଼ ଅଭିମୁଖେ ଯାତ୍ରା କରିଛନ୍ତି। ମଙ୍ଗଳବାର ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ରଥ ପାଇଁ କାଠ କଟା ଅନୁକୂଳ ହେବ।

ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୪୭ ଖଣ୍ଡ ବଳକା ରହିଛି। ବାକି ୮୧୮ ଖଣ୍ଡ କାଠ ଏଥର ଆସିବ। ଏହି କାଠ ମଧ୍ୟରୁ ଖପୁରିଆସ୍ଥିତ କରତ କଳକୁ ୪୦୨ ଖଣ୍ଡ ଏବଂ ରଥଖଳାକୁ ୪୧୬ଖଣ୍ଡ କାଠ ଆସିବ। ତତ୍ତ୍ୱାବଧାରକ ମହାପାତ୍ର କହିଛନ୍ତି, ରଥ ନିର୍ମାଣ ପାଇଁ ଅସନ, ଧଉରା, ଫାଶି, ଶିମିଳି କାଠ ଆସିଥାଏ। ଏଥର ୮୧୮ ଖଣ୍ଡ କାଠ ଆସିବ। ବସନ୍ତ ପଞ୍ଚମୀ ପୂର୍ବରୁ ୨ ଟ୍ରିପ୍ କାଠ ରଥଖଳାରେ ପହଞ୍ଚିବ। ପରମ୍ପରା ଅନୁଯାୟୀ, ସେଥିମଧ୍ୟରୁ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ବସନ୍ତ ପଞ୍ଚମୀ ତିଥିରେ ଅନୁକୂଳ କରାଯିବ। ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯିବାର ବିଧି ରହିଛି।

# ବର୍ଷେ ହେଲା ସରୁନି ଏଲ୍‌ଟିଆର୍ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା

ଭୁବନେଶ୍ୱର, ୨୯ ।୧୨ (ସମିସ): ଦୀର୍ଘ ବର୍ଷେ ପରେ ମଧ୍ୟ ଲିଭ୍ ଟ୍ରେନିଂ ରିଜର୍ଭ (ଏଲ୍‌ଟିଆର୍) ନିଯୁକ୍ତି ସରିଲା ନାହିଁ। ପିସିଏମ୍, ସିବିଜେଡ୍, ପିଇଟି, ଓଡ଼ିଆ, ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ଗୋଟିଏ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ସମାନ ସମୟରେ ନିଯୁକ୍ତି ଦେବାରେ ସରକାର ବିଫଳ ହୋଇଛନ୍ତି। ବିଜ୍ଞପ୍ତି ଓ ପରୀକ୍ଷା ପରିଚାଳନାରେ ଏକାଧିକ ତ୍ରୁଟି ପାଇଁ ଆଶାୟୀମାନେ କୋର୍ଟଙ୍କ ଦ୍ୱାରସ୍ଥ ହେଉଥିବାରୁ ପ୍ରକ୍ରିୟା ସରିପାରୁନାହିଁ। ପିସିଏମ୍, ସିବିଜେଡ୍ ପିଲା ନିଯୁକ୍ତି ପାଇ ସାରିଥିବା ବେଳେ ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ଦିନ ପିଇଟି ଶିକ୍ଷକମାନେ ନିଯୁକ୍ତି ପାଇବେ। ମାତ୍ର ଅନ୍ୟ ସମସ୍ତ ଶିକ୍ଷକଙ୍କ ନିଯୁକ୍ତି ପ୍ରକ୍ରିୟା କେବେ ସରିବ, ସେନେଇ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଉନି। ଫଳରେ ଓଡ଼ିଶା ଶିକ୍ଷକ ଆଶାୟୀମାନେ ସୋମବାର ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପରୀକ୍ଷା ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦାବି କରିଛନ୍ତି।

ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଆ ଶିକ୍ଷକ ଆଶାୟୀଙ୍କ ଆନ୍ଦୋଳନ



ଓଡ଼ିଆ ଶିକ୍ଷକ ଆଶାୟୀଙ୍କ ଅଭିଯୋଗ ଅନୁଯାୟୀ, ପରୀକ୍ଷା ସରିବା ପରେ ଗତ ୩ ତାରିଖରେ ଆନ୍‌ସାର୍-କୀ ପ୍ରକାଶ ପାଇଥିଲା। କୌଣସି ଉତ୍ତରକୁ ନେଇ ଆପତ୍ତି ଥିଲେ, ପରୀକ୍ଷାର୍ଥୀଙ୍କୁ ଆବେଦନ ପାଇଁ ସୁଯୋଗ ମିଳିଥିଲା। ସେମାନେ ମଧ୍ୟ ସମୟସୀମା ମଧ୍ୟରେ ଆବେଦନ କରିଥିଲେ। ଏହାପରେ ଗତ ୧୮ ତାରିଖରେ ଚୂଡ଼ାନ୍ତ ଆନ୍‌ସାର୍-କୀ ପ୍ରକାଶ ପାଇଥିଲା। ହେଲେ ପୁଣିଥରେ ଆପତ୍ତି କରିବାକୁ ସୁଯୋଗ ଦେଇ ଓଏସ୍‌ଏସ୍‌ସି ପ୍ରକ୍ରିୟାକୁ ବିଳମ୍ବିତ କରୁଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ଆସନ୍ତାକାଲି ପିଇଟି ଶିକ୍ଷକମାନେ ନିଯୁକ୍ତି ପାଇବାକୁ ଯାଉଥିବା ବେଳେ ସେମାନଙ୍କ ପ୍ରକ୍ରିୟା ମଧ୍ୟ ତୁରନ୍ତ ସାରିବାକୁ ଦାବି କରିଛନ୍ତି। ଆଜି ହିଁ ପ୍ରମାଣପତ୍ର ଯାଞ୍ଚ ପାଇଁ ତାଲିକା ପ୍ରକାଶ କରିବାକୁ ଦାବି କରିବା ସହ ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବହୁ ଓଡ଼ିଆ ଶିକ୍ଷକ ଆଶାୟୀ ଆନ୍ଦୋଳନ କରିଛନ୍ତି। ସମସ୍ୟାର ସମାଧାନ କରାନଗଲେ, ଆଗକୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ନିର୍ମାଣାଧୀନ କାନ୍ଥପଡ଼ି ଶ୍ରମିକ ମୃତ

ବାଲେଶ୍ୱର,୨୯ ।୧୨(ସମିସ): ବାଲେଶ୍ୱର ଟାଉନ୍ ଥାନା ଅନ୍ତର୍ଗତ କଂଗ୍ରେସ ଗଳିରେ ନିର୍ମାଣାଧୀନ ଘରର କାନ୍ଥ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଚାନ୍ଦିପୁର ଥାନା ସାହାର୍ଦ୍ଦା ଗ୍ରାମର ବାବୁଲି ପାତ୍ର। କଂଗ୍ରେସ ଗଳିରେ ଏକ ଘର ନିର୍ମାଣ କାମ ଚାଲୁଥିଲା। ସେହି ସମୟରେ ହଠାତ୍ ଉକ୍ତ କାନ୍ଥଟି ବାବୁଲିଙ୍କ ଉପରେ ପଡ଼ିଯାଇଥିଲା। ତୁରନ୍ତ ଅନ୍ୟ ଶ୍ରମିକଙ୍କ ସହଯୋଗରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟଜଣେ ଶ୍ରମିକ ମଧ୍ୟ ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରହିଛନ୍ତି। ଏନେଇ ଟାଉନ୍ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ପ୍ରକାଶ ମହାନ୍ତି ହତ୍ୟା ମାମଲା

# ହାତୁଡ଼ିରେ ପିଟି ମାରିବା ପରେ ପୋତି ଦେଇଥିଲେ!

ବିନିକା, ୨୯ ।୧୨(ସମିସ): ବିନିକା ଏନ୍‌ଏସି ଅଧୀନ ଗୁଲାପଡ଼ା ଗ୍ରାମର ପ୍ରକାଶ ମହାନ୍ତି ହତ୍ୟା ମାମଲାରେ ବିନିକା ପୁଲିସ ଆଜି ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ମୁଖ୍ୟ ଅଭିଯୁକ୍ତ ଅଜିତ ସେବକ ଓରଫ ମଣ୍ଟୁ (୩୩),



ଲେନଗଟ ଓରଫ ଶେଖର ପଧାନ (୨୪), ତପୁନ ପଧାନ (୨୬)। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏଥିରେ ସଂପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର୍ ଥିବା ଜଣାଯାଇଛି। ରାତ୍ରି ଭୋଜନ ପରେ କୌଣସି କାରଣକୁ ନେଇ ପ୍ରକାଶଙ୍କ ସହ ଅଭିଯୁକ୍ତମାନଙ୍କ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସେମାନେ ଏକ ହାତୁଡ଼ିରେ ପ୍ରକାଶଙ୍କ ମୁଣ୍ଡକୁ ପିଟି ହତ୍ୟା କରିବା ପରେ ପୂର୍ବରୁ ଖୋଳା ହୋଇଥିବା ଏକ ଗାତରେ ପକାଇ ପୋତି ଦେଇଥିଲେ। ଆଜି ଅପରାହ୍ଣରେ ବିନିକା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଏହି ସୂଚନା ଦେଇଛନ୍ତି। ତଦନ୍ତ ପ୍ରକ୍ରିୟାକୁ ଜୋରଦାର୍ କରଯାଇଛି। ଖୁବ୍‌ଶୀଘ୍ର ହତ୍ୟାର କାରଣ ପର୍ଦ୍ଦାଫାସ ହେବ ବୋଲି ଏସଡିପିଓ ସୂଚନା ଦେଇଛନ୍ତି।

ଏସ୍‌ଡିପିଓଙ୍କ ସୂଚନାନୁସାରେ, ୧୮ ତାରିଖ ସନ୍ଧ୍ୟାରୁ

### ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

ପ୍ରକାଶ ନିଖୋଜ ଥିବା ନେଇ ତାଙ୍କ ସ୍ତ୍ରୀ ବନିତା ମହାନ୍ତି ୨୩ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ତରଫରୁ ତଦନ୍ତ ଚାଲିଥିବା ବେଳେ ପୁନର୍ବାର ସ୍ତ୍ରୀ ବନିତା ତାଙ୍କ ସ୍ୱାମୀଙ୍କୁ ତାଙ୍କ ସହଯୋଗୀମାନେ ହତ୍ୟା କରି ମାଟିରେ ପୋତି ଦେଇଥିବା ଅଭିଯୋଗ ଆଣିଥିଲେ। ପରେ ମୃତ ପ୍ରକାଶଙ୍କ ସହ କାମ କରୁଥିବା ସହଯୋଗୀମାନଙ୍କୁ ଥାନାକୁ ଆଣି ଅଟକ ରଖିଥିଲେ। ପଚରାଉଚରା ପରେ ପରେ ହତ୍ୟା ଘଟଣାର ରହସ୍ୟ ଉନ୍ମୋଚନ ହୋଇଥିଲା। ରବିବାର ମୃତ ପ୍ରକାଶର ଜଣେ ସହଯୋଗୀକୁ ଧରି ପୁଲିସ ଘଟଣାସ୍ଥଳ କୁଲେର ଯୋର ନିକଟ ନାଳକୁ ଯାଇ ମାଟିରେ ପୋତା ହୋଇଥିବା ପ୍ରକାଶର ଶବକୁ ଉଦ୍ଧାର କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ବିନିକା ଥାନା ଅଧିକାରୀ ସତ୍ୟନାରାୟଣ ନାୟକ, ଏସ୍‌ଆଇ ପ୍ରସନ୍ନଜିତ୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଠିକାଦାରଙ୍କ ଘରୁ ଲୁଟିନେଲେ ଟଙ୍କା, ସୁନା

ବ୍ରହ୍ମପୁର,୨୯ ।୧୨(ସମିସ): ନିମଖଣ୍ଡି ଥାନା ଅନ୍ତର୍ଗତ ନିମଖଣ୍ଡି କୋଣାର୍କନଗର ଦ୍ୱିତୀୟ ଲାଇନରେ ଥିବା ଏକ ତାଲାବନ୍ଦ ଘରୁ ବଡ଼ଧରଣର ଚୋରି ହୋଇଛି। ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଠିକାଦାର ସୀମାଞ୍ଚଳ ପାତ୍ର ଙ୍କ ଘରୁ ନଗଦ ୬ ଲକ୍ଷ ଟଙ୍କା ଏବଂ ୩୦ ଭରି ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ସୂଚନାନୁସାରେ, ପରିବାରଲୋକଙ୍କ ସହ ସୀମାଞ୍ଚଳ ସପ୍ତାହ ତଳେ କୌଣସି କାମରେ ବ୍ରହ୍ମପୁର ବାହାରକୁ ଯାଇଥିଲେ। ଗତକାଲି ଘରର ତାଲା ଭଙ୍ଗାଯାଇଥିବା ନେଇ ସୀମାଞ୍ଚଳଙ୍କ ପଡ଼ୋଶୀ ଲୋକେ ତାଙ୍କୁ ଫୋନ କରି ଜଣାଇଥିଲେ। ପରେ ସୀମାଞ୍ଚଳ ତାଙ୍କ ସମ୍ପର୍କୀୟ ରାଜେଶ ପଣ୍ଡାଙ୍କୁ କହିବା ପରେ

**ନଗଦ ୬ଲକ୍ଷ ଟଙ୍କା ଓ ୩୦ଭରି ସୁନା ଅଳଙ୍କାର ଚୋରି**

ସେ କୋଣାର୍କନଗର ୨ୟ ଲାଇନସ୍ଥିତ ସୀମାଞ୍ଚଳଙ୍କ ଘରେ ପହଞ୍ଚିଥିଲେ। ଭିତରକୁ ଯାଇ ଯାଞ୍ଚ ବେଳେ ଘରର ମୁଖ୍ୟ କବାଟର ତାଲା ଭଙ୍ଗାଯିବା ପରେ ଭିତରେ ଥିବା ଆଲମିରାର ତାଲା ଭଙ୍ଗା ଯାଇଥିବା ଜଣାପଡ଼ିଥିଲା। ଘର ଭିତରେ ଆସବାବପତ୍ର ଏପଟସେପଟ ହୋଇ ପଡ଼ିଥିବା ବେଳେ ଲକର୍‌ରେ ରଖାଯାଇଥିବା ନଗଦ ୬ ଲକ୍ଷ ଟଙ୍କା ଏବଂ ୩୦୦ ଗ୍ରାମ ସୁନା ଅଳଙ୍କାର ଗାଏବ ଥିଲା। କୌଣସି ଦୁର୍ବୃତ୍ତ ଘରୁ ସୁନା ଓ ଟଙ୍କା ଚୋରି କରି ଚମ୍ପଟ ମାରିଥିବା ଜଣାପଡ଼ିଥିଲା। ରାଜେଶଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି। ଆସନ୍ତାକାଲି ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରାଯିବ ବୋଲି କୁହାଯାଇଛି।

## ହୋଟେଲରୁ ଶବ ମିଳିବା ଘଟଣାର ପର୍ଦ୍ଦାଫାସ୍

# ସାଙ୍ଗର ପ୍ରେମିକା ସହ ଅବୈଧ ସମ୍ପର୍କରୁ ହତ୍ୟା

ବାଲେଶ୍ୱର, ୨୯।୧୨ (ସମିସ): ପ୍ରେମିକା ସହ ଅବୈଧ ସଂପର୍କ ରଖିବାରୁ ସାଙ୍ଗକୁ ମାରିଦେଲା। ଗତ ୨୫ ତାରିଖ ଦିନ ହୋଟେଲ ସୂରଜରେ ଘଟିଥିବା ଆକାଶ ମହାନ୍ତ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରି ସହଦେବଖୁଣ୍ଟା ପୁଲିସ ଏପରି ଚାଞ୍ଚଲ୍ୟକର ତଥ୍ୟ ଦେଇଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ରାମଚନ୍ଦ୍ର ସିଂ (୨୨) ଓ ତା' ପ୍ରେମିକା ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ ବଡ଼ଜାମବଣି ଅଞ୍ଚଳର ଜେମାମଣି ସିଂ(୨୭)କୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ପୂର୍ବରୁ ରାମଚନ୍ଦ୍ରକୁ ଅଟକ ରଖିଥିବା ବେଳେ ଜେମାମଣିଙ୍କୁ ଆଜି ଯାଜପୁରରୁ ଗିରଫ କରିଛି। ଦୁହେଁ ମିଶି ହୋଟେଲ ରୁମ୍‌ରେ ଆକାଶଙ୍କୁ ହତ୍ୟା କରିଥିଲେ ବୋଲି ପୁଲିସ କହିଛି।

ସୂଚନାନୁଯାୟୀ, ଆକାଶ ଓ ରାମଚନ୍ଦ୍ର ଦୁଇ ସାଙ୍ଗ। ସେମାନେ ହୋମ୍‌ଗାର୍ଡ ପରୀକ୍ଷା ପାଇଁ ଫର୍ମପୂରଣ କରିଥିଲେ। ଗତ ୨୫ ତାରିଖରେ ଆଡମିଟ୍ କାର୍ଡ ନେବା ପାଇଁ ଦୁହେଁ ବେତନଟୀ ଥାନାକୁ ଯାଇଥିଲେ। ସେଠାରେ ରାମଚନ୍ଦ୍ରଙ୍କ ଆଡମିଟ୍ କାର୍ଡ ନ ମିଳିବାରୁ ଏ ବାବଦରେ ବୁଝିବା ପାଇଁ ଦୁହେଁ ବାଲେଶ୍ୱର ପୁଲିସ ମୁଖ୍ୟାଳୟକୁ ଆସିଥିଲେ। ବାଟରେ ରାମଚନ୍ଦ୍ର ନିଜ ପ୍ରେମିକା ଜେମାମଣିଙ୍କୁ ବି ସାଙ୍ଗରେ ନେଇଥିଲା। ତିନିଜଣଯାକ ବିବାହିତ। ଜେମାମଣିଙ୍କ ଦୁଇଟି ପିଲା ଏବଂ ରାମଚନ୍ଦ୍ରର ମଧ୍ୟ ଗୋଟିଏ ସନ୍ତାନ ରହିଛି। କିନ୍ତୁ ଜେମାମଣି ଏବଂ ରାମଚନ୍ଦ୍ରଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ପରକୀୟା ପ୍ରୀତି ରହିଥିଲା। ଜେମାମଣିଙ୍କୁ ସେମାନେ ବାଲେଶ୍ୱର ବସ୍‌ଷ୍ଟାଣ୍ଡରେ ଛାଡ଼ି ଦୁହେଁ ହୋଟେଲ ସୂରଜରେ ଏକ ରୁମ୍ ବୁକ୍ କରିଥିଲେ। ପରେ ଜେମାମଣି ତାଙ୍କ ରୁମ୍‌କୁ ଆସିଥିଲା।

ଆକାଶ ଓ ରାମଚନ୍ଦ୍ର ବାଟରେ ମଦ ପିଇଥିବାରୁ ଦୁହିଁଙ୍କ କଥାବାର୍ତ୍ତା, ଚାଲିଚଳନ ବଦଳି ଯାଇଥିଲା। ବଜାରରୁ ଆହୁରି ମଦ ଓ ଅନ୍ୟାନ୍ୟ ସାମଗ୍ରୀ ଆଣିବା ପାଇଁ ଆକାଶଙ୍କୁ ରାମଚନ୍ଦ୍ର ପଠାଇଥିଲା। ଆକାଶ ରୁମ୍‌କୁ ଫେରିବା ବେଳକୁ ଜେମାମଣିଙ୍କ



ସହ ରାମଚନ୍ଦ୍ର ଅସଯତ ଅବସ୍ଥାରେ ଥିବା ଦେଖି ତା' ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ଏହାକୁ ନେଇ ଦୁଇ ସାଙ୍ଗଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ରାମଚନ୍ଦ୍ର ଆକାଶକୁ ଧକ୍କା ଦେବା ସହ ତା' ବେକକୁ ଚାପି ଧରି ଖଟ ଉପରେ ପକାଇ ଦେଇଥିଲା। ପରେ ସେ ପିନ୍ଧିଥିବା ସାର୍ଟକୁ ଚିରି ବେକରେ ଜୋରରେ ଭିଡ଼ି ଧରିଥିଲା। ଏହି ସମୟରେ ଜେମାମଣି ମଧ୍ୟ ଆକାଶର ଗୋଡ଼କୁ ଚାପି ଧରିଥିଲା। କିଛି ସମୟ ପରେ ଛଟପଟ ହୋଇ ଆକାଶର ମୃତ୍ୟୁ ଘଟିଥିଲା।

# ଦିଲ୍ଲୀ କର୍ତ୍ତବ୍ୟପଥରେ ଗଢ଼ିବ ଓଡ଼ିଶା ପ୍ରଜ୍ଞାପନ ମେଢ଼

ଭୁବନେଶ୍ୱର, ୨୯।୧୨(ସମିସ): ଆଗାମୀ ସାଧାରଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଗଢ଼ିବ ଓଡ଼ିଶାର ପ୍ରଜ୍ଞାପନ ମେଢ଼। 'ସମୃଦ୍ଧିର ମନ୍ତ୍ର ଆତ୍ମନିର୍ଭର ଭାରତ' ବିଷୟବସ୍ତୁ ଆଧାରରେ ହେବାକୁ ଥିବା ଏହି ପ୍ରଜ୍ଞାପନ ମେଢ଼ରେ



■ ବିଶ୍ୱ ଦେଖିବ ଆତ୍ମନିର୍ଭର ଭାରତ ଗଠନରେ ଓଡ଼ିଶାର ଅବଦାନ
■ ଝଲସିବ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ, ପରମ୍ପରା

ଆତ୍ମନିର୍ଭର ଭାରତ ଗଠନ କ୍ଷେତ୍ର (କୃଷିରୁ ସେମିକଣ୍ଡକ୍ଟର୍ ପର୍ଯ୍ୟନ୍ତ)ରେ ଓଡ଼ିଶାର ଅବଦାନ ଦେଖିବାକୁ ମିଳିବ। ଓଡ଼ିଶାର କୃଷି ଓ ସାଂସ୍କୃତିକ ସମୃଦ୍ଧିରୁ ଆରମ୍ଭ କରି ଆଧୁନିକ ଶିଳ୍ପ, ଦକ୍ଷତା ବିକାଶ ଏବଂ ନବସୃଜନ ଓ ପ୍ରଯୁକ୍ତିର ଏକ ସମ୍ମିଳିତ ଦୃଶ୍ୟ ଏହି ପ୍ରଜ୍ଞାପନ ମେଢ଼ରେ ସ୍ଥାନ ପାଇବ।

ଜାତୀୟ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ଓଡ଼ିଶା କିପରି ତାହାର ପ୍ରାକୃତିକ ସମ୍ପଦ, ସାଂସ୍କୃତିକ ଐତିହ୍ୟ, ମାନବସମ୍ବଳ ଏବଂ ପ୍ରଯୁକ୍ତିବିଦ୍ୟା ଉପଯୋଗରେ ଏକ ଆତ୍ମନିର୍ଭରଶୀଳ ଭାରତ ଗଠନକୁ ଇନ୍ଧନ ପ୍ରଦାନ କରୁଛି, ତାହା ପ୍ରଦର୍ଶିତ ହେବ। ମେଢ଼ର ବିଭିନ୍ନ ଅଂଶରେ କୋରାପୁଟ କଫିରୁ ଆରମ୍ଭ କରି ସିଲିକନ୍ ସେମିକଣ୍ଡକ୍ଟର୍ ପର୍ଯ୍ୟନ୍ତ ନିରନ୍ତର ଯାତ୍ରାକୁ ଉପସ୍ଥାପନ କରାଯିବ। ସମ୍ବଲପୁରୀ ବସ୍ତ୍ର ଦ୍ୱାରା ଆଚ୍ଛାଦିତ ମେଢ଼ର ଉଭୟ ପାର୍ଶ୍ୱରେ ପାରମ୍ପରିକ ଜନଜାତି ଚିତ୍ରକଳା ଉପରେ ରୁପା ତାରକସୀ କାରୁକାର୍ଯ୍ୟ, ଓଡ଼ିଶାର ଗଭୀର ସାଂସ୍କୃତିକ ପରିଚୟ ଏବଂ ଉତ୍କୃଷ୍ଟ ହସ୍ତଶିଳ୍ପ ପରମ୍ପରାକୁ ପ୍ରତିଫଳିତ କରାଯିବ। ଏହାର ଲାଇଭ ଡେମୋନଷ୍ଟ୍ରେସନ୍ ମଧ୍ୟ ଦେଖିବାକୁ ମିଳିବ।

ଉଲ୍ଲେଖଯୋଗ୍ୟ, ଓଡ଼ିଶାର ସମୃଦ୍ଧ ହସ୍ତଶିଳ୍ପ ଓ ହସ୍ତତନ୍ତ ମାଧ୍ୟମରେ ମହିଳା ସଶକ୍ତୀକରଣକୁ ନେଇ ଗତ ୨୦୨୪ରେ ପ୍ରଦର୍ଶିତ ଓଡ଼ିଶାର ପ୍ରଜ୍ଞାପନ ମେଢ଼ କର୍ତ୍ତବ୍ୟପଥରେ ପରାକାଷ୍ଠା ପ୍ରଦର୍ଶନ କରି ସମଗ୍ର ଦେଶରେ ପ୍ରଥମ ସ୍ଥାନ ହାସଲ କରିଥିଲା।।

## କମ୍ପାନୀକୁ ବିଜୁଳି ଟିକସରେ ଅନୁକମ୍ପାର ପ୍ରତିବାଦ

# ଟାଟା ପାୱାର କାର୍ଯ୍ୟାଳୟରେ ତାଲା ଝୁଲାଇଲା କଂଗ୍ରେସ

ଭୁବନେଶ୍ୱର,୨୯ ।୧୨(ସମିସ): ଟାଟା ପାୱାର ଉପଭୋକ୍ତାଙ୍କୁ ବେନିୟମ ସୁରକ୍ଷା ରାଶି ଜମା କରିବା ତଥା ଘରୋଇ ଓ କୃଷିକ୍ଷେତ୍ରକୁ ମାଗଣା ବିଜୁଳି ପ୍ରଦାନ କରିବା ଦାବିକୁ ଜୋର୍‌ଦାର କରିଛି ରାଜ୍ୟ କଂଗ୍ରେସ। ସରକାର ନିର୍ବାଚନ ସମୟରେ ୩୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇ ଦେବେ ବୋଲି ନିର୍ବାଚନୀ ସଭାରେ କହିଥିଲେ। ମାତ୍ର ଏହା ବଦଳରେ ବର୍ତ୍ତମାନ ଅତିରିକ୍ତ ସୁରକ୍ଷା ଜମା ନାମରେ ଘରୋଇ ଉପଭୋକ୍ତାମାନଙ୍କ ଉପରେ

### ବେନିୟମ ଟିକସ ଓ ମାଗଣା ବିଦ୍ୟୁତ୍ ଦାବିରେ ବିକ୍ଷୋଭ

ଆର୍ଥିକ ବୋଝ ଲଦି ଦିଆଯାଉଛି। ଏଭଳି ଅଭିଯୋଗ କରି ଆଜି ରାଜ୍ୟର ସବୁ ଜିଲ୍ଲାରେ କଂଗ୍ରେସ ପକ୍ଷରୁ ଟାଟା ପାୱାର୍ ଅଫିସ୍‌ରେ ତାଲା ପକାଯାଇଛି।

ଏହିକ୍ରମରେ ଭୁବନେଶ୍ୱର ପାୱାର ହାଉସ ଛକ ନିକଟସ୍ଥ ଟାଟା ପାୱାର ଅଫିସ ଆଗରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପିସିସି ସଭାପତି ତଥା କଂଗ୍ରେସର ବହୁ ବରିଷ୍ଠ ନେତା ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବିକ୍ଷୋଭ



ପ୍ରଦର୍ଶନ କରାଯାଇଛି। ପରେ ସେଠାରୁ ଏକ ପଦଯାତ୍ରାରେ ଟାଟା ପାୱାର ଅଫିସକୁ ଯାଇ ଅଫିସ ଗେଟରେ ପିସିସି ସଭାପତି ତାଲା ପକାଇଥିଲେ।

ବିକ୍ଷୋଭ ପ୍ରଦର୍ଶନ ସଭାରେ ଶ୍ରୀ ଦାସ କହିଲେ ଲୋକଙ୍କ ଘରେ ବିଜୁଳି ବତୀ ଜଳୁ ନ ଥିବାବେଳେ ସରକାର କଳକାରଖାନାକୁ ଲକ୍ଷେ କୋଟି ଟଙ୍କାର ବିଜୁଳି ଦେଇ ଅନୁକମ୍ପା ପ୍ରଦର୍ଶନ କରୁଛି। ଖାଦ୍ୟ-ବସ୍ତ୍ର-ବାସଗୃହ ଭଳି ବିଜୁଳି ଏବେ ଲୋକଙ୍କର ଏକ ମୌଳିକ ଆବଶ୍ୟକତା ପାଲଟିଛି। ଏହାର ଯୋଗାଣ ବନ୍ଦ ହେଲେ ଜନଜୀବନ ଠପ ହୋଇଯିବ। ତେଣୁ ସରକାର ବିନା ମୂଲ୍ୟରେ ବିଜୁଳି ଯୋଗାଇ ଦିଅନ୍ତୁ। ଅନ୍ୟ ରାଜ୍ୟର ସରକାର କୃଷକମାନଙ୍କୁ ବିଜୁଳି ଦେୟ ଛାଡ଼ କରୁଥିବାବେଳେ ଓଡ଼ିଶାରେ କୌଣସି ଛାଡ଼ ନାହିଁ। ଏଭଳି ସ୍ଥଳେ ରାଜ୍ୟରେ କୃଷିର ଉନ୍ନତି କିଭଳି ହେବ ଏବଂ ଚାଷୀ କିପରି ହସିବ ବୋଲି ଶ୍ରୀ ଦାସ ପ୍ରଶ୍ନ ପଚାରିଥିଲେ। ତେଣୁ ସୁରକ୍ଷା ରାଶି ଡିମାଣ୍ଡ ପ୍ରତ୍ୟାହାର, ଘରୋଇ ଉପଭୋକ୍ତା ଓ କୃଷକଙ୍କୁ ମାଗଣା ବିଜୁଳି ଯୋଗାଣ ନ ହେବା ପର୍ଯ୍ୟନ୍ତ ପୁରପଲ୍ଲୀରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ, ଟାଟା ପାୱାର ଅନ୍ୟ ରାଜ୍ୟରେ କମ୍ପାନୀକୁ ୟୁନିଟ୍ ପିଛା ବିଜୁଳି ୮ ଟଙ୍କାରେ ବିକ୍ରି କରୁଥିବା ବେଳେ ଓଡ଼ିଶାରେ ୪ ଟଙ୍କା ୫୦ ପଇସାରେ ଯୋଗାଉଛି। ଓଇଆରସି ଓ ଟାଟା ପାୱାର ମଧ୍ୟରେ ଗୁପ୍ତ ବୁଝାମଣା ଯୋଗୁଁ ସାଧାରଣ ଜନତାଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ତେଣୁ ଜନତା ଏବଂ କୃଷକଙ୍କୁ ଅନ୍ୟ ରାଜ୍ୟ ଭଳି ମାଗଣା ବିଜୁଳି ଯୋଗାଣ କରିବାକୁ କଂଗ୍ରେସ ଦାବି କରୁଛି ବୋଲି ଶ୍ରୀ ଜେନା କହିଛନ୍ତି।

ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ସରକାରଙ୍କୁ ସମାଲୋଚନା କରିବା ସହ ଯଦି ସରକାର ବିଜୁଳି ମାଗଣାରେ ଦେବେ ନାହିଁ, ତେବେ ସରକାରକୁ ଶାନ୍ତିରେ ରହିବାକୁ ଦେବୁ ନାହିଁ ବୋଲି ଚେତାବନୀ ଦେଇଥିଲେ। ବିକ୍ଷୋଭ ପ୍ରଦର୍ଶନରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସୁରେଶ କୁମାର ରାଉତରାୟ, ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ଅନନ୍ତ ପ୍ରସାଦ ସେଠୀ, କିଶୋର ଜେନା, ଅରବିନ୍ଦ ଦାସ, ପବିତ୍ର ସାଉଁତାଙ୍କ ସମେତ ବହୁ କଂଗ୍ରେସ ନେତା ସାମିଲ ହୋଇଥିଲେ।

# ଆଠମଲ୍ଲିକ ଉପଖଣ୍ଡକୁ ୧୫୦ କୋଟିର ଭେଟି



କିଶୋରନଗର,୨୯ ।୧୨(ସମିସ): ରବିବାର ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବରପଡ଼ିଆରେ ୫ ଦିନ ଧରି ହେବାକୁ ଥିବା ଅନୁଗୋଳ ଜିଲ୍ଲା ଓ ଆଠମଲ୍ଲିକ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ ହୋଇଛି । ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହି ମେଳାକୁ ଉଦଘାଟନ

**● ୩୬ ପ୍ରକଳ୍ପର ଶିଳାନ୍ୟାସ, ୨୨ ପ୍ରକଳ୍ପ ଲୋକାର୍ପଣ**

**● ଜିଲ୍ଲା ଓ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ**

କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ପ୍ରଧାନ ଆଠମଲ୍ଲିକ ଉପଖଣ୍ଡର ବିକାଶ ନିମନ୍ତେ ୧୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ୩୬ଟି ପ୍ରକଳ୍ପର ଶିଳାନ୍ୟାସ ଓ ୨୨ ପ୍ରକଳ୍ପ ଲୋକାର୍ପଣ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନରେ ସହାୟକ ହେବ ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ । ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର କୃଷି କ୍ଷେତ୍ରର ବିକାଶ ଓ କୃଷକଙ୍କ ଆୟ ଦୁଇଗୁଣ କରିବା ପାଇଁ ସଂକଳ୍ପବଦ୍ଧ ବୋଲି କହିଥିଲେ ।

ଶିକ୍ଷାମନ୍ତ୍ରୀ ପ୍ରଧାନ କୃଷି ଯନ୍ତ୍ରପାତି ମେଳାରେ ଯୋଗଦେଇ ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ଉପଖଣ୍ଡରେ ୫୫ ନମ୍ବର ଜାତୀୟ ରାଜପଥ, ସମ୍ବଲପୁର-ଭୁବନେଶ୍ୱର ରେଳପଥ ଓ ମହାନଦୀ, ପଞ୍ଚଧାର ପର୍ବତ ପରି ପ୍ରାକୃତିକ ସଂସାଧନକୁ ଆଧାର କରି ଏ ଅଞ୍ଚଳରେ କୃଷି, ପର୍ଯ୍ୟଟନର ବିକାଶ କରାଯାଇ ଏକ ବିକଶିତ ଅଞ୍ଚଳରେ ଗଢ଼ିବା ଦାୟିତ୍ୱ ଆମର ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଜଳସେଚନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରାଯାଇ ଉଦ୍ୟାନ କୃଷି, ପଶୁ ପାଳନ, ମତ୍ସ୍ୟ ଚାଷ ସହ ସାମଗ୍ରିକ ଭାବେ କୃଷକଙ୍କ ସଶକ୍ତୀକରଣ ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି କହିଥିଲେ । ଆଠମଲ୍ଲିକ ଉପଖଣ୍ଡରେ ଗୁଣାତ୍ମକ ଶିକ୍ଷା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରାଯାଇଛି । ରାସ୍ତାଘାଟର ବିକାଶ ପାଇଁ ଉଦ୍ୟମ ଜାରି ରହିଛି । ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ୨ଟି ବଡ଼ କଲ୍ୟାଣ ମଣ୍ଡପ ଓ ପ୍ରେକ୍ଷାଳୟ ନିର୍ମାଣର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ପ୍ରଧାନ ସୂଚନା ଦେଇଥିଲେ । ଏହି ଅବସରରେ ସେ ୩୧.୨୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୨ ପ୍ରକଳ୍ପର ଲୋକାର୍ପଣ ଓ ୧୧୮.୩୫ କୋଟି ମୂଲ୍ୟରେ ୩୬ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏଥି ମଧ୍ୟରେ ୧୭.୯୦ କୋଟି ଟଙ୍କା ବ୍ୟୟରେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୧୧.୬୭ କୋଟି ବ୍ୟୟରେ ବଇଣ୍ଡା-ଇଚ୍ଛାପୁର ରାସ୍ତା ପ୍ରଶସ୍ତୀକରଣ, ୧୨ କୋଟି ଟଙ୍କା ବ୍ୟୟରେ ଗୋଲସୋର୍-ବାଲିପଟା ରାସ୍ତା ଉନ୍ନତୀକରଣ, ୯.୭୧ କୋଟି ଟଙ୍କା ବ୍ୟୟରେ ପୂର୍ତ୍ତ ରାସ୍ତାଠାରୁ ଟାଇଁସର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପ୍ରଭୃତି ପ୍ରକଳ୍ପ ଶିଳାନ୍ୟାସ କରିଥିଲେ । ପୂର୍ତ୍ତ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ କରିଥିଲେ । ୨୨୯ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସୁବିଧା ବିତରଣ କରିଥିଲେ । କୃଷି ଯନ୍ତ୍ରପାତି ମେଳାରେ ଜିଲ୍ଲାପାଳ ଅବଦଲ ମହମ୍ମଦ ଅଖତର ସଭାପତିତ୍ୱ କରିଥିବା ବେଳେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର୍ ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାପରିଷଦ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ ସ୍ୱାଗତ ଭାଷଣ ଓ ମେଳାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ ।

# ୩୧ ରାତିରେ ଜିଲ୍ଲା ସାରା କଡ଼ା ଯାଞ୍ଚ

ଅନୁଗୋଳ,୨୯ ।୧୨(ସମିସ): ଜନସାଧାରଣଙ୍କ ସୁରକ୍ଷା, ଆଇନଶୃଙ୍ଖଳା ଏବଂ ଶାନ୍ତିପୂର୍ଣ୍ଣ ଉତ୍ସବକୁ ଦୃଷ୍ଟିରେ ରଖି ଅନୁଗୋଳ ପୁଲିସ ଡିସେମ୍ବର ୩୧ (ଜିରୋ ନାଇଟ୍) ପାଳନ ପାଇଁ ନାଗରିକଙ୍କ ସମେତ ଆୟୋଜକ, ହୋଟେଲ, ରିସୋର୍ଟ, କ୍ଲବ ଏବଂ ଇଭେଣ୍ଟ ପରିଚାଳକଙ୍କ ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛି । ଅନୁମୋଦିତ ଡେସିବଲ ସୀମା ଏବଂ ନିର୍ଦ୍ଧାରିତ ସମୟଠାରୁ ଅଧିକ ଡିଜେ ସିଷ୍ଟମ, ଲାଉଡସ୍ପିକର ଏବଂ ଶବ୍ଦ ଆମ୍ପ୍ଲିଫାୟର ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଅନୁମତିପ୍ରାପ୍ତ ସମୟ ପରେ ଉଚ୍ଚ ସ୍ୱରରେ ସଙ୍ଗୀତ ବଜାଇ ପାରିବେ ନାହିଁ । ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ମଦ୍ୟପାନ କରି ଗାଡ଼ି ଚାଳନା ଭଳି ଦଣ୍ଡନୀୟ ଅପରାଧ ପ୍ରତି କଠୋର ହୋଇଛି ପୁଲିସ । ଜିଲ୍ଲା ସାରା ସ୍ୱତନ୍ତ୍ର ଭାବେ ଉକ୍ତଦିନ ଯାଞ୍ଚ କରାଯିବ । ସେହିଭଳି ମଦ ବିକ୍ରି ଏବଂ ବ୍ୟବହାର ଉପରେ ଅବକାରୀ ଆଇନ କଡ଼ାକଡ଼ି ପାଳନ କରାଯିବ । ଉତ୍ସବ ପାଳନ ଅବସରରେ ଯେମିତି ନାବାଳକମାନେ ମଦ୍ୟପାନ ଓ ପରିବେଷଣ କାର୍ଯ୍ୟଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିବେ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ଦ୍ରୁତ ଗତିରେ ଗାଡ଼ି ଚାଳନା, ଟ୍ରିପଲ ରାଇଡିଂ, ଷ୍ଟଣ୍ଟ ରାଇଡିଂ ଏବଂ ହେଲମେଟ/ସିଟବେଲ୍ଟ ବିନା ଗାଡ଼ି ଚାଳନା କଲେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି । ମହିଳା ଏବଂ ଶିଶୁ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯିବ । ଜିରୋ ନାଇଟ ଉତ୍ସବ ଆୟୋଜକ ହୋଟେଲ, କ୍ଲବ, ରିସୋର୍ଟଗୁଡ଼ିକ ବୈଧ ଅନୁମତିକୁ ସୁନିଶ୍ଚିତ କରିବେ । ପର୍ଯ୍ୟାପ୍ତ ଆଲୋକୀକରଣ, ସିସିଟିଭି କଭରେଜ୍ ଏବଂ ସୁରକ୍ଷା ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ସଠିକ୍ ପାର୍କିଂ ବ୍ୟବସ୍ଥା ସୁନିଶ୍ଚିତ କରିବେ ବୋଲି ଜିଲ୍ଲା ପୁଲିସ ନିର୍ଦ୍ଦେଶାବଳୀ ଜାରି କରିଛି । ଅନୁଗୋଳ ପୁଲିସ ରାତିସାରା ପର୍ଯ୍ୟାପ୍ତ ଫୋର୍ସ ମୁତୟନ କରିବ । ମୋବାଇଲ ପାଟ୍ରୋଲିଂ, ଚେକ୍-ପୋଷ୍ଟ ଏବଂ ମଦୁଆଧରା ପରୀକ୍ଷା କରିବ । ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଦ୍ୱାରା ନଜର ରଖାଯିବ । ଜରୁରୀକାଳୀନ ସହାୟତା ପାଇଁ ପୁଲିସ ନିୟନ୍ତ୍ରଣ କକ୍ଷ-୧୧୨କୁ ଫୋନ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି ।

**କେନାଲ ନିର୍ମାଣ ନିମ୍ନମାନର**

# ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ



ଅନୁଗୋଳ,୨୯ ।୧୨(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଆମ୍ବପାଳ ପଞ୍ଚାୟତ ଗୁରୁଜାଙ୍ଗ ନିକଟରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା କେନାଲ କାମ ଅତି ନିମ୍ନମାନର କରାଯାଉଛି । ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥା ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ନିମ୍ନମାନର କରାଯାଉଥିବା ବେଳେ କେନାଲର ସ୍ଥାୟିତ୍ୱକୁ ନେଇ ଅଞ୍ଚଳବାସୀ ଚିନ୍ତିତ ହୋଇ ପଡ଼ିଛନ୍ତି । ଏ ନେଇ ଗୁରୁଜାଙ୍ଗ ଅଞ୍ଚଳବାସୀ ସୋମବାର ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଗୁରୁଜାଙ୍ଗ ନିକଟରୁ ବହି ଆସିଥିବା ନାଳ ପାଣିକୁ ଚାଷଜମିକୁ ମଡ଼ାଇବା ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କେନାଲ ନିର୍ମାଣ କରାଯାଉଛି । ୧୨ ଲକ୍ଷ ଟଙ୍କା ବ୍ୟୟରେ ଏହି କାମ କରାଯାଉଥିବା ବେଳେ ଅତି ନିମ୍ନମାନର କାମ କରାଯାଉଛି । କେନାଲ କାମରେ ଆବଶ୍ୟକ ପରିମାଣର ରଡ଼ ଦିଆଯାଉ ନ ଥିବା ବେଳେ ସିମେଣ୍ଟ ଭାଗ ମଧ୍ୟ ଠିକ ଭାବେ ଦିଆଯାଉ ନାହିଁ । କାମ ସମୟରେ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁ ନ ଥିବାରୁ ଠିକାସଂସ୍ଥା କର୍ମଚାରୀମାନେ ମନଇଚ୍ଛା କାମ କରୁଛନ୍ତି । ଏ ନେଇ ଅଞ୍ଚଳବାସୀ ବାମୁର କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ତୁରନ୍ତ ଏହି କାମର ତଦନ୍ତ କରି ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏ ନେଇ ବାମୁର କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀ ସୌମ୍ୟ ବେହେରା କୁହନ୍ତି ଏଷ୍ଟିମେଟ ଅନୁଯାୟୀ କାମ ହେଉଛି । ନିମ୍ନମାନର କାମ ହେଉନାହିଁ ବୋଲି ସେ କହିଛନ୍ତି ।

# ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ଦାବି

**● କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ**

କିଶୋରନଗର,୨୯ ।୧୨(ସମିସ): କୃଷିବହୁଳ କିଶୋରନଗର ଅଞ୍ଚଳର ଚାଷଜମିକୁ ଜଳସେଚନ ପାଇଁ ଜଳଭଣ୍ଡାର ନିର୍ମାଣ କରି ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଦାବିରେ ରବିବାର ଅଞ୍ଚଳର କୃଷିଜୀବୀ ଜନସାଧାରଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବମୁର, ଓସ୍କପଲି, ଧଉରପଲି, କଦଳୀମୁଣ୍ଡ, ରଣିଆକଟା ଆଦି ପଞ୍ଚାୟତର ୧୦ ହଜାର ଏକରରୁ ଅଧିକ ଚାଷଜମି ଜଳସେଚିତ ହୋଇପାରିବ । ଅଞ୍ଚଳବାସୀ ଦୀର୍ଘଦିନ ଧରି ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଦାବି କରିଆସୁଥିଲେ ମଧ୍ୟ ସରକାର ଏହାକୁ ଅଣଦେଖା କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଗତ ବର୍ଷ ଡିସେମ୍ବର ୧୬ରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ମାତ୍ର ଏକ ବର୍ଷ ପରେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ସ୍ଥାନୀୟ ସାଂସଦ ତଥା କେନ୍ଦ୍ର ସରକାରଙ୍କ ମନ୍ତ୍ରୀ ଭାବେ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଅଞ୍ଚଳବାସୀ ବହୁ ଆଶା କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନଙ୍କ ବାମୁର ଗସ୍ତ ସମୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ଅଞ୍ଚଳର ବରିଷ୍ଠ ଚାଷୀ ପୀତାମ୍ବର ପ୍ରଧାନ, ବାବାଜୀ ଚରଣ ପ୍ରଧାନ, ବସନ୍ତ ପ୍ରଧାନ, ବିନୟ ପ୍ରଧାନ, ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା କଂଗ୍ରେସ ପକ୍ଷରୁ ଟାଟା ପାୱାର ଅଫିସ ଘେରାଉ




ଅନୁଗୋଳ,୨୯ ।୧୨(ସମିସ): ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ପ୍ରଧାନଙ୍କ ନେତୃତ୍ୱରେ ଯୁବ, ଛାତ୍ର, ମହିଳା, କୃଷକ ଓ ଶହ ଶହ କଂଗ୍ରେସ କର୍ମୀ ଓ ନେତା ବିଶାଳ ଶୋଭାଯାତ୍ରାରେ ସ୍ଥାନୀୟ କଂଗ୍ରେସ ଭବନରୁ ବାହାରି ବଜାର ଛକ ଓ ରାଜା ଛକ ଦେଇ ଟାଟା ପୱାର ଅଫିସ ଘେରାଉ କରିଥିଲେ । ଅତିରିକ୍ତ ସୁରକ୍ଷା ଜମା (ଏଏସ୍‌ଡି) ବୋଝ ଉପରେ ନଳିତାବିଡ଼ା । ଏହା ଦାଖଲ କରନ୍ତୁ ନାହିଁ । ଆଗ ନିର୍ଦ୍ଧାରିତ ଫର୍ମରେ କୈଫିୟତ ମାଗନ୍ତୁ । ଘରୋଇ ଉପଭୋକ୍ତାଙ୍କୁ ବିଜେପି ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରୁ । ୩୦୦-୪୦୦ ୟୁନିଟ୍ ଦେୟମୁକ୍ତ ବିଜୁଳି ପ୍ରଦାନ କରୁ । କୃଷିକ୍ଷେତ୍ରରେ ମଧ୍ୟ ସବ୍‌ସିଡି ବ୍ୟବସ୍ଥା ହେଉ । ମାଗଣା ବିଜୁଳି ପାଇଲେ ଚାଷୀ ହସିବ, ରାଜ୍ୟରେ କୃଷି ଉତ୍ପାଦନ ବଢ଼ିବ । ଏସବୁ ଦାବି ଉପରେ ମନ୍ତବ୍ୟ ଦେବା ସହ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ଜଗଦାନନ୍ଦ ପ୍ରଧାନ, ଉମେଶ ସାହୁ, ଲୁଲୁ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ସାହୁ, ତପନ ପଧାନ, ସୁଦୀପ ମିଶ୍ର, ଚିତ୍ତରଞ୍ଜନ ନାଏକ, ଗୋବିନ୍ଦ ନାଏକ, ବଲବୀର ସିଂହ, ସଞ୍ଜୀବ ମଣ୍ଡୋଠିଆ, ବିନୋଦ ମାଝୀ, ପଦ୍ମିନୀ ଗଡ଼ନାୟକ, ଅଳକା ମହାନ୍ତି, ଅଳକା ମହାପାତ୍ର, କସିଦା ଖାନ, ସଂଗ୍ରାମ କୁଅଁର, ସଂଗ୍ରାମ ବେହେରା, ଅରୁଣ କୁମାର ଦାସ, ମାନିନୀ ପ୍ରଧାନ, ବାସୁଦେବ ସାମଲ, କୁଞ୍ଜବିହାରୀ ନାଏକ, ଅଶୋକ ନାଏକଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ ।

**● ଏଆଇଡିଏସ୍‌ଓର ୭୨ତମ ପ୍ରତିଷ୍ଠା ଦିବସ**

# ଶିକ୍ଷା ସମସ୍ୟା ବିରୋଧରେ ଛାତ୍ର ଆନ୍ଦୋଳନ କରିବାକୁ ଆହ୍ୱାନ




ଅନୁଗୋଳ,୨୯ ।୧୨(ସମିସ): ଅଲ୍ ଇଣ୍ଡିଆ ଡିଏସ୍‌ଓର ୭୨ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଶିକ୍ଷକପଡ଼ାର ଅଫିସ୍ ପ୍ରାଙ୍ଗଣରେ ସଂଗଠନର ରକ୍ତପତାକା ଉତ୍ତୋଳନ କରାଯିବା ସହ ଶିକ୍ଷା ଆନ୍ଦୋଳନର ସହିଦମାନଙ୍କ ଉଦ୍ଦେଶ୍ୟରେ ସହିଦ ସ୍ତମ୍ଭରେ ପୁଷ୍ପ ଅର୍ପଣ କରାଯାଇଛି । ଡିଏସ୍‌ଓ ଜିଲ୍ଲା ଉପସଭାନେତ୍ରୀ ସରୋଜିନୀ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ସଂଗଠନର ଜିଲ୍ଲା ସମ୍ପାଦକ ନାରାୟଣ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଡିଏସ୍‌ଓର ପୂର୍ବତନ ରାଜ୍ୟ ସଭାପତି ରାଜେନ୍ଦ୍ର ବର୍ମା ବକ୍ତବ୍ୟ ରଖି ସଂଗଠନର ୭ ଦଶନ୍ଧି ଧରି ଗୌରବମୟ ଛାତ୍ର ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିବା ସହ ଉଚ୍ଚ ନୀତିନୈତିକତା ଭିତ୍ତିରେ ସଂଗଠନକୁ ସୁସଂହତ କରି ଶିକ୍ଷା ଧ୍ୱଂସକାରୀ ଏନ୍‌ଇପି-୨୦୨୦ ବାତିଲ୍, ସମସ୍ତ ସ୍କୁଲ, କଲେଜରେ ସ୍ଥାୟୀ ଭିତ୍ତିରେ ଶିକ୍ଷକ, ଅଧ୍ୟାପକ ନିଯୁକ୍ତି, ବନ୍ଦ ହୋଇଥିବା ସମସ୍ତ ସରକାରୀ ବିଦ୍ୟାଳୟ ଖୋଲିବା, ଶିକ୍ଷା କ୍ଷେତ୍ରର ବ୍ୟବସାୟୀକରଣ ବନ୍ଦ କରିବା ଏବଂ ଅନ୍ୟାନ୍ୟ ଶିକ୍ଷାଗତ ଦାବିରେ ଦୁର୍ବାର ଗଣତାନ୍ତ୍ରିକ ଛାତ୍ର ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ । ସଂଗଠିକା ନିରୁପମା ନାୟକ, ବିଶ୍ୱରଞ୍ଜନ ପ୍ରକାଶ, ଅନୁପମା ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# କଦଳୀ ବଗିଚା ନଷ୍ଟ କଲେ ହାତୀପଲ



ବଇଣ୍ଡା,୨୯ ।୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ମାଧପୁର ରେଞ୍ଜ କନ୍ଧପଡ଼ା ଗ୍ରାମରେ କିଛିଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି । ନିକଟସ୍ଥ ଜଙ୍ଗଲରୁ ୫/୬ଟି ହାତୀ ଗ୍ରାମାଭିମୁଖୀ ହୋଇ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି । ରବିବାର ରାତିରେ ହାତୀପଲ ଗ୍ରାମର ଅନନ୍ତ ମହାକୁଡ଼ଙ୍କ କଦଳୀ ବଗିଚାରେ ପଶି ୫୦ରୁ ଅଧିକ କଦଳୀ ଗଛ ଭାଙ୍ଗି ନଷ୍ଟ କରିଛନ୍ତି । ବନ ବିଭାଗ ହାତୀଙ୍କୁ ଘଉଡ଼ାଇବା ଦିଗରେ ପଦକ୍ଷେପ ନେଉ ନ ଥିବାରୁ ଚାଷୀମାନେ ବାରମ୍ବାର ଏପରି କ୍ଷତିଗ୍ରସ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି ।

# ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ




ବଣ୍ଟରପାଲ,୨୯ ।୧୨(ସମିସ): ଅନୁଗୋଳ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ବଣ୍ଟରପାଳ ବ୍ଲକ୍ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶିବିରରେ ଏସ୍‌ପି ରାହୁଲ ଜୈନ ଯୋଗଦେଇଥିଲେ । ମୋଟ ୨୮ ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା । ୨ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାନନ୍ଦ ମହାନ୍ତି, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ବଣ୍ଟରପାଳ ତହସିଲଦାର ସୁଶାନ୍ତ କୁମାର ମିଶ୍ର, ବିଡିଓ ଲୋଚନ ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମ୍ବର ଲୁଗୁନ, ଜିଲ୍ଲା ଶିଳ୍ପକେନ୍ଦ୍ର ମହାପ୍ରବନ୍ଧକ ହିମାଂଶୁ ଶେଖର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ ।

# ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ବୈଠକ

କିଶୋରନଗର,୨୯ ।୧୨(ସମିସ): ବଲାସିଂହା ପଞ୍ଚାୟତ କାର୍ଯ୍ୟାଳୟରେ ବଣିନାଳି ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ଓ ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଅତିଥି ଭାବେ ଆନୁଗୋଳସ୍ଥିତ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଉପନିର୍ଦ୍ଦେଶକ ଡ. ବିଜୟକୁମାର ସାହୁ, ବିଶ୍ୱ ଯୁବକେନ୍ଦ୍ର ସଭାପତି ବସନ୍ତ କୁମାର ପ୍ରଧାନ, ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ଆଇସିଡିଏସ ସୁପରଭାଇଜର କାଞ୍ଚନ ନାଏକ, ବଲାସିଂହା ପଞ୍ଚାୟତ ନିର୍ବାହୀ ଅଧିକାରୀ ଭଗବାନ ଷଣ୍ଢ, ସରପଞ୍ଚ ମମତା ପ୍ରଧାନ, ସାରଥି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଆକ୍ସେସ ଟୁ ଜଷ୍ଟିସର ପ୍ରକଳ୍ପ ସଂଯୋଜିକ ପୂଜା ସ୍ୱାଇଁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ । ବାଲ୍ୟ ବିବାହର କୁପରିଣାମ, ଆଇନ ଅନୁଯାୟୀ ଦଣ୍ଡବିଧାନ, ଶିଶୁ ଶ୍ରମିକ ନିରାକରଣ, ଶିଶୁ ଯୌନ ନିର୍ଯାତନା ନିରୋଧ ସମ୍ବନ୍ଧୀୟ ସରକାରୀ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ପାଇଁ ଥିବା ବିଭିନ୍ନ ଯୋଜନା, ବିବାହ ପଞ୍ଜୀକରଣ, ଅନ୍ତ୍ୟୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା । ସୁପରଭାଇଜର ମମତା ଯୋଜନା, ପୋଷଣ କାର୍ଯ୍ୟକ୍ରମ, ମହିଳା ଓ ଶିଶୁ ସୁରକ୍ଷା ବିଷୟରେ ଅବଗତ କରିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀ ନଥିପତ୍ର ବିଶେଷଜ୍ଞ ମହିଳାମାନଙ୍କୁ ଦିଆ ଯାଉଥିବା ଋଣ ଓ ପିଲାମାନଙ୍କୁ ଦିଆଯାଉଥିବା ବୈଷୟିକ ତାଲିମ ବିଷୟରେ ଅବଗତ କରାଇଥିଲେ । ଡ. ସାହୁ ଶିକ୍ଷାର ଭୂମିକା ଓ ବୈଷୟିକ ଶିକ୍ଷା, ବିଷୟରେ ଜଣାଇଥିଲେ । ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ବଲାସିଂହା ପଞ୍ଚାୟତକୁ କିପରି ବାଲ୍ୟ ବିବାହମୁକ୍ତ କରାଯିବ ସେ ସମ୍ବନ୍ଧରେ ସରପଞ୍ଚଙ୍କୁ ପ୍ରସ୍ତାବ ଦେଇଥିଲେ ।




କାର୍ଯ୍ୟକ୍ରମରେ କିଶୋରୀ ବାଳିକା, ସିଆରପି, ଅଙ୍ଗନବାଡ଼ି କର୍ମୀ, କୃଷିମିତ୍ର, ପ୍ରାଣୀମିତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଉପସ୍ଥିତ ଥିଲେ । ଶେଷରେ ବାଲ୍ୟ ବିବାହ ରୋକିବା ପାଇଁ ଶପଥପାଠ କରାଯାଇଥିଲା । ସୋନାଲିସା ଶବର, ଲକ୍ଷ୍ମୀ ବେହେରା ସହଯୋଗ କରିଥିଲେ ।

# କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ



ଅନୁଗୋଳ,୨୯ ।୧୨(ସମିସ): ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ପ୍ରଧାନଙ୍କ ନେତୃତ୍ୱରେ ରବିବାର କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏହି ଅବସରରେ ସକାଳ ସାଢ଼େ ୮ଟାରେ ଅନୁଗୋଳ କଲେଜ ପ୍ରାଙ୍ଗଣରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ କଂଗ୍ରେସ ଭବନରେ ସଭାପତି ପ୍ରଧାନ ଦଳୀୟ ପତାକା ଉତ୍ତୋଳନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ୧୮୮୫ରେ ସ୍ଥାପିତ କଂଗ୍ରେସ କେବଳ ଏକ ରାଜନୈତିକ ଦଳ ନୁହେଁ, ବରଂ ଏହା ଥିଲା ଦେଶ ସ୍ୱାଧୀନତା ସଂଗ୍ରାମର ମୂଳଶକ୍ତି । ମହାତ୍ମା ଗାନ୍ଧୀ, ଜବାହରଲାଲ୍ ନେହରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡ. ବିଆର୍ ଆମ୍ବେଦକରଙ୍କ ଭଳି ମହାନ୍ ନେତାଙ୍କ ନେତୃତ୍ୱରେ କଂଗ୍ରେସ ଦେଶକୁ ସ୍ୱାଧୀନତା ଦେଇଛି ଏବଂ ପରେ ଗଣତନ୍ତ୍ର, ସମ୍ବିଧାନ ଓ ଲୋକତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ମଜବୁତ୍ କରିଛି । କଂଗ୍ରେସ ସର୍ବଦା ସାଧାରଣ ଲୋକ, ଗରିବ, କୃଷକ, ଶ୍ରମିକ, ଆଦିବାସୀ, ଦଳିତ, ସଂଖ୍ୟାଲଘୁ ଓ ବଞ୍ଚିତଙ୍କ ସହ ରହିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଜଗଦାନନ୍ଦ ପ୍ରଧାନ, ସନ୍ତୋଷ କୁମାର ପଟ୍ଟନାୟକ, ନିରଞ୍ଜନ ଦାସ, ତପନ ପଧାନ, ଚିତ୍ତରଞ୍ଜନ ନାଏକ, ଗୋବିନ୍ଦ ନାଏକ, ଅମୂଲ୍ୟ ବେହେରା, ରାକେଶ ମିଶ୍ର, ସଞ୍ଜୀବ ମଣ୍ଡୋଠିଆ, ବିନୋଦ ମାଝୀ, ସୁଦୀପ ମିଶ୍ର, ଅଳକା ମହାନ୍ତି, ଅରୂପ ସାମଲ, ଅଳକା ମହାପାତ୍ର, କସିଦା ଖାନ, ସଂଗ୍ରାମ କୁଅଁର, ସଂଗ୍ରାମ ବେହେରା, ଅରୁଣ କୁମାର ଦାସ, ମାନିନୀ ପ୍ରଧାନ, ବାସୁଦେବ ସାମଲ, କୁଞ୍ଜବିହାରୀ ନାଏକ, ଅଶୋକ ନାଏକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ ।

# ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ତାଳଚେର,୨୯ ।୧୨(ସମିସ): ରାତିଅଧରେ ଘରେ ପଶି ଟଙ୍କା ସୁନା ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ । ରବିବାର ରାତିରେ ତାଳଚେର କଙ୍କିଳୀ ପଞ୍ଚାୟତ କଙ୍କିଳୀ ନୂଆସାହି ଗ୍ରାମର ବିଜୟ ସାହୁଙ୍କ ଘରେ କେହି ନ ଥିବା ବେଳେ ତାଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତ ଟଙ୍କା ସୁନା ଏବଂ ଅନେକ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଛନ୍ତି । ବିଜୟଙ୍କ କହିବା ଅନୁସାରେ ଅନେକ ଦିନ ଧରି ସେ ବ୍ୟବସାୟ କାରଣରୁ ଗୁରୁଜାଙ୍ଗ ଗ୍ରାମରେ ରହି ଆସୁଥିଲେ । ଘରକୁ ମଝିରେ ମଝିରେ ବୁଲି ଆସନ୍ତି । ଗଲାବେଳେ ଘର ତାଲା ପକାଇ ପୁଣି ଗୁରୁଜାଙ୍ଗ ଗ୍ରାମରେ ରହନ୍ତି । ରବିବାର ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଗଡରେଜରେ ଥିବା ଟଙ୍କା ସୁନା ଲୁଟି ନେଇଛନ୍ତି । ସକାଳେ ଲୋକମାନଙ୍କଠାରୁ ଖବର ପାଇ ଆସି ଦେଖିବା ପରେ ସେ ଚୋରି ସମ୍ପର୍କରେ ଜାଣି ତାଳଚେର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି ।

**ମେଡିକାଲ୍ କଲେଜରେ ରୋଗୀସେବା ଦାବି**

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯିବ ଗଣଧାରଣା



ଅନୁଗୋଳ,୨୯ ।୧୨(ସମିସ): ତାଳଚେର ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟିର ଜରୁରୀ ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଛି । ସାଧାରଣ ସମ୍ପାଦକ ବିଜୟ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜରେ ରୋଗୀସେବା ଆରମ୍ଭ କରିବା ପାଇଁ ଉପସ୍ଥିତ ବୁଦ୍ଧିଜୀବୀ ଓ ସଭ୍ୟମାନେ ଦୃଢ଼ ଦାବି ଉପସ୍ଥାପନ କରିଥିଲେ । ମେଡିକାଲ୍ କଲେଜରେ ଚଳିତ ବର୍ଷଠାରୁ ଶିକ୍ଷାଦାନ ଆରମ୍ଭ କରାଯାଇଥିଲେ ମଧ୍ୟ ଏଯାବତ୍ ରୋଗୀସେବା ଆରମ୍ଭ କରାଯାଇ ନାହିଁ । ଏଥିପାଇଁ ଉପଖଣ୍ଡବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ବୃଦ୍ଧି ପାଉଛି । ଅବିଳମ୍ବେ ରୋଗୀସେବା ଆରମ୍ଭ କରିବା ଦାବିରେ ଆସନ୍ତା ଜାନୁଆରୀ ୮ ତାରିଖ ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୪ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି । ଏହାର ନକଲ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ଢେଙ୍କାନାଳ ସାଂସଦ, ତାଳଚେର ବିଧାୟକଙ୍କୁ ମଧ୍ୟ ପ୍ରଦାନ କରାଯିବ । ଏହି ଆନ୍ଦୋଳନରେ ଜନସାଧାରଣ ସାମିଲ ହୋଇ ସହଯୋଗ କରିବାକୁ ସାଧାରଣ ସମ୍ପାଦକ ପ୍ରଧାନ ନିବେଦନ କରିଛନ୍ତି । ବୈଠକରେ କମିଟି ସଭାପତି ପଦ୍ମଚରଣ ସାମଲ, ଅଭୟ ପାଣି, ସୁରେଶ ଚନ୍ଦ୍ର ପଟ୍ଟନାୟକ, ପ୍ରହ୍ଲାଦ ସାହୁ, ବଳରାମ ପତି, ଚିନ୍ତାମଣି ମହାପାତ୍ର, ବିଜୟ କୁମାର ମିଶ୍ର, ପ୍ରେମାନନ୍ଦ ମହାନ୍ତି, କୈଳାସ ଚନ୍ଦ୍ର ସାହୁ, ସୁକାନ୍ତ କୁମାର ଦାସ, ଗଗନ ବିହାରୀ ଦାସ, ବିନୋଦ ଲାଲ୍, ବିଚ୍ଛନ୍ଦ ପ୍ରଧାନ, ପ୍ରଫୁଲ୍ଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ଟାଟା ପାୱାରର ଶୋଷଣ ନୀତି ବିରୋଧରେ କଂଗ୍ରେସର ବିକ୍ଷୋଭ

ଢେଙ୍କାନାଳ,୨୯ ।୧୨(ସମିସ)




ଟାଟା ପାୱାରର ଗ୍ରାହକ ଶୋଷଣ ନୀତି ବିରୋଧରେ ଜିଲ୍ଲା କଂଗ୍ରେସ ତରଫରୁ ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ସ୍ଥାନୀୟ ଟିପିସିଓଡିଏଲର କାଠଗଡ଼ାସ୍ଥିତ ଅଫିସ ଘେରଉ କରାଯାଇ ଫାଟକରେ ତାଲା ପକାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଟାଟା ପାୱାର ଉପଭୋକ୍ତାଙ୍କ ଘରେ ଲାଗିଥିବା ମିଟର ବାହାର କରି ତଥାକଥିତ ସ୍ମାର୍ଟ ମିଟର ବସାଇବା, ଅତିରିକ୍ତ ସିକ୍ୟୁରିଟି ଜମା ଦାବିକରି ଜୁଲମ କରି ଗ୍ରାହକଙ୍କୁ ଶୋଷଣ କରୁଥିବା ପ୍ରତିବାଦରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ କଂଗ୍ରେସ ଟାଟା ପାୱାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ବରିଷ୍ଠ କଂଗ୍ରେସ ନେତା ଡା. ତୁଷାରକାନ୍ତି ନାୟକ, ପ୍ରେମଶଙ୍କର ମିଶ୍ର, ବିପ୍ରବର ସାହୁ, ସରୋଜ ଶତପଥୀ, ପ୍ରିୟବ୍ରତ ଗଡ଼ନାୟକ ପ୍ରମୁଖ ଟାଟା ପାୱାରର ଶୋଷଣ ବିରୋଧରେ ଭାଷଣ ଦେଇ ଦୃଢ଼ ସମାଲୋଚନା କରିଥିଲେ। ଏହା ପଛରେ ଟାଟା କମ୍ପାନୀ ଏବଂ ଅନ୍ୟ ପୁଞ୍ଜିପତିମାନଙ୍କ ଚକ୍ରାନ୍ତ ରହିଛି। କେନ୍ଦ୍ର ମୋଦି ସରକାର ଏବଂ ରାଜ୍ୟ ମୋହନ ମାଝୀ ସରକାରଙ୍କ ଭିତିରି ବୁଝାମଣା ରହିଛି ବୋଲି ନେତାମାନେ ଦର୍ଶାଇଥିଲେ। ଟାଟା, ଆଦାନି, ଅମ୍ବାନୀ ଆଦି ପୁଞ୍ଜିପତିମାନେ ସରକାରୀ ବ୍ୟାଙ୍କରୁ ନେଇଥିବା ଲକ୍ଷାଧିକ କୋଟି ଟଙ୍କା ଋଣକୁ ମୋଦି ସରକାର ଛାଡ଼ କରିଦେଇ ଇଲେକ୍ଟୋରାଲ ବଣ୍ଡ ଏବଂ ପରେ ଅନ୍ୟ ଉପାୟରେ ହଜାର ହଜାର କୋଟି ଟଙ୍କା ଚାନ୍ଦା ନେଇ ନିର୍ବାଚନ ଲଢୁଥିବା ଏବଂ ଗରିବ ଭୋଟରଙ୍କୁ ଟଙ୍କା ଦେଇ ପ୍ରଲୋଭିତ କରୁଥିବା କଂଗ୍ରେସ ଅଭିଯୋଗ କରିଛି। ତୁରନ୍ତ ସ୍ମାର୍ଟ ମିଟର ବସାଇବା ବନ୍ଦ କରାଯାଉ ଏବଂ ରାଜ୍ୟରେ ଏବ ସୁଦ୍ଧା ଲଗାଯାଇଥିବା ୭ ଲକ୍ଷ ସ୍ମାର୍ଟ ମିଟରକୁ ହଟାଯିବା ସହ ଗ୍ରାହକଙ୍କଠାରୁ ଆଦାୟ ହୋଇଥିବା ଅଧିକ ୭ ହଜାର କୋଟି ଟଙ୍କା ଫେରସ୍ତ ଦେବାକୁ କଂଗ୍ରେସ ଦାବି କରିଛି। ବିଜେପି ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଯେଉଁଥିରେ ପ୍ରତ୍ୟେକ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ମାଗଣା ବିଜୁଳି ଓ କୃଷକଙ୍କୁ କୃଷି କାର୍ଯ୍ୟ ପାଇଁ ମାଗଣା ବିଜୁଳି ଯୋଗାଇଦେବା ମାଝି ସରକାର ପୂରଣ କରିବା ନିମନ୍ତେ କଂଗ୍ରେସ ଦାବି କରିଛି। ବିଜୁଳି ସମସ୍ୟା ସମାଧାନ ନ ହେଲେ କଂଗ୍ରେସ ତରଫରୁ ଗାଁ ଗଣ୍ଡାରେ ଲୋକଙ୍କୁ ନେଇ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଛି। ବିକ୍ଷୋଭ ସମାବେଶରେ ପିସିସି ସମ୍ପାଦିକା ଶିଳ୍ପିଶ୍ରୀ ହରିଚନ୍ଦନ, ବରିଷ୍ଠ ନେତା ରୁଦ୍ରପ୍ରକାଶ ଶରଣ, ନୁରୁଲ ଇସଲାମ, ଗୋପାଳ ସାହୁ, ଭିକି ସ୍ୱାଇଁ, ପ୍ରଜ୍ଞା ପରମିତା ବାରିକଙ୍କ ସମେତ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।

# ମାଗଣା ଦନ୍ତ ଚିକିତ୍ସା ଶିବିର



ପଞ୍ଚୁପାଣ୍ଡବ,୨୯ ।୧୨(ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ବଜାର ଗ୍ରାମରେ ଥିବା ଦାମୋଦରଜୀଉ ବିଦ୍ୟାପୀଠରେ ଆମ ଗୋବରୀ ସେବା ସଂଗଠନ ପକ୍ଷରୁ ମାଗଣା ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ସଂଗଠନର ସଭାପତି ସ୍ୱର୍ଣ୍ଣଲତା ପଲେଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଡା. ପ୍ରତାପ ଚନ୍ଦ୍ର ପରିଡ଼ା, ଅଶ୍ୱିନୀ କୁମାର ପରିଡ଼ା ଓ ସ୍ମିତା ଜେନା ଯୋଗଦେଇ ପ୍ରାୟ ୧୦୦ ଜଣଙ୍କ ଦନ୍ତ ଚିକିତ୍ସା କରିବା ସହ ମାଗଣାରେ ଔଷଧ ବଣ୍ଟନ କରିଥଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ମନିଷା ପଣ୍ଡା, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ନବକିଶୋର ମଲ୍ଲିକ ଯୋଗଦେଇଥିଲେ। ଉପସଭାପତି ଅରକ୍ଷିତ ପାତ୍ର, ଉପଦେଷ୍ଟା ପାର୍ବତୀ ମଲ୍ଲିକ, ସମ୍ପାଦକ କଳ୍ପତରୁ ମହାରଣା, ପ୍ରତିଷ୍ଠାତା ପ୍ରହ୍ଲାଦ ପଲେଇ, କୋଷାଧ୍ୟକ୍ଷ ରବୀନ୍ଦ୍ର ଜେନା, ସେଚ୍ଛାସେବୀ ଗୀତାଞ୍ଜଳି ଦାସ, କୃଷ୍ଣଚନ୍ଦ୍ର ଦାସ, ଭାରତୀ, ସ୍ୱର୍ଣ୍ଣଲତା, ମଳୟ, ମମତା, ଧରଣୀଧର, ଶରତ, ସୌଦାମିନୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମିଶ୍ର ଓ ବିଭୂତି ଭୂଷଣ ଘଡ଼ାଇ ପ୍ରମୁଖ ସହଯୋଗ କରିଥିଲେ।

# ବେଙ୍ଗାଲୁରୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

● ଦାଦନ ଖଟିବାକୁ ଯାଇଥିଲେ ବାଜି ରାଉତ ମାଟିର ପୁଅ

ଭୁବନ,୨୯ ।୧୨(ସମିସ): ବାଜି ରାଉତଙ୍କ ପାଇଁ ଗର୍ବିତ ଭୁବନ ପଞ୍ଚାୟତର ଜଣେ ଦାଦନ ଶ୍ରମିକଙ୍କର ବେଙ୍ଗାଲୁରୁରେ ମୃତ୍ୟୁ ହୋଇଛି। ମୃତକ ହେଲେ ଭୁବନ ଥାନା ମହୁଲପାଳ ସାମିଲ କଣପାଳ ପଞ୍ଚାୟତ ମହୁଲପାଳ ଗ୍ରାମ ମଙ୍ଗଳାସାହିର ମକୁନ୍ଦ ଦାସଙ୍କ ସାନ ପୁଅ ଶେଷଦେବ ଦାସ (୩୯)। ତାଙ୍କର ୨ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ସମସ୍ତେ ନାବାଳକ। ପୁଅ ମଧ୍ୟ ପୋଲିଓ ରୋଗୀ, ଦିବ୍ୟାଙ୍ଗ ଅଟନ୍ତି। ସେହି ଗ୍ରାମର ଜଣେ ଶ୍ରମିକ ସର୍ଦ୍ଦାର ସହଯୋଗରେ ରାଜମିସ୍ତ୍ରି କାମ କରିବାକୁ ଶେଷଦେବ ୭ ମାସ ପୂର୍ବରୁ ବେଙ୍ଗାଲୁରୁ ଯାଇଥିଲେ। ତେବେ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ରବିବାର ସକାଳେ ପରିବାର ଲୋକ ମୃତ୍ୟୁ ସମ୍ପର୍କରେ ଖବର ପାଇ ଭୁବନ ଥାନାର ସହାୟତା ଲୋଡ଼ିଥିଲେ। ଶେଷଦେବଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ଶବ ଆଣିବାକୁ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସାହାଯ୍ୟ କରାଯିବା ସହ ଶ୍ରମିକ ଚାଲାଣରେ ସକ୍ରିୟ ବ୍ୟକ୍ତିଙ୍କୁ ଖୋଜି ବାହାର କରିବାକୁ ଦାବି ହୋଇଛି।

# ବିଶ୍ୱହିନ୍ଦୁ ପରିଷଦର ପ୍ରଖଣ୍ଡସ୍ତରୀୟ ବୈଠକ

ମହାକାଳପଡ଼ା,୨୯ ।୧୨(ସମିସ): ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳର ପ୍ରଖଣ୍ଡସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ସ୍ଥାନୀୟ ମା' ଦରିଆ ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ଖୁଣ୍ଟିଆ, ଜିଲ୍ଲା ବିଶେଷ ସମ୍ପର୍କ ପ୍ରମୁଖ କାହ୍ନୁଚରଣ ପରିଡ଼ା, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ଶୁଭାଂଶୁ ଶେଖର ରାଉତ ଯୋଗଦେଇ ସଙ୍ଗଠନ କିପରି ସୁଦୃଢ଼ ହେବ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବୈଠକରେ ମାର୍ଶାଘାଇ ପ୍ରଖଣ୍ଡ ସମରସତ୍ତା ପ୍ରମୁଖ ବବିନ ମଲ୍ଲିକ, ମାର୍ଶାଘାଇ ପ୍ରଖଣ୍ଡ ସହସଂଯୋଜକ ଉତ୍ତମ କୁମାର ସ୍ୱାଇଁ, ମହାକାଳପଡ଼ା ପ୍ରଖଣ୍ଡ ସଂଯୋଜକ ଅଜୟ ବାରିକଙ୍କ ସହ ଚନ୍ଦ୍ରକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହାକାଳପଡ଼ା ପ୍ରଖଣ୍ଡ ନୂତନ ସମ୍ପାଦକ ଭାବେ ବିଶ୍ୱରଞ୍ଜନ ଜେନା, ସହ ସମ୍ପାଦକ ଭାବେ ଅଭିନନ୍ଦନ ରାଉତରାୟ ଏବଂ ବଜରଙ୍ଗ ଦଳ ସହ ସଂଯୋଜକ ଭାବେ ନିର୍ମଳ ଚନ୍ଦ୍ର ଦାସଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ଡେରାବିଶ,୨୯ ।୧୨(ସମିସ): ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଛକନା ଗ୍ରାମର ସଚ୍ଚିଦାନନ୍ଦ ମହାନ୍ତି (୭୫) ଙ୍କର ରବିବାର ପୂର୍ବାହ୍ନରେ ପରଲୋକ ହୋଇଛି। ସ୍ୱର୍ଗତ ମହାନ୍ତି ଢେଙ୍କାନାଳର ଏକ ସୂତାକଳରେ ସୁପରଭାଇଜର ଭାବେ କାର୍ଯ୍ୟକରି ଅବସର ନେଇଥିଲେ। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ସକାଳେ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ପରିବାର ଲୋକେ କଟକ ନେବା ସମୟରେ ବାଟରେ ତାଙ୍କ ମୃତ୍ୟୁ ହୋଇଛି। ସେ ଜଣେ ଧର୍ମପରାୟଣ ବ୍ୟକ୍ତିଥିଲେ। ତାଙ୍କ ଦେହାନ୍ତ ଖବର ପାଇ ସ୍ଥାନୀୟ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ବେହେରା, ପୂର୍ବତନ ସରପଞ୍ଚ ରଶ୍ମିତା ଜେନା, ଅଶ୍ୱିନୀ କୁମାର ମହାନ୍ତି ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସମାଜସେବୀ ଅଜୟ କୁମାର ରାଉତ ଶୋକ ପ୍ରକାଶ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ସୁଶୀଲ କୁମାର ମହାନ୍ତି ମୁଖାଗ୍ନି ଦେଇଥିଲେ।



# ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା



ମହାକାଳପଡ଼ା,୨୯ ।୧୨(ସମିସ): ମହାକାଳପଡ଼ା ବ୍ଲକ୍ ରାଜଗଡ଼ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୯୮୮ ମସିହା ସପ୍ତମ ଶ୍ରେଣୀ ବ୍ୟାଚ ଛାତ୍ରଛାତ୍ରୀଙ୍କ ୧୧ତମ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ତତ୍କାଳୀନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଞ୍ଜୟ ସ୍ୱାଇଁ, ଦୀପ୍ତିରାଣୀ ସ୍ୱାଇଁ, ସୁବାସ ସ୍ୱାଇଁ, ରେଣୁକା ବିଶ୍ୱାଳ, ଦିଲୀପ ପରିଡ଼ା, ନିର୍ମଳ ପଣ୍ଡା, ସୁଦର୍ଶନ ମିଶ୍ର, ଅକ୍ଷୟ ଦାସ, ପତିତପାବନ ଦାସ, ସତ୍ୟରଞ୍ଜନ ପାଳ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

# ପ୍ରଶାନ୍ତ କେନ୍ଦ୍ରାପଡ଼ା ବିଜେପିର ସମ୍ପାଦକ



ମହାକାଳପଡ଼ା,୨୯ ।୧୨(ସମିସ): ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ୧୯ ନମ୍ବର ଜୋନ୍‌ର ପୂର୍ବତନ ମଣ୍ଡଳ ସଭାପତି ଭାବେ କାର୍ଯ୍ୟ କରିଥିବା ପ୍ରଶାନ୍ତ ସେଠୀଙ୍କୁ ରାଜ୍ୟ ବିଜେପି ସଭାପତିଙ୍କ ଅନୁମୋଦନ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି। ସେଠୀ ଜଣେ ସଂଗଠକ ଭାବେ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ଆସୁଛନ୍ତି। ଜିଲ୍ଲାର ନୂତନ ସମ୍ପାଦକ ରୂପେ ନିଯୁକ୍ତ କରାଯାଇଥିବାରୁ ପ୍ରଶାନ୍ତ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ରାସୋଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରୀ ଚିକିତ୍ସା ପାଲଟିଛି ପ୍ରହସନ

# ଗୁରୁତର ଆହତଙ୍କୁ ତୁରନ୍ତ ଚିକିତ୍ସା ମିଳିଲାନି



## ଡାକ୍ତରଖାନାରେ ତାଲା ପକାଇଲେ ଉତ୍ତ୍ୟକ୍ତ ଲୋକେ

ହିନ୍ଦୋଳ,୨୯ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଚିକିତ୍ସା ସେବା ପାଲଟିଛି ପ୍ରହସନ। ହିନ୍ଦୋଳ ଉପଖଣ୍ଡର ପୁରୁଣା କଟକ-ସମ୍ବଲପୁର ରାସ୍ତା ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବା ବେଳେ ଦୈନିକ ହଜାର ହଜାର ସଂଖ୍ୟାରେ ଗାଡ଼ିମୋଟର ଚାଲୁଥିବାରୁ ବହୁ ଦୁର୍ଘଟଣା ଘଟି ଲୋକେ ମୃତାହତ ହେଉଛନ୍ତି। ମାତ୍ର ଏହି ରାସ୍ତାରେ ଥିବା ରସୋଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବହେଳା ପାଇଁ ଗୁରୁତର ଆହତମାନେ ଉପଯୁକ୍ତ ସେବା ପାଇପାରୁନାହାନ୍ତି। ରବିବାର ଅପରାହ୍ନରେ ହିନ୍ଦୋଳ ଥାନା ବାହାଲୁଣ୍ଡା ଛକ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ଜଣ ଗୁରୁତର ଆହତ ହୋଇଥିଲେ। ସେମାନେ ହେଲେ ମହିଧରପୁର ଥାନା ସେରେଣାବେଢ଼ା ଗ୍ରାମର ବୁଦ୍ଧିଆ ସାହୁଙ୍କ ପୁଅ ଜଗବନ୍ଧୁ ସାହୁ ଏବଂ ରାସୋଳ ଥାନା ବେଢ଼ାପଡ଼ା ଗ୍ରାମର ସନ୍ଦିପ ବେହେରା। ଦୁର୍ଘଟଣାରେ ଉଭୟ ସଂଜ୍ଞାହୀନ ହୋଇ ଦୀର୍ଘ ସମୟ ରାସ୍ତାରେ ପଡ଼ି ରହିଥିଲେ। ଏକ ଅଟୋ ସହାୟତାରେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ରାସୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ସେଠାରେ କୌଣସି ଡାକ୍ତର, କର୍ମଚାରୀ ନ ଥିବା ତଥା ଦୀର୍ଘ ସମୟ ପର୍ଯ୍ୟନ୍ତ କୌଣସି କର୍ମଚାରୀ ନ ପହଞ୍ଚିବାରୁ ସନ୍ଦିପଙ୍କୁ ତାଙ୍କ ପରିବାର ଲୋକେ ଏକ କାର ଯୋଗେ କଟକ ନେଇଯାଇଥିଲେ। ସ୍ୱାସ୍ଥ୍ୟସେବାରେ ଅବହେଳା ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ମେଡିକାଲ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ସମାଜସେବୀ ପ୍ରଶାନ୍ତ ଦାସ ଦୀର୍ଘ ସମୟ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବ୍ୟସ୍ତବହୁଳ ରାସ୍ତା ପାର୍ଶ୍ୱରେ ଥିବା ରସୋଳ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ନିର୍ବାଚିତ ଜନପ୍ରତିନିଧି, ସ୍ଥାନୀୟ ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗର ଏପରି ଚରମ ଅବହେଳାକୁ ହିନ୍ଦୋଳ ଜନସାଧାରଣ ଦୃଢ଼ ନିନ୍ଦା କରିଛନ୍ତି। ଏହି ମେଡିକାଲରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ବରିଷ୍ଠ ନାଗରିକ ସଂଘର ବନ୍ଧୁମିଳନ



ଡେରାବିଶ,୨୯ ।୧୨(ସମିସ): ଡେରାବିଶ ବ୍ଲକ୍ ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇସ୍ଥ ପଞ୍ଚେଶ୍ୱର ବରିଷ୍ଠ ନାଗରିକ ସଂଘ ତରଫରୁ ଏକ ବନ୍ଧୁମିଳନ ଉତ୍ସବ ସବଳଙ୍ଗ କଣିପଡ଼ା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ ସମାଜସେବୀ ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସବଳଙ୍ଗ ଗ୍ରାମର ବୟୋଜ୍ୟେଷ୍ଠ ତଥା ଅବସରପ୍ରାପ୍ତ କର୍ମଚାରୀ ଦାମୋଦର ସାମଲ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ଅକ୍ଷୟ ସାହୁ ଯୋଗ ଦେଇଥିବାବେଳେ ପଞ୍ଚେଶ୍ୱର ବରିଷ୍ଠ ନାଗରିକ ସଂଘର ସଭାପତି ମହେନ୍ଦ୍ର ଖଟୁଆ, ସମ୍ପାଦକ ପ୍ରସନ୍ନ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପସ୍ଥିତ ଶତାଧିକ ବରିଷ୍ଠ ନାଗରିକଙ୍କୁ ଅତିଥିମାନେ ବରିଷ୍ଠ ନାଗରିକଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ସଂଘ ମାଧ୍ୟମରେ ଏହାର ସୁଯୋଗ ନେବାକୁ କହିଥିଲେ। ସବଳଙ୍ଗ ଗ୍ରାମରେ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକଙ୍କ ନିମନ୍ତେ ଏକ ଚିତ୍ତବିନୋଦନ ଗୃହ ନିର୍ମାଣ ନିମନ୍ତେ ସରପଞ୍ଚଙ୍କ ମାଧ୍ୟମରେ ପ୍ରଶାସନ ନିକଟରେ ଦାବି କରାଯାଇଥିଲା। ପଞ୍ଚେଶ୍ୱର ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଶ୍ରୀ ସାମଲ ଆସନ୍ତା ଜାନୁଆରୀ ମାସ ଦ୍ୱିତୀୟାର୍ଦ୍ଧରେ ସଂଘ ତରଫରୁ ଏକ ତୀର୍ଥଯାତ୍ରାର ଆୟୋଜନ କରାଯାଇଥିବା ସୂଚନା ପ୍ରଦାନ କରିଥିଲେ। ଆଗ୍ରହୀ ବରିଷ୍ଠ ନାଗରିକ ସେମାନଙ୍କ ନାମ ପଞ୍ଜୀକରଣ ପାଇଁ ପରାମର୍ଶ ଦେଇଥିଲେ। କୋଷାଧ୍ୟକ୍ଷ ଭରତ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୟହିନ୍ଦ ହାଇସ୍କୁଲରେ ଗୁରୁପୂଜନ



ପଟାମୁଣ୍ଡାଇ,୨୯ ।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲର ୧୯୮୯ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ସ୍କୁଲର ପୁରାତନ ଛାତ୍ର ତଥା ପ୍ରାକ୍ତନ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲଙ୍କ ପୌରୋହିତ୍ୟ ଓ ନୀହାର ରଞ୍ଜନ ସୂତାରଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପ୍ରାକ୍ତନ ଶିକ୍ଷକ ରଞ୍ଜିତ ମଲ୍ଲିକ, କେଦାର ପ୍ରଧାନ, ସୁରେଶ ନାୟକ, ଭଗବାନ ରାଉତ, ଦୁଃଶାସନ ଜେନା, ପ୍ରଧାନଶିକ୍ଷକ ଭାସ୍କର ବେହେରା ଅତିଥି ଭାବେ ଯୋଗଦେଇ ଧୋୟାଞ୍ଚଳର ଏହି ଗୌରବମୟ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନେ ଗୁରୁମାନଙ୍କ ପୂଜାର୍ଚ୍ଚନା କରିବା ସହ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୁରାତନଛାତ୍ର ରଶ୍ମିରଞ୍ଜନ ସ୍ୱାଇଁ, ମାନସ ରଞ୍ଜନ ସାମଲ, ବିଶ୍ୱଜିତ ଦାଶ, ଗୁଣମଣି ବିଶ୍ୱାଳ, ତ୍ରିନାଥ ମଲ୍ଲିକ, ତୀର୍ଥଙ୍କର ମଲ୍ଲିକ, ଜୟଶ୍ରୀ ବିଶ୍ୱାଳ, ମମତା ସାହୁ, କେଦାର ସେଠୀ, ରମେଶ ସାହୁ, ଅନିରୁଦ୍ଧ ମଲ୍ଲିକ, ବିଜୟ ବେହେରା, ମଧୁଛନ୍ଦା ବିଶ୍ୱାଳ, ବବିତା ବିଶ୍ୱାଳ, ବିଷ୍ଣୁପ୍ରିୟା ବିଶ୍ୱାଳ, ସ୍ନେହାଂଶୁ ଶେଖର ଦାସ, ନବଘନ ବାରିକ, କୃଷ୍ଣଚନ୍ଦ୍ର ସାହୁ, ଦେବେନ୍ଦ୍ର ସୂତାର ପ୍ରମୁଖ ଯୋଗଦେଇ ନିଜ ବିଦ୍ୟାଳୟର ବିକାଶ ପାଇଁ ହାତ ବଢ଼ାଇବାକ ଶପଥ ନେଇଥିଲେ। ପୁରାତନ ଛାତ୍ର ରଶ୍ମିରଞ୍ଜନ ସ୍ୱାଇଁ ସ୍ୱାଗତ ଭାଷଣ ଓ କମଳାକାନ୍ତ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ଆରମ୍ଭରେ ଦିବଂଗତ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଗ୍ରାମଦେବୀଙ୍କ ପୂଜାର୍ଚ୍ଚନା ସହ ୧୯୮୯ ବ୍ୟାଚ ଛାତ୍ରଛାତ୍ରୀଙ୍କ ପ୍ରଦତ୍ତ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ମୂର୍ତ୍ତି ହାଇସ୍କୁଲ ପରିସରରେ ପ୍ରତିଷ୍ଠା କରାଯାଇଥିଲା। କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବାଦିପାଲା ମହୋତ୍ସବର ତୃତୀୟ ସନ୍ଧ୍ୟା

ଡେରାବିଶ,୨୯ ।୧୨(ସମିସ): ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଡେରାଡିହ ଓ କେଉଟକଣ୍ଡିଆ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମା' ବୁଢ଼ୀ ଜାଗୁଲେଇଙ୍କ ପୀଠରେ ୧୪୦ତମ ବାଦିପାଲା ମହୋତ୍ସବର ରବିବାର ଥିଲା ତୃତୀୟ ସନ୍ଧ୍ୟା। ଦୀର୍ଘ ୯ ଦିନ ହେବାକୁ ଥିବା ଏହି ମହୋତ୍ସବରେ ଓଡ଼ିଶାର ୬ ଜଣ ବିଶିଷ୍ଟ ଗାୟକ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଗାୟକ ଅଧ୍ୟାପକ ଅଭିରାମ ଶତପଥୀ ଓ ଶତ୍ରୁଘ୍ନ ରଣାଙ୍କ ମଧ୍ୟରେ ବାଦିପାଲା ଅନୁଷ୍ଠିତ ହେଉଛି। ଅଷ୍ଟାଦଶ ପୁରାଣ ଓ ବିଭିନ୍ନ ଧାର୍ମିକ ଗ୍ରନ୍ଥ ଓ ଓଡ଼ିଶାର ପ୍ରାଚୀନ କବିମାନଙ୍କ ଲେଖନୀର କିୟଦଂଶ ଉପରେ ଗାୟକ ଦ୍ୱୟଙ୍କ ଆଲୋଚନା ଓ ପାଳିଆମାନଙ୍କ ଢଗଢମାଳୀ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରୁଛି। ବହୁ ପ୍ରାଚୀନ ଅନୁଷ୍ଠାନ ହୋଇଥିବାରୁ ବିଭିନ୍ନ ଅଞ୍ଚଳର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମକୁ ପାଲା କମିଟି ଓ ଉଭୟ ଗ୍ରାମବାସୀ ପରିଚାଳନା କରୁଛନ୍ତି।

## ମାଳିପୁର-ବଳଭଦ୍ରପୁର ରାସ୍ତା କାମରେ ମହାଦୁର୍ନୀତି

# ତଥ୍ୟ ବଦଳାଉଛନ୍ତି ଗ୍ରାମ୍ୟ ଉନ୍ନୟନ ଅଧିକାରୀ

● ନିର୍ମାଣ ପୂର୍ବରୁ ରାସ୍ତାର କୌଣସି ମ୍ୟାପ ତିଆରି କରାଯାଏ ନାହିଁ: ଅଧୀକ୍ଷଣ ଯନ୍ତ୍ରୀ

● ଭିଜିଲାନ୍ସ ତଦନ୍ତ ତ୍ୱରାନ୍ୱିତ କରିବାକୁ ଦାବି ରଖିଲେ ଗ୍ରାମବାସୀ

ପଟାମୁଣ୍ଡାଇ,୨୯ ।୧୨(ସମିସ)

ସାରା ରାଜ୍ୟରେ ଚର୍ଚ୍ଚାରେ ଥିବା ମାଳିପୁର-ବଳଭଦ୍ରପୁର ମୁଖ୍ୟମନ୍ତ୍ରୀ ସଡ଼କରେ ହୋଇଥିବା ମହାଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଭିଜିଲାନ୍ସ ପଞ୍ଝାରୁ ବଞ୍ଚିବା ପାଇଁ ବିଭାଗ ପକ୍ଷରୁ ପୂର୍ବରୁ ସୂଚନା ଅଧିକାର ଆଇନ ଦ୍ୱାରା ଦିଆ ଯାଇଥିବା ତଥ୍ୟକୁ ପୁନର୍ବାର ବଦଳାଇ ନୂଆ ତଥ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅନ୍ତର୍ଗତ ଟ୍ରାଇ ସ୍କିମରେ ମାଳିପୁର-ବଳଭଦ୍ରପୁର ଭାୟା ଦାମରପୁର, ବାଲିପାଟଣା, ଖର୍ଦ୍ଦାପାଟଣା, ଛତ୍ରଧାରୀପାଟଣା ଦେଇ ବଳଭଦ୍ରପୁର ପର୍ଯ୍ୟନ୍ତ ୬ କିମି ୧୦୦ ମିଟର ରାସ୍ତା ନିର୍ମାଣ ପାଇଁ ୬ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। ୫ କୋଟି ୪୧ ଲକ୍ଷ ୬୧ ହଜାର ଟଙ୍କାରେ କାର୍ଯ୍ୟ ସାରିବାକୁ ସରକାରଙ୍କ ସହ ଚୁକ୍ତି ସ୍ୱାକ୍ଷର କରି ଠିକାଦାର ବିଜୟ ମହାନ୍ତି ୨୦୨୪ ମାର୍ଚ୍ଚ ୧୫ରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଠିକାଦାର ଏଷ୍ଟିମେଟ ମୁତାବକ ମାତ୍ର ୫ ଶହରୁ ୭ ଶହ ମିଟର କାମ କରି କାର୍ଯ୍ୟ ସରିଗଲା ବୋଲି କହିଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ସୂଚନା ଅଧିକାର କର୍ମୀ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ-୨କୁ ଏ ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ସହ ରାସ୍ତା ନିର୍ମାଣ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ରାସ୍ତାର ମ୍ୟାପ ଏବଂ ରାସ୍ତା କାମ ସରିବା ପରେ ରାସ୍ତାର ମ୍ୟାପ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ ବେଳେ ଏଷ୍ଟିମେଟ ସହ ରାସ୍ତାର ମ୍ୟାପ ପ୍ରଦାନ କରାଯାଇଛି ବୋଲି ଲିଖିତ ଭାବେ କୁହାଯାଇଥିଲା। ବାସ୍ତବରେ ରାସ୍ତାର ମ୍ୟାପ ଦିଆଯାଇ ନ ଥିବା ଅଭିଯୋଗ ହୋଇଥିଲା। ଅପରପକ୍ଷରେ ରାସ୍ତା ନିର୍ମାଣ ସରିବା ପରର ଯେଉଁ ମ୍ୟାପ ପ୍ରଦାନ କରାଯାଇଥିଲା ସେଥିରେ ସମ୍ପୂର୍ଣ୍ଣ ଭୁଲ ତଥ୍ୟ ଦେଇ ଜଳସମ୍ପଦ ବିଭାଗ ଦ୍ୱାରା ପୂର୍ବରୁ ନିର୍ମିତ ହୋଇଥିବା ଡାମରପୁର ରିଂ ବନ୍ଧ ସହ ଅନ୍ୟ କେତେକ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଛି ବୋଲି ବିଭାଗ ଦର୍ଶାଇଥିଲା। କିନ୍ତୁ ସୂଚନା ଅଧିକାର କର୍ମୀ ରାସ୍ତାର କୌଣସି ମ୍ୟାପ ଏଷ୍ଟିମେଟ ଭିତରେ ନ ପାଇବାରୁ ପୁନର୍ବାର ରାସ୍ତା ଆରମ୍ଭ ପୂର୍ବରୁ ପ୍ରସ୍ତୁତ ମ୍ୟାପ ପାଇଁ ଅପିଲ କରିଥିଲେ। ଅପିଲର ଉତ୍ତର ରଖିବା ପାଇଁ ସୂଚନା ଅଧିକାର କର୍ମୀଙ୍କୁ ବିଭାଗ ତରଫରୁ ବିଭାଗୀୟ କାର୍ଯ୍ୟାଳୟକୁ ଡକାଯାଇଥିଲା। ଅଧିକ୍ଷଣ ଯନ୍ତ୍ରୀ ସୂରଜ ସେଠୀ ଏବଂ ସହ ନିର୍ବାହୀ ଯନ୍ତ୍ରୀ ଗ୍ରାମବାସୀଙ୍କ ଉପସ୍ଥିତିରେ ସୂଚନା ଅଧିକାର କର୍ମୀଙ୍କୁ ରାସ୍ତା ବିଷୟରେ ବୁଝାଇଥିଲେ। ରାସ୍ତାର ତିଆରି ପୂର୍ବରୁ ରାସ୍ତାର କୌଣସି ମ୍ୟାପ ତିଆରି କରାଯାଏ ନାହିଁ ବୋଲି କହିଥିଲେ।

ସର୍ଭେ ଏବଂ ଏଷ୍ଟିମେଟ ହିସାବରେ ରାସ୍ତା କାମ କାହିଁକି କରିନାହାନ୍ତି ବୋଲି ଗ୍ରାମବାସୀଙ୍କ ପ୍ରଶ୍ନର ଉତ୍ତରରେ ସର୍ଭେ ଆଉ ଏଷ୍ଟିମେଟର କୌଣସି ମୂଲ୍ୟ ନାହିଁ, ଡିପାର୍ଟମେଣ୍ଟ ଯେଉଁଠି ଚାହିଁବ ସେଠି କାମ କରିବ ବୋଲି ଅଧିକ୍ଷଣ ଯନ୍ତ୍ରୀ କହିଥିଲେ। ରିଂ ବନ୍ଧ କାମ ଜଳସମ୍ପଦ ବିଭାଗ ଦୁଇବର୍ଷ ତଳେ କରିଥିଲା ଏବଂ ତାହାର ଉପଯୁକ୍ତ ପ୍ରମାଣ ଗ୍ରାମବାସୀଙ୍କ ତରଫରୁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦେଖାଇବା ପରେ ବିଭାଗ ପକ୍ଷରୁ ନାଲି ଓ ନୀଳ କଲମରେ ପୂର୍ବରୁ ବିଭାଗ ପକ୍ଷରୁ ଦିଆଯାଇଥିବା ରାସ୍ତା ମ୍ୟାପର ରଙ୍ଗ ସଙ୍ଗେ ସଙ୍ଗେ ବଦଳାଇ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ଦିଆଯାଇଥିଲା। ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ଦର୍ଶାଉଥିବା ମ୍ୟାପର ରଙ୍ଗ ବଦଳାଇବା ପରେ ଅଧୀକ୍ଷଣ ଯନ୍ତ୍ରୀ ସୂରଜ ସେଠୀ ଏବଂ ସହ ନିର୍ବାହୀ ଯନ୍ତ୍ରୀ ମ୍ୟାପ ଅନୁଯାୟୀ ରାସ୍ତାର ଲମ୍ବ ବିଷୟରେ ସବିଶେଷ ବିବରଣୀ ବୁଝାଇପାରି ନ ଥିଲେ। ପରିବର୍ତ୍ତିତ ମ୍ୟାପରେ ଯେତିକି ରାସ୍ତା ସମ୍ପୂର୍ଣ୍ଣ ହୋଇଛି ବୋଲି ଦର୍ଶାଯାଇଛି ତାହାର ଲମ୍ବ ମାତ୍ର ଦେଢ଼ କିମି ମଧ୍ୟରେ ହେବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମ୍ୟାପରେ ସମ୍ପୂର୍ଣ୍ଣ ହୋଇଥିବା ରାସ୍ତାର ପ୍ରତି କୋଣରୁ କୋଣ ମଧ୍ୟରେ ଦୂରତା ଲିଖିତ ଭାବରେ ଦେବାକୁ ଗ୍ରାମବାସୀ ଦାବି କରିବାରୁ ସେପରି ଦେଇହେବ ନାହିଁ ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ପୂର୍ବରୁ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସକୁ ଏହି ପ୍ରକଳ୍ପର ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ଇତିମଧ୍ୟରେ ଅନେକ ଦିନ ବିତିଯାଇଥିଲେ ମଧ୍ୟ ତଦନ୍ତ ପ୍ରକ୍ରିୟା ଶିଥିଳ ହେତୁ ବିଭାଗୀୟ ଅଧିକାରୀ ଏହାର ସୁଯୋଗ ନେଇ ଭିଜିଲାନ୍ସ ତଦନ୍ତକୁ ଦିଗହରା କରିବା ଏବଂ ଠିକାଦାରଙ୍କୁ ସୁହାଇଲା ଭଳି ସୁରକ୍ଷା ଦେବାକୁ ବାରମ୍ବାର ତଥ୍ୟ ବଦଳାଇବା ସହ ଭୁଲ ରିପୋର୍ଟ ପ୍ରଦାନ କରୁଛନ୍ତି ବୋଲି ଗ୍ରମବାସୀ ଅଭିଯୋଗ କରିଛନ୍ତି। ଏଣୁ ଉକ୍ତ ପ୍ରକଳ୍ପରେ ହୋଇଥିବା ମହାଦୁର୍ନୀତିର ଭିଜିଲାନ୍ସ ତଦନ୍ତ ତ୍ୱରାନ୍ୱିତ କରିବା ପାଇଁ ପୁନର୍ବାର ଭିଜିଲାନ୍ସକୁ ନିର୍ଦ୍ଦେଶ ଦେବାକୁ ସଞ୍ଜୟ ନାୟକ, ଦିବାକର ବେହେରା, ସର୍ବେଶ୍ୱର ସେଠୀ, ଦାମୋଦର ବେହେରା, ସତ୍ୟବାନ ମଳିକ, ଅର୍ଜୁନ ସାହୁ, ବିମଳ ବାରିକ, ରମାକାନ୍ତ ଦାଶ, ବୁଟୁନା ପଣ୍ଡା, ପ୍ରତାପ ମହାନ୍ତି, ଦିଲୀପ ମଳିକ ପ୍ରମୁଖ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ରଖିଛନ୍ତି।

# ସମ୍ପାଦକୀୟ




ଚନ୍ଦ୍ରମା ଭଳି ତୁମେ ମେଘମାଳା ଭିତରୁ ବାହାରି ଆସ ଓ ଆଲୋକ ବର୍ଷା କର।
-ଗୌତମ ବୁଦ୍ଧ

ସକାଳ
THE SAKALA

## ବାୟୁକୁ ଟପିଲାଣି ଜଳସଂକଟ

ବାୟୁ ପ୍ରଦୂଷଣ ନେଇ ରାଜ୍ୟ ସରକାରଙ୍କ ସକ୍ରିୟତା ଓ ଘୋଷିତ ଜୋରିମାନା ପରିମାଣ ଦେଖିଲେ ମନେହେଉଛି ଆମ ରାଜ୍ୟବାସୀଙ୍କ ମୁଣ୍ଡପିଛା ଆୟ ସତେଯେପରି ତେଲଙ୍ଗାନା ଓ କର୍ଣ୍ଣାଟକକୁ ଅତିକ୍ରମ କରିଗଲାଣି। ପ୍ରଦୂଷଣ ପ୍ରମାଣପତ୍ର ହାସଲ ନାମରେ କିଛି ଅନୁଗତ ସଂସ୍ଥାଙ୍କୁ ଉପାର୍ଜନର ସୁବିଧା ପ୍ରଦାନ ସହ ଜୁଲମ ପାଇଁ ଏହି ବ୍ୟବସ୍ଥା ପଥ ପରିଷ୍କାର କରିଛି ବୋଲି ଜନସାଧାରଣଙ୍କ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଋତୁକାଳୀନ ଏହି ବାୟୁପ୍ରଦୂଷଣ ଆଉ ମାସ ଗୋଟାଏ ପରେ କୁଆଡ଼େ ଉଭେଇଯିବ। ଅଥଚ ଜଳ ସଂକଟ ଓ ପ୍ରଦୂଷଣ ପରିସ୍ଥିତି ରାଜ୍ୟବାସୀଙ୍କର ସବୁଦିନିଆ ସମସ୍ୟା। କିନ୍ତୁ ସେଥିପ୍ରତି ରାଜ୍ୟ ସରକାରଙ୍କ ନିଘା ନାହିଁ। ମନେହେଉଛି ଶିଳ୍ପ ସମୃଦ୍ଧି ରାଜ୍ୟଗଠନ ପାଇଁ ସରକାରଙ୍କ ନିବେଶ ଆଭିମୁଖ୍ୟ ନିକଟରେ ଜଳଜନିତ ଗୁରୁତର ସମସ୍ୟା ଗୌଣ ହୋଇପଡ଼ିଛି। ରାଜ୍ୟରେ ସକ୍ରିୟ ଶିଳ୍ପ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ କାଳେ ତାହାର ପ୍ରଭାବ ଆଶାୟୀ ଶିଳ୍ପ ସଂସ୍ଥାଙ୍କ ଉପରେ ପଡ଼ିବ! ଏହିକାରଣରୁ ୫୮ଟି ଶିଳ୍ପସଂସ୍ଥାଙ୍କ ଉପରେ ଥିବା ବକେୟା ୫୮୯୦ କୋଟି ଟଙ୍କାର ଜଳ କର ଆଦାୟ କରିବାକୁ ସରକାର ବୋଧହୁଏ ସାହସ କରିପାରୁନାହାନ୍ତି। ଅନ୍ୟପକ୍ଷରେ ଶିଳ୍ପ ସଂସ୍ଥା ଅବାଧରେ ଶିଳ୍ପବର୍ଜ୍ୟ ନଦୀ ଗର୍ଭକୁ ଛାଡୁଥିବାରୁ ନଦୀ ଜଳ ସହିତ ଭୂତଳ ଜଳ ମଧ୍ୟ ପ୍ରଦୂଷିତ ହେଉଛି ଏବଂ ବିଭିନ୍ନ ରୋଗର କାରଣ ପାଲଟିଛି।

ଅସଲରେ ବାୟୁ ପ୍ରଦୂଷଣ ପଛର କାରଣ ନିର୍ଣ୍ଣୟ କରିବାରେ ପ୍ରଶାସନ ବିଫଳ ନା ସରକାର ଉଦ୍ଦେଶ୍ୟମୂଳକ ଭାବେ ଜାଣିବାକୁ ଚେଷ୍ଟା କରୁନାହାନ୍ତି ସେହି ପ୍ରଶ୍ନ ଏବେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ହୋଇଛି। ବାୟୁପ୍ରଦୂଷଣରେ ଯାନବାହନରୁ ନିର୍ଗତ ଧୂଆଁର ଯୋଗଦାନ ଯେତିକି ରହିଛି, ତା'ଠାରୁ ଅଧିକ ରହିଛି ଶିଳ୍ପାୟନ, ସହରୀକରଣ ଓ ବିନିର୍ମାଣ ଭଳି କାର୍ଯ୍ୟକଳାପର। ଅଥଚ ସେହିସବୁ କ୍ଷେତ୍ରରୁ ଜୋରିମାନା ଆଦାୟ ବା କଟକଣା ଲାଗୁ କରିବାରେ ଶାସନ/ପ୍ରଶାସନର ନିଷ୍କ୍ରିୟତା ବାରି ହୋଇପଡୁଛି। ସହରବଜାରରେ ଯାନବାହନର ପ୍ରଦୂଷଣ ମାନଦଣ୍ଡ ଯାଞ୍ଚ କରିବା ଭଳି ଯଦି ବିଭାଗୀୟ କର୍ତ୍ତୃପକ୍ଷ ଶିଳ୍ପାଞ୍ଚଳରେ ସକ୍ରିୟ ହୁଅନ୍ତେ ତେବେ ରାଜ୍ୟ ଓ ରାଜ୍ୟବାସୀଙ୍କୁ ଅଧିକ ଫାଇଦା ମିଳନ୍ତା। କିନ୍ତୁ ଶିଳ୍ପାୟନ ପାଇଁ ବଦ୍ଧପରିକର ସରକାର ଶିଳ୍ପସଂସ୍ଥାଙ୍କ ସାତଖୁଣ ମାଫ କରିଦେବା ଭଳି ମାନସିକତାରେ ଥିବା ଜଣାପଡୁଛି। ଶିଳ୍ପ ସଂସ୍ଥାମାନଙ୍କର କେବଳ ବାୟୁମଣ୍ଡଳକୁ କାର୍ବନ ନିର୍ଗମନ ନୁହେଁ, ନଦୀ ଜଳକୁ ବର୍ଜ୍ୟ ବିସର୍ଜନ ମଧ୍ୟ ରାଜ୍ୟରେ ଗୁରୁତର ସମସ୍ୟା ସୃଷ୍ଟି କରିଛି। ବାୟୁ ପ୍ରଦୂଷଣ ଜନିତ ରୋଗ ଅପେକ୍ଷା ପ୍ରଦୂଷିତ ଓ ବିଷାକ୍ତ ଜଳ ସଂକ୍ରମିତ ରୋଗର ପ୍ରାବଲ୍ୟ ବଢୁଛି। ଅଥଚ ସରକାର ସେଥିପ୍ରତି ଯେତିକି ଦୃଷ୍ଟି ଦେବା କଥା ତାହାର ଅଭାବ ରହୁଛି। ଗତ କିଛିମାସ ତଳେ ପ୍ରଦୂଷିତ ଜଳ ଯୋଗୁଁ ସାରା ରାଜ୍ୟରେ ହଇଜା ବ୍ୟାପୀ ଜୀବନହାନିର କାରଣ ହୋଇଥିଲା। ଏହି ଘଟଣାକୁ ଏକ ଋତୁକାଳୀନ ପ୍ରାଦୁର୍ଭାବ ବୋଲି ସ୍ପଷ୍ଟୀକରଣ ଦେଇ ସରକାର ଜନସାଧାରଣଙ୍କୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ କରି ସଫଳ ହୋଇଥିଲେ। କିନ୍ତୁ ଅସଲରେ ପ୍ରଦୂଷିତ ଜଳ ହିଁ ସବୁ ସମସ୍ୟାର ମୂଳ ତାହାକୁ ଭୁଲି ଗଲେ ଚଳିବ ନାହିଁ।



ରାଜ୍ୟରେ ଶିଳ୍ପସଂସ୍ଥାମାନଙ୍କର ସାମାଜିକ କଲ୍ୟାଣ ଦାୟିତ୍ୱହୀନତା କାରଣରୁ କେବଳ ଜଳପ୍ରଦୂଷଣ ବଢୁନାହିଁ, ତା'ସହିତ ଜଳାଭାବ-ସଙ୍କଟ ମଧ୍ୟ ଉତ୍କଟ ହେବାରେ ଲାଗିଛି। ରାଜ୍ୟରେ ସକ୍ରିୟ ଶିଳ୍ପସଂସ୍ଥା ମୁଖ୍ୟତଃ ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ଇନ୍ଦ୍ରବତୀ, କୋଲାବ, ନାଗାବଳୀ ଓ ଋଷିକୁଲ୍ୟାରୁ ଜଳ ନେବା ସକାଶେ ଜଳସମ୍ପଦ ବିଭାଗ ସହ ଚୁକ୍ତିବଦ୍ଧ। ୨୦୨୧ରେ ସେମାନେ ପ୍ରକୃତରେ କେତେ ଜଳ ନେଇଛନ୍ତି ତାହାର ନିର୍ଦ୍ଧାରଣ ପାଇଁ ସେନ୍ସରଭିତ୍ତିକ 'ଫ୍ଲୋମିଟର' ସଂଯୋଗ ସକାଶେ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ତାହାର ଉଲ୍ଲଙ୍ଘନ ହୋଇଛି। ଏଥିରୁ ସ୍ପଷ୍ଟ ଯେ ଚୁକ୍ତି ପରିମାଣଠାରୁ ଶିଳ୍ପ ସଂସ୍ଥାଗୁଡ଼ିକ ଯଥେଷ୍ଟ ଅଧିକ ଜଳ ଉତ୍ତୋଳନ କରୁଛନ୍ତି। ଏ ନେଇ ଗୁରୁତର ଅଭିଯୋଗ ହେବାରୁ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା 'ଫ୍ଲୋମିଟର' ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ୬ ଗୁଣ ଅଧିକ ଟିକସ ଜୋରିମାନା ଆକାରରେ ଆଦାୟ କରାଯିବ। ଏହି କଠୋର ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହେବ ସେ ନେଇ ଏବେ ମଧ୍ୟ ସନ୍ଦେହ ରହିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟ ଅନୁଯାୟୀ, ସହରାଞ୍ଚଳ ଆବର୍ଜନା ସହ ଶିଳ୍ପ ବର୍ଜ୍ୟ ସିଧାସଳଖ ନଦୀ ଜଳରେ ମିଶୁଥିବାରୁ ଗଙ୍ଗୁଆ ଦୟା, ମଙ୍ଗଳା, କାଠଯୋଡ଼ି, ସେରିଆ, ବ୍ରାହ୍ମଣୀ ଓ ଗୁଲାଡିହ ନାଳ ଅଧିକ ପ୍ରଦୂଷିତ ହୋଇଛି। ଜଳ ପ୍ରଦୂଷଣରେ ଯେଉଁ ବର୍ଗୀକରଣ କରାଯାଉଛି ସେଥିରେ ଦୟା, ମଙ୍ଗଳା, କାଠଯୋଡ଼ି, ସେରୁଆ ଓ ବ୍ରାହ୍ମଣୀ ଜଳ ବର୍ଗ-୫ ରେ ରହିଛି। ଏହାକୁ ଆମେ ମାତ୍ରାଧିକ ପ୍ରଦୂଷିତ ଜଳ ରୂପେ ଗ୍ରହଣ କରିପାରିବା। ବ୍ରାହ୍ମଣୀରେ ଶିଳ୍ପ ବର୍ଜ୍ୟ ମିଶୁଥିବାରୁ ଏହି ବିଷାକ୍ତ ଜଳ ଗୁରୁତର ପରିସ୍ଥିତି ସୃଷ୍ଟି କରିଛି।

ସରକାର କେବଳ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କସରତରେ ନିଜକୁ ସୀମିତ ରଖିଲେ ଚଳିବ ନାହିଁ। ନଦୀ ଓ ଭୂତଳ ଜଳ ପ୍ରଦୂଷଣ ଭଳି ଗୁରୁତର ସମସ୍ୟା ଏବଂ ସେଥିରୁ ସୃଷ୍ଟ ରୋଗର ପ୍ରତିକାର ପାଇଁ ସରକାର ସଚେତନ ହେବା ଜରୁରୀ।

# ଭାରତର ମୁକ୍ତ ଅର୍ଥନୀତିରେ ଏକାଧିକାର

ସନ୍ତୋଷ କୁମାର ମିଶ୍ର

ଭାରତର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ କିଛିଦିନ ତଳେ ସୃଷ୍ଟି ହୋଇଥିବା ସଙ୍କଟ ଯୋଗୁଁ ଉଭୟ ଯାତ୍ରୀ ଓ ପଣ୍ୟ ପରିବହନ ସେବା ପ୍ରଭାବିତ ହୋଇଛି। ଏହି ସମସ୍ୟା ହଠାତ୍ ସୃଷ୍ଟି ହୋଇନାହିଁ; ବରଂ ଗତ ପାଞ୍ଚ ବର୍ଷ ତଳୁ ଆରମ୍ଭ ହୋଇଥିବା ଏହି ସମସ୍ୟା ଏବେ ବିସ୍ଫୋରକ ସ୍ଥିତିରେ ପହଞ୍ଚିଛି। ଦେଢ଼ଦଶନ୍ଧି ପୂର୍ବେ ଭାରତରେ ଏକଡଜନ୍‌ରୁ ଅଧିକ କମ୍ପାନୀ ବିମାନ ସେବା ପ୍ରଦାନ କରୁଥିଲେ। କିନ୍ତୁ ଆଜି କେବଳ ଏହି କ୍ଷେତ୍ରରେ ମାତ୍ର ଦୁଇ/ତିନିଟି କମ୍ପାନୀର ଉପସ୍ଥିତି ରହିଛି। ଭାରତର ୭୦ ପ୍ରତିଶତରୁ ଅଧିକ ପଥରେ ମାତ୍ର ଗୋଟିଏ କମ୍ପାନୀର ବିମାନ ଚଳାଚଳ କରୁଛି। ଏହାଫଳରେ ବିମାନରେ ଯାତ୍ରା ମୂଲ୍ୟ ମଧ୍ୟ ବଢ଼ିବାରେ ଲାଗିଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟର ତଥ୍ୟାନୁଯାୟୀ, ବିଗତ ଛ' ବର୍ଷ ମଧ୍ୟରେ ଅନ୍ତଃରାଷ୍ଟ୍ରୀୟ ଟିକେଟ ଦର ୧୬ ପ୍ରତିଶତ ମହଙ୍ଗା ହୋଇଥିବା ବେଳେ ଭାରତୀୟ ବିମାନ ଟିକେଟ ଦର ୪୩ ପ୍ରତିଶତ ବୃଦ୍ଧି ହୋଇଛି। ଦକ୍ଷିଣ-ଏସୀୟ ଦେଶ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି ଭାରତର ଅତି ଦାମିକା ବିମାନ ସେବା।

ନବ ଉଦାରୀକରଣ ଅର୍ଥନୀତିରେ କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏକାଧିକାର ସୃଷ୍ଟି ହେବା ଏକ ସମସ୍ୟା ନୁହେଁ, ବରଂ ଏକ ସୁଚିନ୍ତିତ ବ୍ୟବସାୟ ରଣନୀତି। କାରଣ ମୁକ୍ତଅର୍ଥନୀତିର ଏକ ପ୍ରମୁଖ ଉଦ୍ଦେଶ୍ୟ ହେଉଛି ବାଜରରେ ଉପଯୁକ୍ତ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରି ନାଗରିକମାନଙ୍କ ବିଭିନ୍ନ ପ୍ରକାରର ଅଧିକାର ଓ ସ୍ୱାର୍ଥକୁ ସୁରକ୍ଷିତ ରଖିବା। କେବଳ ବିମାନ ଚଳାଚଳ ନୁହେଁ, ଭାରତର ବିଶାଳ ବଜାରରେ ବର୍ତ୍ତମାନ ପ୍ରାୟ ଆଠଟି କ୍ଷେତ୍ରରେ ଏକାଧିକାର ସୃଷ୍ଟି ହୋଇଛି ବା ହେବାକୁ ଯାଉଛି। ବଜାରରେ ପ୍ରତିଦ୍ୱନ୍ଦ୍ୱିତା ସ୍ଥିତି କିପରି ରହିଛି, ତାହା 'ହରଫିଣ୍ଡାଲ ହରିସମ୍ୟାନ' ସୂଚକାଙ୍କ (ଏଚଏଚଆଇ) ଦ୍ୱାରା ନିର୍ଦ୍ଧାରିତ ହୁଏ। ୧୯୪୦ ମସିହାରେ ଆମେରିକୀୟ ଅର୍ଥଶାସ୍ତ୍ରୀ ଆଲବର୍ଟ ହରିସମ୍ୟାନ୍ ବଜାରରେ ପ୍ରତିଦ୍ୱନ୍ଦ୍ୱିତାକୁ ମାପିବା ପାଇଁ ଏକ ପଦ୍ଧତି ବିକଶିତ କରିଥିଲେ। ପରବର୍ତ୍ତୀ ସମୟରେ ଅର୍ଥନୀତିଜ୍ଞ ଓରିସ୍ ହରଫିଣ୍ଡାଲ ଏହାକୁ ଅଧିକ ଉନ୍ନତ କରିଥିଲେ। ଏହା ବିଶ୍ୱରେ ବିଭିନ୍ନ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାକୁ ମାପିବା ପାଇଁ ବ୍ୟବହୃତ ହେଉଛି।

ଏହି ସୂଚକାଙ୍କରେ ୧୫୦୦ ରୁ କମ ମୂଲ୍ୟାଙ୍କ ଦର୍ଶାଇଥାଏ ଯେ ବଜାରରେ ଉତ୍ତମ ପ୍ରତିଦ୍ୱନ୍ଦ୍ୱିତା ରହିଛି। ୧୫୦୦-୨୫୦୦ ମୂଲ୍ୟାଙ୍କ ପ୍ରତିଦ୍ୱନ୍ଦ୍ୱିତା ହ୍ରାସ ପାଉଥିବା ସୂଚାଏ। ୨୫୦୦ ରୁ ଅଧିକ ମୂଲ୍ୟାଙ୍କ ଜଣାଇ ଦିଏ ଯେ ପ୍ରତିଦ୍ୱନ୍ଦ୍ୱିତା ସମାପ୍ତ ହୋଇଛି। ବର୍ତ୍ତମାନ ଭାରତର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଏଚଏଚଆଇର ମୂଲ୍ୟାଙ୍କ ୪୪୦୦ ରହିଥିବା ବେଳେ ରଙ୍ଗ ଉତ୍ପାଦନରେ ୩୭୦୭, ସଞ୍ଚାର କ୍ଷେତ୍ରରେ ୩୦୦୦, ଷ୍ଟିଲ ଉତ୍ପାଦନରେ ୨୧୦୦, ଟାୟାର ଉତ୍ପାଦନରେ ୨୦୦୦, ସିମେଣ୍ଟ ଉତ୍ପାଦନରେ ୧୯୦୦ ରହିଛି। ଆର୍ଥିକ ବର୍ଷ ୧୪-୧୫ ରେ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଦୁଇଟି ଅଗ୍ରଣୀ କମ୍ପାନୀର ରାଜସ୍ୱ ଅଂଶ ୫୩.୧ ଶତାଂଶ ଥିବା ବେଳେ ବର୍ତ୍ତମାନ ଏହା ୯୨.୬%ରେ ପହଞ୍ଚିଛି। ଟାୟାର ଉତ୍ପାଦନ କ୍ଷେତ୍ରରେ ୪୮.୯ ପ୍ରତିଶତ ଥିବା ବେଳେ ଏବେ ଏହା ୫୫%ରୁ ଅଧିକ।

ଚୀନ ପରେ ବିଶ୍ୱର ସର୍ବବୃହତ ସଞ୍ଚାର କ୍ଷେତ୍ର ଭାରତରେ ଏକ ଦଶନ୍ଧି ପୂର୍ବେ ଦୁଇଟି ପ୍ରମୁଖ କମ୍ପାନୀଙ୍କ ରାଜସ୍ୱ ଅଂଶ ୪୬.୫% ଥିବା ବେଳେ ବର୍ତ୍ତମାନ ସେମାନଙ୍କ ରାଜସ୍ୱ ଅଂଶ ୭୨%ରୁ ଅଧିକ। ଷ୍ଟିଲ ଉତ୍ପାଦନ କ୍ଷେତ୍ରରେ ଏହା ୪୪.୫%ରୁ ବୃଦ୍ଧି ପାଇ ୫୭.୬%ରେ ପହଞ୍ଚିଛି। ସିମେଣ୍ଟ ଉତ୍ପାଦନରେ ଏକଚାଟିଆ ରାଜସ୍ୱ ଅଂଶ ୪୦.୯%ରୁ ୪୮.୮%କୁ ବୃଦ୍ଧି ପାଇଛି। ଇ-ବାଣିଜ୍ୟରେ ଦୁଇଟି ଅଗ୍ରଣୀ କମ୍ପାନୀଙ୍କ ରାଜସ୍ୱ ଅଂଶ ୮୦ ଶତାଂଶରୁ ଅଧିକ। 'ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆ'ର ତଥ୍ୟାନୁସାରେ ୟୁପିଆଇ ମାଧ୍ୟମରେ ଦୈନିକ ହାରାହାରି ୬୫ କୋଟି ଟଙ୍କାର ଦେଣନେଣ ହେଉଛି। କିନ୍ତୁ ଦୁଇଟି ଅଗ୍ରଣୀ କମ୍ପାନୀଙ୍କ ଦ୍ୱାରା ୮୧ ପ୍ରତିଶତରୁ ଅଧିକ ଦେଣନେଣ ହେଉଛି। ଘରକୁ ଖାଦ୍ୟ କିମ୍ବା ଓ ଅଟୋ ରିକ୍ସା କିମ୍ବା ଟ୍ୟାକ୍ସି ମଗାଇବା କ୍ଷେତ୍ରରେ କେବଳ ଦୁଇଟି ଲେଖାଏଁ କମ୍ପାନୀ ହିଁ ସେବା ଯୋଗାଇ ଦେଉଛନ୍ତି।

ବଜାରରେ ଏକାଧିକାର ସୃଷ୍ଟି କରିବାରେ କେବଳ ବେସରକାରୀ କମ୍ପାନୀ ନାହାନ୍ତି, ସରକାରୀ ଅଧିକୃତ କମ୍ପାନୀମାନେ ମଧ୍ୟ ଆଗୁଆ ଅଛନ୍ତି। ଅନଲାଇନ ଟ୍ରେନ ଟିକେଟ ଅଗ୍ରୀମ ବୁକିଂ କ୍ଷେତ୍ରରେ ଆଇଆରସିଟିସିର ଶତପ୍ରତିଶତ ଅଧିକାର ରହିଛି। କୋଲ୍ ଇଣ୍ଡିଆ ପାଖରେ କୋଇଲା ଉତ୍ପାଦନ କ୍ଷେତ୍ରରେ ୮୨ % ଅଧିକାର ଆଇନ ଦ୍ୱାରା ସୁରକ୍ଷିତ। ବିଦ୍ୟୁତ୍ ଶକ୍ତି ସରବରାହର କ୍ଷେତ୍ରର ୮୫% ପାୱାର ଗ୍ରୀଡ ଅଧୀନରେ ରହିଛି। ତୈଳ ଓ ପ୍ରାକୃତିକ ବାଷ୍ପ ନିଗମ ଅଧୀନରେ ରହିଛି ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ ଉତ୍ପାଦନର ୭୦ ଶତାଂଶ। ୨୦୨୩ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଏକ ରାୟରେ କହିଥିଲେ ଯେ ପ୍ରତିଦ୍ୱନ୍ଦ୍ୱିତା ଆଇନ ଉର୍ଦ୍ଧ୍ୱରେ ଜାତୀୟକରଣ ଆଇନ ନୁହେଁ। ତଥାପି ଭାରତର ସଞ୍ଚାର କ୍ଷେତ୍ରକୁ ବାଦ୍ ଦେଲେ ଭାରତର ଅନ୍ୟ ସମ୍ବେଦନଶୀଳ କ୍ଷେତ୍ରରେ କୌଣସି ପ୍ରଭାବ ଦୃଷ୍ଟିଗୋଚର ହୁଏ ନାହିଁ।

ସାଧାରଣ ଭାବରେ ବଜାରରେ ପ୍ରତିଦ୍ୱନ୍ଦ୍ୱିତା ହ୍ରାସ ପାଇବା ଦ୍ୱାରା ଦ୍ରବ୍ୟ କିମ୍ବା ସେବା ମହଙ୍ଗା ହୁଏ ବୋଲି ଧାରଣା ରହିଛି। ଇଣ୍ଡିଗୋ ବିମାନ ସେବା ଏହାର ଏକ ଜ୍ୱଳନ୍ତ ଉଦାହରଣ। ସଞ୍ଚାର କ୍ଷେତ୍ରରେ ମଧ୍ୟ ସମାନ ଧରଣର ପରିସ୍ଥିତି ସୃଷ୍ଟି ହୋଇଛି। ଏକାଧିକାର ଉଭୟ ଗ୍ରାହକ ଓ ଶ୍ରମବଜାରକୁ ଶୋଷଣ କରେ। ଉଭୟ ଉପଭୋକ୍ତା ଓ କର୍ମଜୀବୀମାନଙ୍କ ମୂଳଚାଲ ଶକ୍ତି ଲୋପ ପାଇଯାଏ। କୁଶଳୀ ମାନବ ସମ୍ବଳ ଉପେକ୍ଷିତ ହୁଏ। ଆର୍ଥିକ ବର୍ଷ ୨୦୨୩-୨୪ ରେ ଭାରତର ମୋଟ ଘରୋଇ ଉତ୍ପାଦର ଅଭିବୃଦ୍ଧି ୮ ଶତାଂଶରୁ ଅଧିକ ରହିଲା। କିନ୍ତୁ କର୍ମଜୀବୀମାନଙ୍କ ବେତନ ହାରାହାରି ୧୦ ଶତାଂଶରୁ ଅଧିକ ବଢ଼ିଲା ନାହିଁ। ଭାରତର ଅର୍ଥନୀତିରେ ଏକାଧିକାର ବୃଦ୍ଧି ପାଉଥିବାରୁ ନୂଆ କମ୍ପାନୀମାନଙ୍କ ପାଇଁ ବଜାର ପ୍ରବେଶ ପ୍ରାୟ ବନ୍ଦ ହୋଇ ସାରିଛି।

ବଜାରରେ ଏକାଧିକାର ସୃଷ୍ଟି କରିଥିବା କମ୍ପାନୀମାନଙ୍କ ପ୍ରକୃତ ବଳ ହେଉଛି ଉଭୟ ବିଦେଶୀ ଓ ଘରୋଇ ନିବେଶ। ଯେଉଁ କମ୍ପାନୀମାନେ ବଜାରକୁ ନିଜ ହାତ ମୁଠାରେ ରଖିଛନ୍ତି ପ୍ରତିଭୂତି ବଜାରରେ ସେମାନଙ୍କ ଅଂଶଧନ ଚଢ଼ା ଦରରେ ବିକ୍ରି ହୁଏ। ନିବେଶକ କେବଳ ନିଜର ପୁଞ୍ଜିର ସୁରକ୍ଷା ଏବଂ ସେଥିରୁ ଭଲ ଆୟକୁ ଆଖି ଆଗରେ ରଖି ପୁଞ୍ଜି ବିନିଯୋଗ କରେ। ବର୍ତ୍ତମାନ ଭାରତର ପ୍ରତିଭୂତି ବଜାରରେ ଏହି ଅବସ୍ଥା ଦେଖିବାକୁ ମିଳିଛି। ରାଜସ୍ୱ ଅଂଶରେ ଏକାଧିକାର ଥିବା କମ୍ପାନୀମାନଙ୍କ ଅଂଶଧନର ମୂଲ୍ୟ ନିକଟତମ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ତୁଳନାରେ ପ୍ରାୟ ପାଞ୍ଚ ଗୁଣା ଅଧିକ। ସେହି ଅନୁଯାୟୀ ଅଂଶଧନରୁ ଆୟର ଅନୁପାତ ବା ପିଇ ରେସିଓ ସାତଶହ ଗୁଣା ବୃଦ୍ଧି ପାଇଛି। ସାଧାରଣ ଭାବରେ ପିଇ ରେସିଓ ତିରିଶ ଗୁଣାରୁ ଅଧିକ ହେଲେ ଏହାକୁ କମ୍ପାନୀର ଆୟକୁ ଅତ୍ୟଧିକ ଆକଳନ କରାଯାଇଛି ବୋଲି ଧରାଯାଏ ଏବଂ ନିବେଶକମାନଙ୍କୁ ସାବଧାନତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଏ। କିନ୍ତୁ ଭାରତର ପ୍ରତିଭୂତି ଓ ବିନିମୟ ପରିଷଦ ଏହି ବିଷୟରେ ନିଦା ବିଷ୍ଟୁ। ବଜାରରେ ଏକାଧିକାର ଦେଶର ଗବେଷଣା ଓ ବିକାଶ କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରେ। କାରଣ ପୁଞ୍ଜି ବିନିଯୋଗ କେବଳ ଏକଚାଟିଆ ସ୍ଥିତିକୁ ମଜଭୁତ କରିବା ଏବଂ ସେଥିରୁ ଲାଭ ସାଉଁଟିବା ଉଦ୍ଦେଶ୍ୟରେ କରାଯାଏ।

ଭାରତରେ ଅର୍ଥନୀତି ମଧ୍ୟରେ ଉପଯୁକ୍ତ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରିବା ଏବଂ ଏହାକୁ ବଜାୟ ରଖିବା ପାଇଁ ଆଇନ ରହିଛି। ଏହା ଉପରେ ନିୟମିତ ଭାବରେ ଦୃଷ୍ଟି ଦେବା ପାଇଁ ଭାରତୀୟ ପ୍ରତିସ୍ପର୍ଦ୍ଧା ଆୟୋଗ ରହିଛି। କମ୍ପାନୀମାନଙ୍କ ଦର ନିର୍ଦ୍ଧାରଣ ନୀତି, ଉତ୍ପାଦନ ସଙ୍କୁଚିତ କରି ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରିବା, ନିଲାମ ସମୟରେ ଏକପ୍ରକାରର ଦର କଷିବା ଇତ୍ୟାଦି ଉପରେ ଆୟୋଗ ପଦକ୍ଷେପ ଗ୍ରହଣ କରିପାରିବେ। କିନ୍ତୁ ଆୟୋଗ ପାଖରେ ଭିତ୍ତିଭୂମିର ଅଭାବ ଓ ଲକ୍ଷ ଲକ୍ଷ ମାମଲା ଶୁଣାଣି ପାଇଁ ବାକି ଅଛି। ଜୋରିମାନା ଆଦାୟର ପ୍ରକ୍ରିୟା ମଧ୍ୟ ବହୁତ ଶିଥିଳ ଓ ଜଟିଳ ଥିବାରୁ କମ୍ପାନୀମାନଙ୍କ ଭୟ ନାହିଁ। ୨୦୧୧ ରୁ ଆୟୋଗ ମୋଟ ୧୮, ୩୦୦ କୋଟି ଟଙ୍କା ଜୋରିମାନା ଆଦାୟ କରିବା ପାଇଁ ଆଦେଶ ଦେଇଥିଲେ ମଧ୍ୟ ମାତ୍ର ୩ ପ୍ରତିଶତ ଆଦାୟ ସମ୍ଭବ ହୋଇପାରିଛି।

ଆମେରିକା, ୟୁରୋପ, ଜାପାନ, ଦକ୍ଷିଣ କୋରିଆରେ ବଜାରରେ ଏକାଧିକାରକୁ ସଠିକ ଭାବରେ ନିୟନ୍ତ୍ରଣ କରାଯାଇଥିବାରୁ ମୁକ୍ତ ଅର୍ଥନୀତିର ସୁଫଳ ମିଳିଛି। ଗ୍ରାହକମାନଙ୍କ ସଂଖ୍ୟା ଦୃଷ୍ଟିରୁ ପ୍ରତ୍ୟେକ କ୍ଷେତ୍ରରେ ସର୍ବନିମ୍ନ ଭାବରେ ପାଞ୍ଚଟି ଅଗ୍ରଣୀ କମ୍ପାନୀ କାର୍ଯ୍ୟ କରିବା ଆବଶ୍ୟକ। ରାଜନୈତିକ ସଦିଚ୍ଛା, ପ୍ରତିଦ୍ୱନ୍ଦ୍ୱିତା ଆଇନର ଉପଯୁକ୍ତ ପ୍ରଣୟନ ଓ ସାଧାରଣ ନାଗରିକମାନଙ୍କ ସଚେତନତା ଭାରତର ବଜାରରେ ପ୍ରତିଦ୍ୱନ୍ଦ୍ୱିତାକୁ ଜୀବିତ ରଖି ପାରିବ।

କଟକ, ମୋ: ୯୪୩୭୬୧୨୮୪୬୪

# ମୋହନଦାସରୁ ମହାତ୍ମା: ଏକ ଅସମାପ୍ତ ଯାତ୍ରା ଓ ବର୍ତ୍ତମାନର ବିଡ଼ମ୍ବନା

ମାନସ କୁମାର କର

ଇତିହାସର ପୃଷ୍ଠା ଓଲଟାଇଲେ ଆମକୁ ଏମିତି କିଛି ବ୍ୟକ୍ତିତ୍ୱଙ୍କ ସନ୍ଧାନ ମିଳେ, ଯେଉଁମାନେ କେବଳ ମଣିଷ ନୁହନ୍ତି, ବରଂ ଏକ ବିଚାରଧାରା। ଯେଉଁମାନଙ୍କ ଜୀବନକାଳ ତୁଳନାରେ ସେମାନଙ୍କ ମୃତ୍ୟୁ ପରବର୍ତ୍ତୀ ପ୍ରଭାବ ଅଧିକ ଶକ୍ତିଶାଳୀ ହୋଇଥାଏ। ସେମାନଙ୍କ ମଧ୍ୟରୁ ମହାତ୍ମା ଗାନ୍ଧୀ ଅନ୍ୟତମ। କିନ୍ତୁ ବିଡ଼ମ୍ବନା ହେଉଛି 'ମୋର ଜୀବନ ହିଁ ମୋର ବାର୍ତ୍ତା' ଏହି ଗୋଟିଏ ଧାଡ଼ିରେ ସମଗ୍ର ବିଶ୍ୱକୁ ଅହିଂସାର ପାଠ ପଢ଼ାଇଥିବା ମଣିଷ ଜଣକ ଆଜି ନିଜ ଦେଶରେ, ନିଜ ମାଟିରେ ଏକ ପ୍ରଶ୍ନବାଚୀ ହୋଇ ଛିଡ଼ା ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ରେଳ ଷ୍ଟେସନରେ ଅପମାନିତ ହୋଇଥିବା ଯୁବକଠାରୁ ଆରମ୍ଭ କରି ଆଜିର ସମୟରେ ଭଗ୍ନମୂର୍ତ୍ତି ପର୍ଯ୍ୟନ୍ତ, ଗାନ୍ଧୀଙ୍କ ଯାତ୍ରା ଏକ ବିରାଟ ପରିବର୍ତ୍ତନର ସାକ୍ଷୀ।

୧୮୯୩ ମସିହା, ଦକ୍ଷିଣ ଆଫ୍ରିକାର ହାଡ଼ଭଙ୍ଗା ଶୀତରାତି। ପିଟରମାରିଜବର୍ଗ ଷ୍ଟେସନରେ ପ୍ରଥମ ଶ୍ରେଣୀର ଟିକେଟ ଥାଇ ମଧ୍ୟ ଜଣେ କଳାରଙ୍ଗର ବାରିଷ୍ଟରଙ୍କୁ ଟ୍ରେନରୁ ଧକ୍କା ମାରି ବାହାର କରିଦିଆଗଲା। ସେଦିନ ସେହି ଯୁବକ ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ପାଇଁ ତାହା କେବଳ ଏକ ଶାରୀରିକ ଆଘାତ ନଥିଲା, ବରଂ ଥିଲା ଏକ ଆତ୍ମିକ ଜାଗରଣ। ସେହି ଅପମାନର ନିଆଁରୁ ଜନ୍ମ ନେଇଥିଲା 'ସତ୍ୟାଗ୍ରହ'। ସେଦିନ ଯଦି ସେହି ଇଂରେଜ ଅଧିକାରୀ ଜଣକ ଗାନ୍ଧୀଙ୍କୁ ଟ୍ରେନରୁ ଫିଙ୍ଗି ନଥା'ନ୍ତେ, ତେବେ ହୁଏତ ଭାରତକୁ 'ମହାତ୍ମା' ମିଳି ନ ଥା'ନ୍ତେ। ସେ ବୁଝିପାରିଥିଲେ ଯେ ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ପାଇଁ ହାତରେ ଅସ୍ତ୍ର ନୁହେଁ, ବରଂ ଛାତିରେ ସାହସ ଓ ହୃଦୟରେ ସତ୍ୟର ଆବଶ୍ୟକତା ରହିଛି।

ଭାରତ ଫେରିବା ପରେ ଗାନ୍ଧିଜୀ ଅନୁଭବ କଲେ ଯେ, ପରାଧୀନତାର ବେଡ଼ି କେବଳ ଇଂରେଜମାନଙ୍କ ଶାସନରେ ନାହିଁ, ବରଂ ଭାରତୀୟମାନଙ୍କ ଭୟ ମଧ୍ୟରେ ରହିଛି। ସେ 'ଅହିଂସା'କୁ ଦୁର୍ବଳର ଅସ୍ତ୍ର ନୁହେଁ, ବରଂ ବୀରର ଭୂଷଣ ବୋଲି ପ୍ରମାଣିତ କଲେ। ୧୯୪୨ ମସିହାର 'ଭାରତ ଛାଡ଼ ଆନ୍ଦୋଳନ' ଥିଲା ଏହାର ଚରମ ନିଦର୍ଶନ। 'କର ବା ମର' ଏହି ଡାକରାରେ ସମଗ୍ର ଦେଶ ଏକଜୁଟ ହୋଇଗଲା। କୌଣସି ବନ୍ଧୁକ କିମ୍ବା ବାରୁଦ ବିନା କେବଳ ନୈତିକ ବଳରେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ସାମ୍ରାଜ୍ୟର ମୂଳଦୁଆ ଦୋହଲି ଯାଇଥିଲା। ଗାନ୍ଧିଜୀ ଦେଖାଇଦେଲେ ଯେ ଶାନ୍ତିର ଶବ୍ଦ ଯୁଦ୍ଧର ହୁଙ୍କାରଠାରୁ ଅଧିକ ଶକ୍ତିଶାଳୀ। କିନ୍ତୁ ଆଜିର ଚିତ୍ର କ'ଣ? ଯେଉଁ ଦେଶ ଦିନେ ଗାନ୍ଧୀଙ୍କୁ 'ଜାତିର ପିତା' ରୂପେ ସମ୍ମାନ ଦେଇଥିଲା, ଆଜି ସେହି ଦେଶର କିଛି କୋଣରେ ଗାନ୍ଧୀଙ୍କ ମୂର୍ତ୍ତି ଭଙ୍ଗା ଯାଉଛି। ଏହା କେବଳ ପଥରର ମୂର୍ତ୍ତି ଭାଙ୍ଗିବା ନୁହେଁ, ଏହା ଆମ ସମାଜର ନୈତିକ ମୂଲ୍ୟବୋଧର ଅବକ୍ଷୟର ପ୍ରତୀକ।

ବର୍ତ୍ତମାନ ସମୟରେ ଗାନ୍ଧୀଙ୍କ ବିଚାରଧାରାକୁ ନେଇ ଯେଉଁ ବିତର୍କ ସୃଷ୍ଟି ହେଉଛି, ତାହା ଅନେକ ସମୟରେ ଘୃଣାର ରୂପ ନେଉଛି। କିଛିଲୋକ ଇତିହାସର ଅର୍ଦ୍ଧସତ୍ୟକୁ ଆଧାର କରି ଗାନ୍ଧୀଙ୍କ ଚରିତ୍ର ସଂହାର କରିବାକୁ ପଛାଉ ନାହାନ୍ତି। ମୂର୍ତ୍ତି ଭାଙ୍ଗିବା, ଚଷମା ଚୋରି କରିବା କିମ୍ବା ତାଙ୍କ ଫଟୋଚିତ୍ରକୁ ଅସମ୍ମାନ କରିବା - ଏସବୁ କେବଳ ଗୋଟିଏ ବ୍ୟକ୍ତି ବିରୁଦ୍ଧରେ ଆକ୍ରୋଶ ନୁହେଁ, ବରଂ 'ସତ୍ୟ' ଓ 'ଅହିଂସା' ଭଳି ଶାଶ୍ୱତ ମୂଲ୍ୟବୋଧ ବିରୁଦ୍ଧରେ ଏକ ଯୁଦ୍ଧ। ଗାନ୍ଧୀଙ୍କ ମୂର୍ତ୍ତି ଭଙ୍ଗାଯିବା ଘଟଣା ସମାଜ ଉପରେ ଗଭୀର ନକାରାତ୍ମକ ପ୍ରଭାବ ପକାଉଛି। ଗଣତନ୍ତ୍ରରେ ମତଭେଦ ରହିବା ସ୍ୱାଭାବିକ। କିନ୍ତୁ ମତଭେଦ ଯେତେବେଳେ ହିଂସାର ରୂପ ନିଏ, ତାହା ସମାଜ ପାଇଁ ବିପଜ୍ଜନକ। ଗାନ୍ଧୀଙ୍କ ମୂର୍ତ୍ତି ଭାଙ୍ଗିବା ଆମ ସମାଜରେ ବଢୁଥିବା ଅସହିଷ୍ଣୁତାର ପ୍ରମାଣ। ଯୁବପିଢ଼ି ଆଜି 'ହ୍ୱାଟ୍ସଆପ୍ ୟୁନିଭର୍ସିଟି'ର ଜ୍ଞାନରେ ପରିଚାଳିତ। ସେମାନେ ଗାନ୍ଧୀଙ୍କ ତ୍ୟାଗ, ଦକ୍ଷିଣ ଆଫ୍ରିକାର ସଂଘର୍ଷ କିମ୍ବା ନୋଆଖାଲିର ଦଙ୍ଗା ସମୟରେ ତାଙ୍କର ଏକାକୀ ପଦଯାତ୍ରା ବିଷୟରେ ଜାଣିବାକୁ ଚେଷ୍ଟା କରୁନାହାନ୍ତି। ଏହାଫଳରେ ଏକ ଭ୍ରାନ୍ତ ଧାରଣା ସୃଷ୍ଟି ହେଉଛି।

ଆଜି ସମାଜ ଦୁଇଭାଗରେ ବିଭକ୍ତ। ଗୋଟିଏ ଗାନ୍ଧୀଙ୍କୁ ପୂଜା କରୁଛି ଏବଂ ଅନ୍ୟଟି ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ମହିମାମଣ୍ଡିତ କରୁଛି। ଏହି ବୈଚାରିକ ଦ୍ୱନ୍ଦ୍ୱ ଦେଶର ଏକତା ପାଇଁ ଶୁଭଙ୍କର ନୁହେଁ। ସମଗ୍ର ବିଶ୍ୱ ଆଜି ଯୁଦ୍ଧ ବିଭୀଷିକା ମଧ୍ୟରେ ଗାନ୍ଧୀଙ୍କ ଶାନ୍ତି ବାର୍ତ୍ତା ଖୋଜୁଛି। କିନ୍ତୁ ଯେତେବେଳେ ସେମାନେ ଦେଖନ୍ତି ଯେ ଗାନ୍ଧୀଙ୍କ ନିଜ ଦେଶରେ ତାଙ୍କର ପ୍ରତିମୂର୍ତ୍ତି ସୁରକ୍ଷିତ ନୁହେଁ, ସେତେବେଳେ ବିଶ୍ୱ ଦରବାରରେ ଭାରତର 'ଅହିଂସା ପରମୋ ଧର୍ମ'ର ଛବି ମଳିନ ପଡ଼ିଯାଏ। ଗାନ୍ଧୀ କୌଣସି ପଥରର ମୂର୍ତ୍ତି ନୁହନ୍ତି ଯେ ତାଙ୍କୁ ହାତୁଡ଼ିରେ ଭାଙ୍ଗି ଦେଲେ ସେ ଶେଷ ହୋଇଯିବେ। ଗାନ୍ଧୀ ଏକ ଚେତନା। ଯେତେଦିନ ପର୍ଯ୍ୟନ୍ତ ପୃଥିବୀରେ ସତ୍ୟ, ଅହିଂସା ଓ ମାନବିକତା ବଞ୍ଚିଥିବ, ସେତେଦିନ ପର୍ଯ୍ୟନ୍ତ ଗାନ୍ଧୀ ବଞ୍ଚିଥିବେ।

ଆଜିର ସମୟରେ ଆମକୁ ଗାନ୍ଧୀଙ୍କ ମୂର୍ତ୍ତି ପୂଜା କରିବାର ଆବଶ୍ୟକତା ନାହିଁ, ବରଂ ଆବଶ୍ୟକତା ଅଛି ତାଙ୍କ ବିଚାରକୁ ନିଜ ଜୀବନରେ ଉତାରିବାର। ମୂର୍ତ୍ତି ଭାଙ୍ଗୁଥିବା ହାତଗୁଡ଼ିକ ଯଦି ଥରୁଟିଏ ଭାବିଥା'ନ୍ତେ ଯେ ଯେଉଁବ୍ୟକ୍ତି ନିଜ ଛାତିରେ ଗୁଳି ବାଜିବା ପରେ ମଧ୍ୟ ହତ୍ୟାକାରୀକୁ କ୍ଷମା କରି 'ହେ ରାମ' କହିଥିଲେ, ତାଙ୍କୁ ଘୃଣା କରି ଆମେ ନିଜକୁ କେତେ ଛୋଟ କରୁଛୁ? ଗତ ୨୨ ତାରିଖ 'ସକାଳ'ରେ ସମ୍ପାଦକୀୟ ପୃଷ୍ଠାରେ ଡକ୍ଟର ଅବଶ ପରିଡ଼ାଙ୍କ ଆଲେଖ୍ୟ 'ଗାନ୍ଧୀଙ୍କ ପତନ ନିଶ୍ଚିତ?' ବିଷୟଟି ଏକ ଗୁରୁତ୍ୱପୂର୍ଣ୍ଣ ସତ୍ୟ ପ୍ରତିପାଦିତ କରେ। ଗାନ୍ଧୀ ଜଣେ 'ସମ୍ପୂର୍ଣ୍ଣ ମଣିଷ' ନଥିଲେ, ବରଂ ନିଜ ତ୍ରୁଟିକୁ ସ୍ୱୀକାର କରି ନୈତିକ ଭାବେ ବିକଶିତ ହେଉଥିବା ଜଣେ ସାଧକ ଥିଲେ। ତାଙ୍କୁ କେବଳ ପ୍ରତିମୂର୍ତ୍ତି ଭାବେ ପୂଜା ନକରି ତାଙ୍କ ଆଦର୍ଶର ସମାଲୋଚନାମୂଳକ ବିଶ୍ଳେଷଣ ହିଁ ତାଙ୍କୁ ଜୀବିତ ରଖିବ। ଗାନ୍ଧୀଙ୍କ ବିଚାରର ପତନ ନୁହେଁ, ବରଂ ଆମର ସଂକୀର୍ଣ୍ଣ ବ୍ୟାଖ୍ୟାର ପତନ ହେବା ଜରୁରୀ। ସତ୍ୟ ଓ ଅହିଂସା କୌଣସି ପ୍ରତିମୂର୍ତ୍ତିରେ ସୀମିତ ନୁହେଁ, ଏହା ଏକ ନିରନ୍ତର ଅଭ୍ୟାସ।

ଆସନ୍ତୁ, ମୂର୍ତ୍ତି ଭାଙ୍ଗିବା ବଦଳରେ ଆମ ଭିତରେ ଥିବା ଘୃଣା, ହିଂସା ଓ ଅଜ୍ଞାନତାର ମୂର୍ତ୍ତିକୁ ଭାଙ୍ଗିବା। ତାହା ହିଁ ହେବ ଜାତିର ପିତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି। ଗାନ୍ଧୀ ମରିନାହାନ୍ତି, ଗାନ୍ଧୀ ମରିପାରିବେ ନାହିଁ। ସେ ଆମ ବିବେକରେ ଜୀବିତ ରହିବା ଉଚିତ୍।

କୋତାଙ୍ଗ (କୋଣାର୍କ), ମୋ: ୭୩୮୧୩୮୨୨୧୦

# ନବବର୍ଷର ପ୍ରତିଜ୍ଞା: ଚାଲନ୍ତୁ ହାତରେ ଲେଖିବା

ଶ୍ରୀନନ

ନୂଆ ବର୍ଷ ଆସୁଛି। କୁହାଯାଏ ଯେ ଏଦିନ ଆମେ ଅନେକ ଚିନ୍ତା କରି ଆଗାମୀ ଦିନଗୁଡ଼ିକୁ ନେଇ ନୂତନ କାର୍ଯ୍ୟକ୍ରମ ସ୍ଥିର କରୁ ଏବଂ ସେ ଲକ୍ଷ୍ୟ ପୂରଣ କରିବାକୁ ପ୍ରତିଜ୍ଞା କରୁ। କିନ୍ତୁ ତାହା ଖୁବ୍ ଶୀଘ୍ର ଭୁଲିଯାଉ। ସେଥିପାଇଁ ତାହା ମନେ ରଖିବାକୁ ଆଗେ ଲୋକେ ଏହାକୁ ଡାଏରୀରେ ଲେଖି ରଖୁଥିଲେ। ହେଲେ ଆଜି କାଲି ହେଲା ଡିଜିଟାଲ୍ ଯୁଗ। ହାତଲେଖାକୁ ଏବେ ସମୟ ଉପଯୋଗୀ ନୁହେଁ ବୋଲି ମନେ କରାଯାଉଛି। ସେଥିପାଇଁ ଏହାକୁ ହୁଏତ ଡିଜିଟାଲ୍ ମାଧ୍ୟମରେ ସଂଚିତ ରଖିବାକୁ ଲୋକେ ଚାହିଁବେ। କିନ୍ତୁ ମନସ୍ତତ୍ତ୍ୱବିତ୍‌ମାନଙ୍କ ମତରେ ଏହା ଏତେଟା ଉପଯୋଗୀ ନୁହେଁ। କାରଣ ହାତରେ ଲେଖିବା ମସ୍ତିଷ୍କକୁ ବିଭିନ୍ନ ରୂପେ ସକ୍ରିୟ କରେ। ଯାହାକି ଟାଇପିଂ ଦ୍ୱାରା ସମ୍ଭବ ନୁହେଁ। ଏଣୁ ଆଗାମୀ ବର୍ଷ ପାଇଁ ଆମ କଳ୍ପିତ କାର୍ଯ୍ୟକ୍ରମକୁ ନେଇ ପ୍ରତିଜ୍ଞାକୁ କାଗଜ କଲମରେ ଲିପିବଦ୍ଧ କରିବାକୁ ସେମାନେ ମତ ଦେଇଛନ୍ତି।

ବିଜ୍ଞାନ ବାର୍ତ୍ତା




ନରୱେଜିଆନ୍ ୟୁନିଭରସିଟି ଅଫ୍ ସାଇନସ୍ ଆଣ୍ଡ ଟେକ୍ନୋଲୋଜିର ଗବେଷକମାନଙ୍କ ମତରେ ହାତରେ ଲେଖିବା ମସ୍ତିଷ୍କକୁ ବିଭିନ୍ନ ରୂପେ ସକ୍ରିୟ କରିଥାଏ। ଏହା ସ୍ନାୟବିକ ସଂଯୁକ୍ତିକୁ ଦୃଢ଼ୀଭୂତ କରେ। ଫଳରେ ଦୃଷ୍ଟିଶକ୍ତିଠାରୁ ଆରମ୍ଭ କରି ସ୍ମରଣଶକ୍ତି, ଶିକ୍ଷା କରିବା ଶକ୍ତି, ଚିନ୍ତା କରିବା ଶକ୍ତି ଆଦି ବୃଦ୍ଧି ପାଏ। ପୁନଶ୍ଚ ଏହା ମନକୁ ସୁସ୍ଥିର ହେବାରେ ସହାୟତା କରେ। ଅତଏବ ନୂତନ ବର୍ଷର ଆଗମନରେ ଉପଯୋଗୀ ନୂତନ ପ୍ରତିଜ୍ଞା ଲାଗି ଚିନ୍ତା କରିବାରେ ତାହା ଅଧିକ ସହାୟକ ହେବ।

ଦେଖାଯାଇଛି ଯେ ଡିଜିଟାଲ୍ ଟାଇପିଂର ବେଗ ଦ୍ରୁତ ଏବଂ ତାହାର ସଂଶୋଧନ ତଥା ତାହାକୁ ତ୍ରୁଟିଶୂନ୍ୟ କରିବାର ସୁଯୋଗ ଅଧିକ। କିନ୍ତୁ ଆମେ ହାତରେ ଲେଖିବା ବେଳେ ଅଧିକ ରଚନାତ୍ମକ ହୋଇପାରୁ। ଏଣୁ ଭାବିଚିନ୍ତି ଶବ୍ଦଟିଏ ଲେଖୁ। ଫଳରେ ଆମକୁ ସୃଜନାତ୍ମକ ଚିନ୍ତା ତଥା ସମ୍ଭବ ହେଲା ଭଳି ଲକ୍ଷ୍ୟ ସମ୍ପର୍କରେ ଲେଖିବାକୁ ଅବକାଶ ମିଳିଥାଏ। ପୁନଶ୍ଚ ତାହା ସହିତ ଆମର ଭାବପ୍ରବଣତା ମଧ୍ୟ ସଂପର୍କ ରହେ ଏବଂ ତାହାକୁ ହାସଲ କରିବାର ସମ୍ଭାବନା ମଧ୍ୟ ଅଧିକ ହୁଏ। ଅନ୍ୟପକ୍ଷରେ ଡିଜିଟାଲ ବ୍ୟବସ୍ଥାର ବ୍ୟବହାର ଦ୍ରୁତ ଏବଂ ଏକତ୍ର ବହୁବିଧ କାର୍ଯ୍ୟ କରିବାକୁ (ଗଙ୍କକ୍ଷଗୁସଗୁବଙ୍ଘସଭଣ) (ମଲ୍ଟିଟାସ୍କିଂ) ଉଦ୍ଦିଷ୍ଟ ହେଲା ବେଳେ ହାତରେ ଲେଖିବା ଥରକେ ଗୋଟିଏ କାର୍ଯ୍ୟ(ସିଙ୍ଗଲ୍ ଟାସ୍କିଂ) କଲା ଭଳି ପରିବେଶ ସୃଷ୍ଟି କରେ। ଏଣୁ ଆମେ ଏକାନ୍ତ ରୂପେ ଭାବିଚିନ୍ତି ଏକାଗ୍ରତାର ସହ ଏହା କରିବାର ସୁଯୋଗ ପାଉ। ଅତଏବ ଏହାକୁ ନେଇ ଲକ୍ଷ୍ୟ ଧାର୍ଯ୍ୟ କଲେ ଏବଂ ପୂରଣ କରିବାକୁ ପ୍ରତିଜ୍ଞା କଲେ ତାହା ମନରେ ଦୀର୍ଘ ସ୍ଥାୟୀ ହେବା ସମ୍ଭବ। ପରିମାଣ ସ୍ୱରୂପ, ତାହା ପୂରଣ କରିବାର ଅବକାଶ ଅଧିକ।

ସେଥିପାଇଁ ନରୱେଜିଆନ୍ ୟୁନିଭରସିଟି ଅଫ୍ ସାଇନସ୍ ଆଣ୍ଡ ଟେକ୍ନୋଲୋଜିର ମନସ୍ତତ୍ତ୍ୱବିତ୍‌ମାନଙ୍କ ମତରେ ନୂଆ ବର୍ଷରେ ଚିନ୍ତା କରିଥିବା ଲକ୍ଷ୍ୟଗୁଡ଼ିକୁ ନେଇ କରୁଥିବା ପ୍ରତିଜ୍ଞାମାନ ଲିପିବଦ୍ଧ କରିବା ପାଇଁ କାଗଜ କଲମ ବ୍ୟବହାର କରିବା ଉଚିତ। ଚାଲନ୍ତୁ ଆମେ ତାଙ୍କ ପରାମର୍ଶକୁ ମାନିବା ଏବଂ ସେହିଅନୁସାରେ କାର୍ଯ୍ୟ କରିବା। ଏଥିସହିତ ପ୍ରତିଦିନ କିଛି କିଛି ହାତରେ ଲେଖିବାକୁ ପ୍ରତିଜ୍ଞା କରିବା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ବାର୍ଷିକ ସମ୍ମିଳନୀ

# ମାତୃଭାଷାରେ ହେଉ କୋର୍ଟ କାର୍ଯ୍ୟ: ଧର୍ମେନ୍ଦ୍ର

ସମ୍ବଲପୁର, ୨୯।୧୨(ସମିସ): ଭାରତର ନ୍ୟାୟ ବ୍ୟବସ୍ଥାକୁ ସାଧାରଣଲୋକଙ୍କ ପାଖରେ ପହଞ୍ଚାଇବାକୁ ହେଲେ ଏହାକୁ ମାତୃଭାଷା ଆଧାରିତ କରିବାକୁ ହେବ। ଓଡ଼ିଶାର ସମସ୍ତ କୋର୍ଟରେ କାର୍ଯ୍ୟକାରୀ ଭାଷା ମାତୃଭାଷା- ଓଡ଼ିଆ, ସମ୍ବଲପୁରୀ, ବ୍ରହ୍ମପୁରୀ ଆଦି ହେବା ଆବଶ୍ୟକ। ମାତୃଭାଷା ହିଁ ଅଭିବ୍ୟକ୍ତିର ସବୁଠାରୁ ବଡ଼ ଓ ସହଜ ମାଧ୍ୟମ। ଭାଷାର ପ୍ରତିବନ୍ଧକ ଦୂର ହେଲେ ହିଁ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ଉଚିତ ନ୍ୟାୟ ପାଇପାରିବେ। ନିଖିଳ ଓଡ଼ିଶା ଆଇନଜୀବୀ ସଂଘ(ଆଓଲା) ଏବଂ ଜିଲ୍ଲା ଓକିଲ ସଂଘ (ଡିବିଏ) ଆନୁକୂଲ୍ୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଦୁଇଦିନିଆ ରାଜ୍ୟସ୍ତରୀୟ ଆଇନଜୀବୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏହା କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ, ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଆଇନଜୀବୀମାନେ ହେଉଛନ୍ତି ମୁଖ୍ୟ ପ୍ରହରୀ। ସାଧାରଣଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ସେମାନଙ୍କ ଅଧିକାରର ସୁରକ୍ଷା କରିବା ଦିଗରେ ଆପଣଙ୍କ ନିଷ୍ଠା ଓ ସେବା ମନୋଭାବ ହିଁ ଏକ ସୁସ୍ଥ ସମାଜ ଗଠନ କରିପାରିବ।




ମୁଖ୍ୟବକ୍ତା ଅବସରପ୍ରାପ୍ତ ଜଷ୍ଟିସ ବିଶ୍ୱନାଥ ରଥ କହିଥିଲେ, ଆମେ ଅଲଗା ହୋଇଯାଇଥିଲେ, ଏବେ ପୁଣି ଏକତ୍ରିତ ହୋଇଛେ। ୧୯୪୮ ମସିହାରେ ସୃଷ୍ଟି ହୋଇଥିବା ଏହି ଅନୁଷ୍ଠାନ ୧୯୬୨ରେ କିଛି ଘାତପ୍ରତିଘାତ ମଧ୍ୟରେ ଗତି କରିଥିଲା। ୧୯୮୦ ମସିହାରେ ପୁଣି ଆଇନଜୀବୀ ରଞ୍ଜିତ ମହାନ୍ତି, ବସନ୍ତ ପାଣିଗ୍ରାହୀ, ରାଧାଚରଣ ପଟ୍ଟନାୟକ, ଶ୍ରୀନିବାସ କର, ଶରତ ମହାପାତ୍ର, ବିପିନ ରଥ, ଲିଙ୍ଗରାଜ ରଥ ଏବଂ ହରପ୍ରସାଦ ନାୟକ ପ୍ରମୁଖଙ୍କ ଉଦ୍ୟମ ଫଳରେ ଏକତ୍ରିତ ହୋଇଥିଲେ। ୧୯୯୦-୯୧ ମସିହାରେ ଆରମ୍ଭ ହୋଇଥିବା ଲୟର୍ସ ୱେଲଫେୟାର୍ ଟ୍ରଷ୍ଟକୁ କିଛି ମେଚିଂ ଗ୍ରାଣ୍ଟ ଦେଇ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲେ। ଏହାସହ ଖାଲି ପଡ଼ିଥିବା ୨୨ଟି ଜିଲ୍ଲା ଜଜ୍ ପଦ ପୂରଣ କରିବାକୁ ସେ ଅନୁରୋଧ କରିଥିଲେ।

କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଓଡ଼ିଶା ହାଇକୋର୍ଟର ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ଭାବେ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଓଡ଼ିଶା ରାଜ୍ୟ ବାର୍ କାଉନସିଲ ଚେୟାରମ୍ୟାନ୍ ସୀତାଂଶୁ ମୋହନ ଦ୍ୱିବେଦୀ ଅତିଥି ଭାବେ ଯୋଗ ଦେଇଥିଲେ। 'ଆଓଲା' ସଭାପତି ଶିଶିର କୁମାର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର ସ୍ୱାଗତ ଭାଷଣ ଏବଂ 'ଆଓଲା' ସଭାପତି ଶିଶିର କୁମାର ପାଢ଼ୀ ସଭାପତିତ୍ୱ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ୫୪ତମ 'ଆଓଲା' ସମ୍ମିଳନୀର ସ୍ମରଣିକା 'ଦ ଲୟର୍' ଉନ୍ମୋଚିତ ହୋଇଥିଲା।

ଆଜି ବୈଷୟିକ ଅଧିବେଶନର ବିଷୟ ଥିଲା 'ଲ ଆଣ୍ଡ ଟେକ୍ନୋଲୋଜି: ଚ୍ୟାଲେଞ୍ଜେସ୍ ବିଫୋର୍ ଲିଗାଲ୍ ପ୍ରୋଫେସନ୍'। ଏହି ଅଧିବେଶନରେ ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ସଚ୍ଚିକାନ୍ତ ମିଶ୍ର ମୁଖ୍ୟ ଅତିଥି, ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ମୁଖ୍ୟବକ୍ତା ଏବଂ ଓଡ଼ିଶା ମାନବାଧିକାର କମିଶନ ଚେୟାରମ୍ୟାନ୍ ଅବସରପ୍ରାପ୍ତ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। 'ଆଓଲା' କାର୍ଯ୍ୟକାରୀ ସଭାପତି ବିଭୁପ୍ରସାଦ ତ୍ରିପାଠୀ ପୌରୋହିତ୍ୟ କରିଥିବା ବେଳେ ଅତିଥି ଭାବେ 'ଆଓଲା'ର ପୂର୍ବତନ ସଭାପତି ତଥା ବରିଷ୍ଠ ହାଇକୋର୍ଟ ଆଇନଜୀବୀ ମାନସ ରଞ୍ଜନ ମହାପାତ୍ର ଏବଂ 'ଆଓଲା'ର ପୂର୍ବତନ ସଭାପତି ତଥା ଓଡ଼ିଶା ରାଜ୍ୟ ବାର୍ କାଉନସିଲ ସଭ୍ୟ ଜ୍ଞାନରଞ୍ଜନ ମହାନ୍ତି ଯୋଗ ଦେଇଥିଲେ।

## ବାଲି ଚୋରା ଚାଲାଣ

# ୧୧୩୩ ମାମଲା, ୧୪୭୩ ଗାଡ଼ି ଜବତ

କଟକ,୨୯ ।୧୨(ସମିସ): ଖଣିମାଫିଆ ଏବଂ ବାଲି ଚୋରାଚାଲାଣକାରୀଙ୍କ ବିରୋଧରେ କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, କେନ୍ଦ୍ରାପଡ଼ା, ଜଗତସିଂହପୁର ଏବଂ ଯାଜପୁର ଭଳି ପ୍ରମୁଖ ଜିଲ୍ଲାଗୁଡ଼ିକରେ ପ୍ରାକୃତିକ ସମ୍ପଦର ବେଆଇନ ଲୁଟ୍ ରୋକିବା ପାଇଁ ପୁଲିସ ଚଳିତ ବର୍ଷ ଜାନୁଆରୀ ୧ରୁ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ନିରନ୍ତର ଚଢ଼ଉ ଜାରି ରଖିଥିଲା। ବିଶେଷକରି ନଦୀପଠାରୁ ବେଆଇନ ବାଲି ଉତ୍ତୋଳନ ଏବଂ ଅନଧିକୃତ ଭାବେ ପଥର ଓ ଅନ୍ୟାନ୍ୟ ଲଘୁ ଖଣିଜଦ୍ରବ୍ୟର ପରିବହନକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ପାଟ୍ରୋଲିଂକୁ ଜୋରଦାର କରିଥିଲା। ଏହି ସମୟ ମଧ୍ୟରେ ପୁଲିସ ସମୁଦାୟ ୧୧୩୩ଟି ମାମଲା ରୁଜୁ କରିବା ସହ ବେଆଇନ ପରିବହନରେ ବ୍ୟବହୃତ ୧୪୭୩ଟି ଗାଡ଼ିକୁ ଜବତ କରାଯାଇଛି। ଏହି ବେଆଇନ କାରବାର ସହ ଜଡ଼ିତ ୫୭୮ଜଣ ବ୍ୟକ୍ତିଙ୍କୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି। ଏଥିସହ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୩୫ ଅନୁଯାୟୀ ୧୦୩୫ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ନୋଟିସ୍ ଜାରି କରାଯାଇଛି। ଆଗାମୀ ଦିନରେ ବେଆଇନ ଖଣି କାରବାରରେ ସମ୍ପୃକ୍ତ ଥିବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ କଠୋର୍ ଆଇନଗତ ପଦକ୍ଷେପ ନିଆଯିବ।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର ପରେ ସମ୍ପତ୍ତି ମ୍ୟୁଟେସନ୍ ପ୍ରମାଣପତ୍ରରେ ମଧ୍ୟ ବଦଳିବ ଲିଙ୍ଗ

କଟକ,୨୯ ।୧୨(ସମିସ): ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର ପରେ ସମ୍ପତ୍ତି ମ୍ୟୁଟେସନ୍ ପ୍ରମାଣପତ୍ରରେ ମଧ୍ୟ ଲିଙ୍ଗ ପରିବର୍ତ୍ତନ କରାଯିବ ବୋଲି ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଅସ୍ତ୍ରୋପଚାର କରି ମହିଳାରୁ ପୁରୁଷକୁ ଲିଙ୍ଗ ପରିବର୍ତ୍ତନ କରିଥିବା ହେତୁ ସମ୍ପତ୍ତି ମ୍ୟୁଟେସନ୍ ପ୍ରମାଣପତ୍ରରେ ତାଙ୍କର ନାମ ଏବଂ ଲିଙ୍ଗ ପରିବର୍ତ୍ତନ କରିବାକୁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଅଗସ୍ତ୍ୟ ଦାସଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ରାୟ ଶୁଣାଇଛନ୍ତି।

ଟ୍ରାନ୍ସଜେଣ୍ଡର୍ (ଅଧିକାର ସୁରକ୍ଷା) ନିୟମ, ୨୦୨୦ର ନିୟମ-୬ ଅନୁଯାୟୀ, ଜିଲ୍ଲା ମାଜିଷ୍ଟ୍ରେଟ୍ ଓ ଅନ୍ୟାନ୍ୟ କର୍ତ୍ତୃପକ୍ଷ ଆଇନ ଅନୁସାରେ ଆବେଦନକାରୀଙ୍କ ସପକ୍ଷରେ ପ୍ରମାଣପତ୍ର, ପରିଚୟପତ୍ର, ପ୍ୟାନ୍‌କାର୍ଡ, ପାସପୋର୍ଟ ଏବଂ ଆଧାର କାର୍ଡ ଜାରି କରିଛନ୍ତି। ଯେଉଁଥିରେ ଆବେଦନକାରୀଙ୍କ ଲିଙ୍ଗ ମହିଳାରୁ ପୁରୁଷ ତଥା ନାମ ସ୍ୱାଗିତିକା ଦାସରୁ ଅଗସ୍ତ୍ୟ ଦାସ ହୋଇଥିବା ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।

ମାମଲାରୁ ପ୍ରକାଶ, ଆବେଦନକାରୀଙ୍କ 'ଜେଣ୍ଡର୍ ଡିସଫୋରିକ୍ ସିଣ୍ଡ୍ରୋମ୍' ରୋଗ ଚିହ୍ନଟ କରାଯାଇଥିଲା। ଯାହା ପାଇଁ ତାଙ୍କର କିଛି ଅଂଶରେ ଥିବା ମହିଳା ଯୌନାଙ୍ଗକୁ ଅପସାରଣ କରିବା ପାଇଁ ଲାପାରୋସ୍କୋପିକ୍ ଅସ୍ତ୍ରୋପଚାର ହୋଇଥିଲା। ସଫଳ ଭାବେ ତାଙ୍କର ଲିଙ୍ଗ ମହିଳାରୁ ପୁରୁଷକୁ ପରିବର୍ତ୍ତନ ପ୍ରମାଣିତ କରୁଥିବା ଏକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅସ୍ତ୍ରୋପଚାର ପରେ ଜିଲ୍ଲା ମାଜିଷ୍ଟ୍ରେଟ୍ ତାଙ୍କୁ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ପ୍ରମାଣପତ୍ର ଆଧାରରେ ଆବେଦନକାରୀ ଆଧାର କାର୍ଡ, ପ୍ୟାନ୍ କାର୍ଡ ପାସପୋର୍ଟ ଇତ୍ୟାଦି ସମସ୍ତ ସରକାରୀ ଦସ୍ତାବିଜ୍‌ରୁ ତାଙ୍କର ନାମ ପରିବର୍ତ୍ତନ କରିପାରିଥିଲେ। ସେ ଏ ସମ୍ପର୍କରେ ଏକ ଗେଜେଟ୍ ପ୍ରକାଶନ ମଧ୍ୟ କରିଥିଲେ ଏବଂ ଏକ ଖବରକାଗଜ ପ୍ରକାଶନ ମାଧ୍ୟମରେ ମଧ୍ୟ ଏହାକୁ ସୂଚିତ କରିଥିଲେ। ସେ ତାଙ୍କ ଜେଜଙ୍କଠାରୁ ଉତ୍ତରାଧିକାରୀ ଭାବେ ପାଇଥିବା ଏକ ସମ୍ପତ୍ତିର ମ୍ୟୁଟେସନ୍ ପ୍ରମାଣପତ୍ରରେ ତାଙ୍କ ନାମ ଏବଂ ଲିଙ୍ଗ ପରିବର୍ତ୍ତନ କରିବାକୁ ସାଧାରଣ ପ୍ରଶାସନ ବିଭାଗର ଇଷ୍ଟେଟ୍ ନିର୍ଦ୍ଦେଶକଙ୍କୁ ଆବେଦନ କରିଥିଲେ। କିନ୍ତୁ ଏହା ପ୍ରତ୍ୟାଖାନ ହେବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଭିନ୍ନ ନିୟମାବଳୀ ଓ ରାୟକୁ ଦୃଷ୍ଟାନ୍ତ ଭାବେ ଗ୍ରହଣ କରି ଆବେଦନକାରୀଙ୍କ ନାମ ସମ୍ପତ୍ତିର ମ୍ୟୁଟେସନ୍ ପ୍ରମାଣପତ୍ରରେ 'ସ୍ୱାଗତିକା ଦାସ'ରୁ 'ଅଗସ୍ତ୍ୟ ଦାସ' ଏବଂ ସେଥିରେ ପୂର୍ବଜଙ୍କ ସହ ସମ୍ପର୍କ ନାତୁଣୀରୁ ନାତିକୁ ପରିବର୍ତ୍ତନ ପ୍ରକ୍ରିୟା ୧୫ଦିନ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଧାନର ଅଭାବୀ ବିକ୍ରି

ଭୁବନେଶ୍ୱର,୨୯ ।୧୨(ସମିସ): ବର୍ତ୍ତମାନର ବିଜେପି ଡବଲ ଇଞ୍ଜିନ ସରକାରରେ ମଣ୍ଡି ଭିତ୍ତିଭୂମି ସୁଦୃଢ଼, ସୁବ୍ୟବସ୍ଥିତ ଢଙ୍ଗରେ ଧାନ କ୍ରୟ, ଚାଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ ଦିଆଯାଉଛି ବୋଲି ଡିଣ୍ଡିମ ପିଟୁଛି। ହେଲେ ସରକାର, ମିଲର ଓ ପ୍ରସାଶନ ସଲାସୁତୁରାରେ ବିଭିନ୍ନ ସ୍ଥାନରେ ବିଳମ୍ବରେ ମଣ୍ଡି ଖୋଲାଯାଇ ଚାଷୀ କିପରି ଅଭାବୀ ବିକ୍ରିର ଶିକାର ହୋଇଛନ୍ତି, ତାହା ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଜିଲ୍ଲା ସଦର ବ୍ଲକ ପଲାସପଙ୍ଗା ଲ୍ୟାମ୍ପସ୍‌ରୁ ଜଣାପଡ଼ିଛି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ତଥା ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ଶ୍ରୀ ପଟ୍ଟନାୟକଙ୍କ ସମେତ ଏକ ପ୍ରତିନିଧିମଣ୍ଡଳୀରେ ୨୮ ତାରିଖରେ କେନ୍ଦୁଝର ଜିଲ୍ଲାକୁ ଗସ୍ତକରି ସଦର ବ୍ଲକର ପଲାସପଙ୍ଗା ମଣ୍ଡି ଅନ୍ତର୍ଗତ ବିସ୍ତାପାଳଠାରେ ଶତାଧିକ ଚାଷୀଙ୍କ ସହ ଆଲୋଚନା କରିବା ପରେ ସେ ଏହି ଅଭିଯୋଗ କରିଛନ୍ତି।

ଶ୍ରୀ ପଟ୍ଟନାୟକ କହିଛନ୍ତି, ସରକାର ଗତ ନଭେମ୍ବର ୧ ତାରିଖଠାରୁ ମଣ୍ଡି



ଅଭିଯୋଗ ଆଣିଲେ କଂଗ୍ରେସ ପ୍ରତିନିଧି ମଣ୍ଡଳୀ

ଖୋଲିବେ ବୋଲି କହିଥିଲେ; କିନ୍ତୁ ନଭେମ୍ବର ୨୮ରେ ମଣ୍ଡି ଖୋଲିଲା। କେନ୍ଦୁଝର ଜିଲ୍ଲାର ପାହାଡ଼ିଆ ଅଞ୍ଚଳର ଚାଷୀ ୪୦ ପ୍ରତିଶତରୁ ଅଧିକ ଧାନ ଶାଗମାଛ ମୂଲ୍ୟରେ ଅର୍ଥାତ କୁଇଣ୍ଟାଲ ପ୍ରତି ୧୬ଶହ ଟଙ୍କା ଦରରେ ବିକ୍ରି କରିବା ପରେ ମୁଖ୍ୟମନ୍ତ୍ରୀ ଗତ ୨୬ ତାରିଖ ଦିନ ଧର୍ମକୁ ଆଖିଠାର ସଦୃଶ ପଲାସପଙ୍ଗା ମଣ୍ଡି ଉଦ୍‌ଘାଟନ କରିଛନ୍ତି। କିନ୍ତୁ ଏହି ମଣ୍ଡିରେ ଧାନକିଣା ପ୍ରକ୍ରିୟା ୧୧ ତାରିଖରୁ ହେବ। ଜାନୁଆରୀ ୧୪ରେ ମକର ଥିବାରୁ ଜିଲ୍ଲାର ପ୍ରମୁଖ ଗଣପର୍ବ ମକର ପାଳନ ପାଇଁ ଆଉ ଅବଶିଷ୍ଟାଂଶ ବଳକା ଧାନକୁ ଏବେ ଚାଷୀ ବେପାରୀଙ୍କୁ ତରବରିଆ ଭାବେ ବିକ୍ରି କରି ଚାଲିଛନ୍ତି। ଯୋଗାଣ ବିଭାଗ, ସରକାର ଓ ଜିଲ୍ଲା ପ୍ରଶାସନ ଚାଷୀଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରୁଥିବାରୁ ଜିଲ୍ଲାରେ ଚାଷୀ ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତା ସହିତ ଧାନ କୁଇଣ୍ଟାଲ୍ ପିଛା ୩୧୬୯ ପାଇବା ତ ଦୂରର କଥା; ଏହାର ଅଧା ଦର ପାଇବା ଏବେ କଷ୍ଟ ହୋଇ ପଡୁଛି ବୋଲି କଂଗ୍ରେସ ସମବାୟ ପ୍ରକୋଷ୍ଠ କହିଛି।

ଯଦି ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଅଞ୍ଚଳରେ ଧାନ କିଣାରେ ଏପରି ଅବ୍ୟବସ୍ଥା ଘଟୁଛି, ତେବେ ସାରା ରାଜ୍ୟରେ ସରକାରଙ୍କ ଧାନ କ୍ରୟ ବ୍ୟବସ୍ଥା କିପରି ଚାଲିଛି ତାହା ସ୍ପଷ୍ଟ ଅନୁମେୟ ବୋଲି ଦଳ କହିଛି। ତେଣୁ କାଳ ବିଳମ୍ବ ନ କରି କଥା ଦେଇ କଥା ରଖିଲେ ବୋଲି ସ୍ଲୋଗାନ ଦେବା ଅପେକ୍ଷା ମୁଖ୍ୟମନ୍ତ୍ରୀ ତୁରନ୍ତ ଜିଲ୍ଲାର ପାହାଡ଼ିଆ ଅଞ୍ଚଳ ଓ ଆନନ୍ଦପୁର ସମତଳ ଅଞ୍ଚଳର ସମସ୍ତ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ କଂଗ୍ରେସ ପକ୍ଷରୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ କେନ୍ଦୁଝର କଂଗ୍ରେସ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାୟକ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ସଂଗ୍ରାମ ଦାସ, ସଦର ବ୍ଲକ ପୂର୍ବତନ ସଭାପତି ଉତ୍ତମ କୁମାର ସାହୁ ପ୍ରମୁଖ ନେତୃମଣ୍ଡଳୀ ସାମିଲ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆରାବଳୀକୁ ସାମୟିକ...

ଅବକାଶକାଳୀନ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ଜଷ୍ଟିସ ସୂର୍ଯ୍ୟକାନ୍ତ ନିର୍ଦ୍ଦେଶ ଦେଇ କହିଥିଲେ ଯେ, ବିଶେଷଜ୍ଞ କମିଟିର ସୁପାରିସ୍ ଓ ଏହା ଉପରେ ପୂର୍ବରୁ ସୁପ୍ରିମକୋର୍ଟଙ୍କ ଦେଇଥିବା ରାୟ ସ୍ଥଗିତ ରହିବ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ସୁପାରିସଗୁଡ଼ିକ କାର୍ଯ୍ୟକାରୀ ହେବନାହିଁ। ଏହି ସୁପାରିସରେ କେବଳ ଶହେ ମିଟର ଉଚ୍ଚତାର ପର୍ବତକୁ ଆରାବଳୀ ମାନିବାକୁ କୁହାଯାଇଥିଲା। ସଲିସିଟର ଜେନେରାଲ ତୁଷାଟ ମେହେଟା କହିଥିଲେ ଯେ, କୋର୍ଟଙ୍କ ନିର୍ଦ୍ଦେଶ, ସରକାରଙ୍କ ଭୂମିକା ଓ ମାମଲାକୁ ନେଇ ଭ୍ରାନ୍ତ ଧାରଣା ରହିଛି। ଏଗୁଡ଼ିକର ପ୍ରଚାରପ୍ରସାର କରାଯାଉଛି। ଏହି ଭୁଲ ଧାରଣା ଦୂର କରିବା ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା। ଏହି କମିଟିର ରିପୋର୍ଟକୁ କୋର୍ଟ ଗ୍ରହଣ କରିଥିଲେ। ସେହିପରି ସୁପ୍ରିମକୋର୍ଟଙ୍କ ମଧ୍ୟ ସମାନ ଧାରଣା ରହିଛି ବୋଲି ପ୍ରଧାନ ବିଚାରପତି କହିଥିଲେ। ତେବେ ଏହି ଭୁଲ ଧାରଣା ଦୂର କରିବାକୁ ସ୍ପଷ୍ଟୀକରଣର ଆବଶ୍ୟକତା ହୋଇପାରେ। ବିଶେଷଜ୍ଞ କମିଟିର ରିପୋର୍ଟ କିମ୍ବା କୋର୍ଟଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଏକ ନିରପେକ୍ଷ ଓ ସ୍ୱାଧୀନ ମୂଲ୍ୟାଙ୍କନର ଆବଶ୍ୟକତା ରହିଛି। ଏହାଦ୍ୱାରା ଅନେକ ପ୍ରମୁଖ ପ୍ରସଙ୍ଗରେ ସ୍ପଷ୍ଟ ମାର୍ଗଦର୍ଶନ ପ୍ରଦାନ କରାଯାଇପାରିବ।

### ଚାଷୀ-ସରକାର...

ବିରୋଧୀ ଅଭିଯୋଗ କରିଛନ୍ତି। ଚଳିତବର୍ଷ ଖରିଫ ଧାନ ବିକ୍ରି କରିବାକୁ ୧୯ ଲକ୍ଷ ୬୮ ହଜାର ଚାଷୀ ପଞ୍ଜିକରଣ କରିଛନ୍ତି। ଏହାସହିତ ୬୧.୬୭ ଲକ୍ଷ ଏକର ଜମିରେ ଧାନ ଚାଷ ହୋଇଥିବା ନେଇ ପଞ୍ଜିକୃତ ହୋଇଛି। ରାଜ୍ୟ ସରକାର ଇନ୍‌ପୁଟ୍ ସବସିଡି ଦେବାକୁ ଘୋଷଣା କରିବା ପରେ ଧାନ ଚାଷ ପ୍ରତି ଆଗ୍ରହ ବଢ଼ିବା ସହିତ ଅଧିକ ସଂଖ୍ୟକ ଚାଷୀ ଧାନ ଚାଷ କରିଛନ୍ତି। ଫଳରେ ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ପ୍ରାୟ ୨ ଲକ୍ଷ ଏକର ଜମିରେ ଅଧିକ ଧାନ ଚାଷ ହୋଇଥିବା ରେକର୍ଡ କହୁଛି। ହେଲେ ସରକାର ସାଟେଲାଇଟ୍ ସର୍ଭେ କରିବା ପରେ ଅନେକ ଚାଷୀ କିଛି ଅଣଚାଷ ଜମିକୁ ଚାଷଜମି ଭାବେ ଦର୍ଶାଇଥିବା ଅଭିଯୋଗରେ ସେମାନଙ୍କୁ ନୋଟିସ କରିବାକୁ ବିଭାଗ ଯୋଜନା କରିଛି।

ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଯେ ପ୍ରଥମେ ଚାଷୀମାନଙ୍କୁ ନୋଟିସ ଜାରି କରାଯିବ। ଏହାପରେ ତଦନ୍ତ କରାଯାଇ ଅନିୟମିତତା ପ୍ରମାଣିତ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ କରାଯିବ। ସାଟେଲାଇଟ୍ ସର୍ଭେ ହୋଇଛି, ଏଥିରେ ମଧ୍ୟ କିଛି ଭୁଲ୍ ତଥ୍ୟ ଆସୁଛି। ତେଣୁ କ୍ଷେତ୍ରସ୍ତରରେ ତଦନ୍ତ କରାଯାଉଛି। ଗତ ବର୍ଷ ମଧ୍ୟ ଏଭଳି ହୋଇଥିଲା। ପ୍ରତିବର୍ଷ ସେମାନେ ସରକାରଙ୍କଠାରୁ ଠକି ପଇସା ନେବେ। ତେଣୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ବିଜେଡି ବିଧାୟକ ସାରଦା ଜେନା ସରକାରଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କହିଛନ୍ତି। ଶ୍ରୀ ଜେନା କହିଛନ୍ତି, ସରକାର ଚାଷୀଙ୍କ ସହିତ ଖେଳ ଖେଳୁଛନ୍ତି। ସରକାର ଧାନର ଏମ୍‌ଏସ୍‌ପି ବଢ଼ାଇ ଦେଲେ। ହେଲେ ଏହାପରେ ଚାଷୀ କିପରି ଧାନ ବିକ୍ରି କରି ନ ପାରିବେ ସେ ସବୁ ବାଟ କରିଦେଲେ। ଧାନ ପଞ୍ଜିକରଣରେ ଜଟିଳ ପ୍ରକ୍ରିୟା ସହିତ ଧାନ ଉତ୍ପାଦନ ହ୍ରାସ ପାଇଁ ଯୁରିଆ ସଂକଟ ସୃଷ୍ଟି କଲେ। କଟନୀ ଛଟନୀ ପରେ ଏବେ ଚାଷୀଙ୍କୁ ନୋଟିସ୍ ହେଉଛି। କେଉଁ ଚାଷୀଙ୍କର କେତେ ଜମି ଅଛି, ରାଜସ୍ୱ ବିଭାଗ ନିକଟରେ ତଥ୍ୟ ରହିଛି। କୃଷି ବିଭାଗ ସର୍ଭେ କରୁଛି। ଯୋଗାଣ ବିଭାଗ ନିକଟରେ ମଧ୍ୟ ଚାଷ ଜମିର ତଥ୍ୟ ରହିଛି। ଏହି ବିଭାଗଗୁଡ଼ିକ ସବୁ ତଥ୍ୟ ମେଳ କରି ସଠିକ୍ ଭାବେ କାମ ନକରି ଚାଷୀଙ୍କୁ ହଇରାଣ କରିବାକୁ ଏଭଳି ନିଷ୍ପତ୍ତି ନେଉଛନ୍ତି। କେବଳ ଧାନ ନ ନେବାକୁ ବାହାନା କରି ସରକାର ଏହି କାମ କରୁଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି।

### ଦେଶରୁ ହଟିବେ...

ଉଚିତ ନ ଥିଲା। ଆଜି ଏହି ସ୍ଥାନରୁ ଅନୁପ୍ରବେଶକାରୀଙ୍କୁ ହଟାଇ ପୁନଃ ନାମଘର ପ୍ରତିଷ୍ଠା କରାଯାଇଛି। ଆସାମ ଜନତା ପୁଣିଥରେ ବିଜେପିକୁ ସମର୍ଥନ ଦିଅନ୍ତୁ। ଆମେ ସାରା ଆସାମକୁ ଅନୁପ୍ରବେଶ ମୁକ୍ତ କରିବୁ। ଯେଉଁମାନେ ଅନୁପ୍ରବେଶକାରୀଙ୍କୁ ଭୋଟ ବ୍ୟାଙ୍କ ଭାବୁଛନ୍ତି, ସେମାନେ କେବେ ଏପରି କରିପାରିବେ ନାହିଁ। କେନ୍ଦ୍ର ସରକାର ଉଗ୍ରବାଦୀ ସଂଗଠନଗୁଡ଼ିକ ସହ ଶାନ୍ତି ଚୁକ୍ତି ମଧ୍ୟ କରିଛନ୍ତି। ଏଥିରୁ ୯୨ ପ୍ରତିଶତ ସର୍ତ୍ତ ସମ୍ପୂର୍ଣ୍ଣ ହୋଇଯାଇଛି। ଆସାମରେ ଶାନ୍ତି ଏବଂ ବିକାଶ ମଜବୁତ ହୋଇଛି।

ଏହି ଅବସରରେ ୨୨୭ କୋଟି ବ୍ୟୟରେ ନିର୍ମିତ ଶ୍ରୀମନ୍ତ ଶଙ୍କରଦେବ ଆବିର୍ଭାବ କ୍ଷେତ୍ର ଉଦ୍‌ଘାଟନ କରିଛନ୍ତି। ଏହା ଆସାମ ମହାନ ବୈଷ୍ଣବ ସନ୍ଥ ଶ୍ରୀମନ୍ତ ଶଙ୍କରଦେବଙ୍କ ଜନ୍ମଭୂମି। ଏହି ସ୍ଥାନ ଆସାମର ସାଂସ୍କୃତିକ ଏକତା ଏବଂ ଆଧ୍ୟାତ୍ମିକ ପରମ୍ପରାର ପ୍ରତୀକ। ଏହି ପ୍ରକଳ୍ପ ପର୍ଯ୍ୟଟନ ଏବଂ ସଂସ୍କୃତିକୁ ପ୍ରୋତ୍ସାହନ ଦେବ ବୋଲି ଶାହା କହିଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରୟାସରେ ଆସାମରେ ଶାନ୍ତି, ବିକାଶ ଏବଂ ସାଂସ୍କୃତିକ ସଂରକ୍ଷଣ ହେବ।

### କୁଲଦୀପଙ୍କୁ 'ସୁପ୍ରିମ୍'...

ସେଙ୍ଗରଙ୍କ ଜାମିନ ବିରୋଧରେ ସିବିଆଇ ୩ ଦିନ ତଳେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜେକେ ମାହେଶ୍ୱରୀ ଓ ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହଙ୍କ ଖଣ୍ଡପୀଠ ୪୦ ମିନିଟ ଧରି ଉଭୟ ପକ୍ଷର ଯୁକ୍ତି ଶୁଣିଥିଲେ। ହାଇକୋର୍ଟ ଆଦେଶ ଭୁଲ ଥିବା କୋର୍ଟ ହୃଦୟଙ୍ଗମ କରିଥିଲେ। ପ୍ରଧାନ ବିଚାରପତି କହିଥିଲେ ଯେ ଦଣ୍ଡ ସ୍ଥଗିତ ରଖିଥିବା ହାଇକୋର୍ଟ ବିଚାରପତିମାନଙ୍କୁ ଅତ୍ୟନ୍ତ ଉତ୍ତମ ଜଜ୍ ବୋଲି ବିବେଚିନା କରାଯାଏ। କିନ୍ତୁ ଯେ କେହି ବି ଭୁଲ କରିପାରିନ୍ତି। ଏହି ମାମଲାର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଗୁଡ଼ିକ ବିସ୍ତୃତ ଭାବେ ବିଚାର କରିବା ଆବଶ୍ୟକ। ଏହି ମାମଲାର ସ୍ଥିତି ନିଶ୍ଚିତ ଭାବେ ଭିନ୍ନ। ଏଥିରେ ଅଭିଯୁକ୍ତ ଅନ୍ୟ ମାମଲାରେ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହି କାରଣରୁ ଦିଲ୍ଲୀ ହାଇକୋର୍ଟ ଦେଇଥିବା ଆଦେଶ ଉପରେ ରୋକ ଲଗାଯାଉଛି ବୋଲି ସେ କହିଥିଲେ । ଏହାପୂର୍ବରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ, ଏହି ମାମଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଧାରା-୩୭୬ ଓ ପୋକ୍‌ସୋ ଅନୁସାରେ ଅଭିଯୋଗ ଧାର୍ଯ୍ୟ ହୋଇଛି। ଏହି ମାମଲାରେ ଅଭିଯୁକ୍ତଙ୍କୁ ଅତିକମ୍‌ରେ ୨୦ ବର୍ଷ ଜେଲ ଦଣ୍ଡ କିମ୍ବା ଆଜୀବନ କାରାଦଣ୍ଡ ହୋଇପାରେ।

ଜଷ୍ଟିସ ସୂର୍ଯ୍ୟକରନ୍ତ କହିଥିଲେ ଯେ ଏହି ମାମଲା ଗମ୍ଭୀର ଆଇନଗତ ପ୍ରଶ୍ନ ଉଠାଉଛି। ପୋକସୋ ଆଇନ ଅନୁଯାୟୀ ଜଣେ ପୁଲିସ କନଷ୍ଟେବଲଙ୍କୁ ଲୋକ ସେବକ ଧରାଯାଏ, କିନ୍ତୁ ବିଧାୟକ ଏବଂ ସାଂସଦଙ୍କ ଭଳି ଜଣେ ନିର୍ବାଚିତ ପ୍ରତିନିଧିଙ୍କୁ ଏହି ପରିସରରୁ ବାହାର କରିଦିଆଯାଉଛି। ଏଭଳି ବିସଙ୍ଗତି ସୁପ୍ରିମକୋର୍ଟଙ୍କୁ ବିଚଳିତ କରୁଛି। ସେହିପରି ଜଷ୍ଟିସ ମାହେଶ୍ୱରୀ ପ୍ରଶ୍ନ ଉଠାଇ କହିଥିଲେ ଯେ ଧାରା ୩୭୬ (୨) ଅନୁଯାୟୀ, ଅଭିଯୁକ୍ତ ଦୋଷୀ କି ନୁହେଁ ବୋଲି ହାଇକୋର୍ଟ ନିଜ ନିର୍ଦ୍ଦେଶରେ କେଉଁଠି ସ୍ପଷ୍ଟ ଭାବେ କହିଛନ୍ତି କି?

ସେପଟେ ସୁପ୍ରିମକୋର୍ଟଙ୍କ ଆଦେଶ ପରେ ପୀଡିତା ସ୍ୱାଗତ ଜଣାଇଛନ୍ତି। ଏହି ନିଷ୍ପତ୍ତିରେ ସେ ଖୁସି ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟରୁ ମୋତେ ନ୍ୟାୟ ମିଳିବ। ଏହି ସଂଘର୍ଷ ଓ ଲଢ଼େଇକୁ ଜାରି ରଖିବି। ସେଙ୍ଗରକୁ ଫାଶୀରେ ଝୁଲାଇବି, ତାପରେ ଯାଇ ଆମ ପରିବାରକୁ ଶାନ୍ତି ମିଳିବ ବୋଲି ପୀଡ଼ିତା କହିଛନ୍ତି। ସୂଚନାଯୋଗ୍ୟ ଯେ ୨୦୧୭ ଜୁନ୍ ୪ରେ ସେଙ୍ଗାର ପୀଡିତାଙ୍କ ସହ ଦୁଷ୍କର୍ମ କରିଥିଲା।

### ସିବିଆଇର ପ୍ରଥମ ...

ଦାସ, ମୁନ୍ନା ମହାନ୍ତିଙ୍କୁ ପ୍ରମୁଖ କାର୍ପଟଦାର ଭାବେ ଦର୍ଶାଯାଇଛି। ଏମାନଙ୍କ ବ୍ୟତୀତ ଚାର୍ଜସିଟ୍‌ରେ ସୌମ୍ୟ ପ୍ରିୟଦର୍ଶିନୀ, ରିଙ୍କୁ ମହାରଣା, ବିରଞ୍ଚି ନାୟକ, ନିତିଶ କୁମାରଙ୍କ ନାମ ରହିଛି । ଚାର୍ଜସିଟରେ ଶଙ୍କର ପୃଷ୍ଟି ଏହି ସ୍କାମ୍‌ର ମାଷ୍ଟର ମାଇଣ୍ଡ ବୋଲି ସିବିଆଇ ଉଲ୍ଲେଖ କରିଛି। ସେ ଉପରସ୍ତରରେ ବହୁ ଲୋକଙ୍କ ସହ ଯୋଗାଯୋଗରେ ରହିଥିଲେ। ସେ ତାଙ୍କ କମ୍ପାନୀ ପଞ୍ଚସପ୍ତ ଟେକ୍ ପ୍ରା.ଲିଃ ଏବଂ କେଦାରନାଥ ଟେକ୍‌ନୋଲୋଜିକୁ ଏକାଧିକ ପରୀକ୍ଷା ପରିଚାଳନାରେ ନିୟୋଜିତ କରିଥିଲେ। ଶଙ୍କରଙ୍କ ଘନିଷ୍ଠ ସହଯୋଗୀ ମୁନ୍ନା ମହାନ୍ତି ପରୀକ୍ଷାର୍ଥୀଙ୍କୁ ଚୟନ କରିଥିଲେ। ଏହାପରେ ପରୀକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପାଇଁ ଆନ୍ଧ୍ରପ୍ରଦେଶ ନେଇ ଯାଇଥିଲେ। ତେବେ ଆନ୍ଧ୍ର ପ୍ରଦେଶରେ ୧୧୪ ଜଣ ପରୀକ୍ଷାର୍ଥୀ ଧରାପଡ଼ିବା ସହ ୬ଜଣ ମଧ୍ୟସ୍ଥ ଗିରଫ ହେବା ପରେ ଘଟଣା ସାମ୍ନାକୁ ଆସିଥିଲା। ଏହି ମାମଲାରେ ଆହୁରି ଅଧିକ ଲୋକଙ୍କ ସମ୍ପୃକ୍ତି ରହିଛି ବୋଲି ସିବିଆଇ ପକ୍ଷରୁ କୁହାଯାଇଛି। ତେବେ କ୍ରାଇମବ୍ରାଞ୍ଚ ଗିରଫ କରିଥିବା ୧୧୪ ପରୀକ୍ଷାର୍ଥୀଙ୍କ ନାମ ସିବିଆଇ ଚାର୍ଜସିଟ୍‌ରୁ ବାଦ ଦେଇଛି ।

### ଜାନୁଆରୀ ୩୧ ସୁଦ୍ଧା...

ପ୍ରାବଧାନ ରହିଛି। ୨୦୨୫ ମସିହାର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ ପାଇଁ ସମୟସୀମା ଆସନ୍ତା ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ତେଣୁ ଏହି ସମୟସୀମା ମଧ୍ୟରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଏଚ୍‌ଆର୍‌ଏସ୍‌ଏମ୍ ପୋର୍ଟାଲରେ ଦାଖଲ କରିବାକୁ ବିଭାଗ ପରାମର୍ଶ ଦେଇଛି। ହାର୍ଡକପି ମାଧ୍ୟମରେ ସମ୍ପତ୍ତି ତାଲିକା ଦାଖଲ ସରକାରଙ୍କ ଦ୍ୱାରା ଗ୍ରହଣୀୟ ନୁହେଁ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ୧୦ ଡିଗ୍ରୀ ତଳେ...

ତାପମାତ୍ରା। ଏହା ପୂର୍ବରୁ ୭ ଡିସେମ୍ବର ୨୦୨୧ରେ ୫.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିଲା। ତାହା ସର୍ବକାଳୀନ ରେକର୍ଡ ଥିଲା। ପାଣିପାଗ କେନ୍ଦ୍ର କହିଛି ଯେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଶୀତ ସାଙ୍ଗକୁ ଘନ କୁହୁଡ଼ି ସ୍ଥିତି ଜାରି ରହିବ। ମୁଖ୍ୟତଃ ଅନୁଗୋଳ ଓ ଝାରସୁଗୁଡ଼ାରେ ଅଧିକ ଶୀତ ସହ ଏଠାରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହେବ। ସେହିପରି ସୁନ୍ଦରଗଡ଼, କନ୍ଧମାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ଓ ବାଲେଶ୍ୱର ଆଦିରେ ଘନକୁହୁଡ଼ି ହେବ ବୋଲି କେନ୍ଦ୍ର କହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ରାଜ୍ୟର ବାକି ଜିଲ୍ଲାଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମଧରଣର କୁହୁଡ଼ି ହେବ ବୋଲି କେନ୍ଦ୍ର ଆକଳନ କରିଛି। ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଏଭଳି ଶୀତ ଜାରି ରହିବା ସହ ଏହା ପରେ ଶୀତର ପ୍ରଭାବରେ ସାମାନ୍ୟ ହ୍ରାସ ଘଟିବାର ସମ୍ଭାବନା ରହିଛି। ତାପମାତ୍ରାରେ ୨-୩ ଡିଗ୍ରୀ ବୃଦ୍ଧି ହେବାକୁ ଥିବାରୁ ନୂଆ ବର୍ଷରେ ବର୍ତ୍ତମାନ ତୁଳନାରେ ଶୀତର ପ୍ରଭାବ କମିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

### ଘନଉଛି ଓମ୍‌ସା...

ରୋଗୀ ସେବା ପ୍ରଭାବିତ ହୋଇଥିବା ବେଳେ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ଲାଇନରେ ଘଣ୍ଟା ଘଣ୍ଟା ଧରି ଛିଡ଼ାହେବାକୁ ପଡ଼ୁଛି। ସରକାର ତୁରନ୍ତ ବିବାଦର ସମାଧାନ କରିବାକୁ ସାଧାରଣରେ ଦାବି ହେଉଥିବା ବେଳେ ଗତ ୨୭ ତାରିଖରେ ସରକାର ବିଭିନ୍ନ ବିଭାଗର ସଚିବଙ୍କୁ ନେଇ ଏକ ଅନ୍ତଃବିଭାଗୀୟ କିମିଟି ଗଠନ କରିଛନ୍ତି। ଏହି କମିଟି ଓମ୍‌ସାର ବିଭିନ୍ନ ଦାବି ଉପରେ ଆଲୋଚନା କରି, ସେଗୁଡ଼ିକର ବିଭିନ୍ନ ଦିଗଗୁଡିକ ବିଚାର କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ସରକାରଙ୍କ ଏପରି ଆଭିମୁଖ୍ୟକୁ ନାପସନ୍ଦ କରିଛି ଓମ୍‌ସା। ସଂଘର ସାଧାରଣ ସମ୍ପାଦକ ଡ. ପ୍ରଧାନ କହିଛନ୍ତି ଯେ ଗତ ନଭେମ୍ବର ୧୯ ତାରିଖ ଅନୁଷ୍ଠିତ ବୈଠକରେ ସରକାର କମିଟି ଗଠନ କରିବା କଥା କହିଥିଲେ; ମାତ୍ର କମିଟି ଗଠନ ପାଇଁ ସରକାରଙ୍କୁ ଏକ ମାସ ସମୟ ଲାଗିଗଲା। ଅତୀତରେ ଓମ୍‌ସାର ଦାବି ପୂରଣ ପାଇଁ କେବେ ସରକାର କମିଟି ଗଠନ କରି ନ ଥିଲେ। ଆମ ଦାବି ପୂରଣ ନେଇ ସରାକାରଙ୍କର ଆନ୍ତରିକତା ନ ଥିବା ଭଳି ଲାଗୁଛି। କମିଟି ଗଠନ ସରାକାରଙ୍କର କାଳକ୍ଷେପଣ ନୀତି ଅଟେ। ଆମେ ବର୍ତ୍ତମାନ ଏକ ଘଣ୍ଟିଆ ପ୍ରତିବାଦ କରିଛୁ। ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ବୈଠକରେ ସଂଘ ଠୋସ୍ ନିଷ୍ପତ୍ତି ଗ୍ରହଣ କରିବ ବୋଲି ସେ ସୂଚନା ଦେଇଛନ୍ତି। ଅପରପକ୍ଷେ ଓମ୍‌ସାର ଦାବିକୁ ଭୀମ୍‌ସାର, ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ, ଏମ୍‌କେସିଜି ହସ୍ପିଟାଲର କନିଷ୍ଠ ଡାକ୍ତର ସଂଘମାନେ ସମର୍ଥନ ଜଣାଇଛନ୍ତି।


**AFFIDAVIT**

By virtue of an affidavit sworn before the Executive Magistrate, Rayagada, no. 112, dated. 29.12.2025, I TULASI KHILLO, D/o - Situ Hantal, W/o - Diudu Khillo, resident of Vill - Jogibari, PO / PS - Padwa, Dist - Koraput, Odisha, Pin - 764038, declare that KAMALA KHILA and TULASI KHILLO is one and same person. Henceforth I shall be known as **TULASI KHILLO** for all purposes.

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018
☎:06769-270771 Email ID - eerlbcdivision@gmail.com

A-1202

**e-PROCUREMENT NOTICE No. RLBCD-P1-09/2025-26**

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 16 (Sixteen) Nos of work. |
| 3 | Estimated Cost | Varies From Rs.38.59 Lakhs to Rs.4.21 Lakhs |
| 4 | Period of Completion | Varies From 45 Days to 30 Days |
| 5 | Class of Contractor | Varies From "B' Class & 'C' Class (Odisha P.W.D) and "C" & "D"(Odisha P.W.D) or equivalent Class of other licensing authority |
| 6 | Cost of Bid Document / Mode of Payment | Varies From Rs. 6,000/- (Non-Refundable), Rs. 4,000/- and Rs. 2,000/- / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Varies From Rs. 38,590/- to Rs.4,210/- Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | 30.12.2025 from 10.00 Hours to 08.01.2026 up to 17.00 Hours. |
| | (iii).Date, time & venue of Bid Opening (Online) | On Dt.09.01.2026 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On Dt.28.01.2026 at 11.00 Hours (Tentative Date) in the O/o the Superintending Engineer, Rengali Left Bank Canal Division, Kamakhyanagar. |

*Further details can be seen from the Government of Odisha website https://tendersodisha.gov.in

Superintending Engineer
R.L.B. Canal Division
Kamakhyanagar

OIPR-32298/11/0037/2526

B-885

E-mail.eekalahandi@gmail.com
FAX No.06670-230512

GOVERNMENT OF ODISHA
OFFICE OF THE SUPERINTENDING ENGINEER KALAHANDI (R&B) DIVISION BHAWANIPATNA
*E-Procurement Notice*
*Bid Identification No. BC KLD-10/2025-2026*
No. 15131 Dated. 20.12.2025

| | | | |
|---|---|---|---|
| 1 | No. of the work: | : | 03 (Three) Electrical works |
| 2 | Estimated cost: | : | Rs 7.00 to 25.00 Lakhs |
| 3. | Period of completion: | : | 02 (Two) calendar Months to 04 (Four) calendar Months |
| 4. | Date and time of availability of bid document in the portal: | : | 11.00 hrs of 31.12.2025 to 17.00 hrs of 12.01.2026 |
| 5 | Last date/Time for receipt of bid in the portal: | : | 17.00hour of 12.01.2026 |
| 6 | Name and address of the Officer Inviting Bid: | : | Superintending Engineer, Kalahandi(R&B)Division, Bhawanipatna |
| 7 | Opening of the Single Cover Bid / Technical Bid of double cover. | : | On 13.01.2026 at 11.00 AM in the Office of the Superintending Engineer, Kalahandi(R&B)Division, Bhawanipatna |

Further details can be seen from the e-procurement portal https://tendersodisha.gov.in

Superintending Engineer
Kalahandi (R&B) Division

OIPR-34017/11/0021/2526

ସକାଳ THE SAKALA



www.sakalaepaper.com

# ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



**ମାର୍ଶାଘାଇ,୨୯ ।୧୨(ସମିସ):** ସ୍ଥାନୀୟ ରୟାଲ ଗାର୍ଡେନରେ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୯ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପୁରାତନ ଛାତ୍ର ଇଂ ସୌମ୍ୟରଞ୍ଜନ ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅରୁଣ କୁମାର ବେଉରା, ଆଇନଜୀବୀ ବିଚିତ୍ରାନନ୍ଦ ବେହେରା, ମନୋରଞ୍ଜନ ବସନ୍ତିଆ, ଜ୍ୟୋତିପ୍ରକାଶ ଦାସ, ସଂଗ୍ରାମ କେଶରୀ ସାମଲ, ଅବ୍ୟର୍ଥ ନାୟକ, ତପନ କୁମାର ସାହୁ, ସତ୍ୟନାରାୟଣ ନାୟକ, ବଡ଼କୁଳ ସରପଞ୍ଚ ପ୍ରଜ୍ଞା ପରମିତା କର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ସ୍ନେହଲତା ବେହେରା, ବ୍ୟଙ୍ଗକବି ବିଷ୍ଣୁପ୍ରସାଦ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ପୁରାତନ ଛାତ୍ର କବିବାନ ମଣ୍ଡଳ, ସୁଜିତ କୁମାର ମାଇତି, ଆଇନଜୀବୀ ଶଙ୍କର୍ଷଣ ରାଉତ, ଅଧୀର ସାହୁ, ରତ୍ନାକର ସାହୁ, ଅରବିନ୍ଦ ପ୍ରଧାନ, ସ୍ମୃତିରଞ୍ଜନ ପାତ୍ର, ଅଧୀର ପ୍ରଧାନ, ପ୍ରଦୀପ୍ତ ନାୟକ, ପ୍ରଦୀପ ବେହେରା, ସୁଧାଂଶୁ ବେହେରା, ବିଭାସ ରଞ୍ଜନ ବେହେରା, ଅର୍ଜୁନ ରଥ, ପ୍ରକାଶ ବେହେରା, ନାରାୟଣ ସାହୁ, ଅନୁପମ ଚୌଧୁରୀ, ଦିଲୀପ ଜେନା ପ୍ରମୁଖ ଯୋଗଦେଇଥିଲେ ।

# ଗୁଲନଗରରେ ପଞ୍ଚାୟତସ୍ତରୀୟ ବ୍ରାହ୍ମଣ ସଭା



**କେନ୍ଦ୍ରାପଡ଼ା,୨୯ ।୧୨(ସମିସ):** ଗୁଲନଗରସ୍ଥିତ ପ୍ରଭୁ ତ୍ରିନାଥ ମନ୍ଦିର ପରିସରରେ ପଣ୍ଡିତ ରାଜୀବ ଲୋଚନ ଦାଶଙ୍କ ସଭାପତିତ୍ୱରେ ପଞ୍ଚାୟତସ୍ତରୀୟ ବ୍ରାହ୍ମଣ ସଭା ଅନୁଷ୍ଠିତ ହୋଇଛି । କେନ୍ଦ୍ରାପଡ଼ା ବ୍ଲକ ସଂଯୋଜକ ପଣ୍ଡିତ ହରେକୃଷ୍ଣ ପତି ବୈଦପାଠ କରିଥିଲେ । ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ବ୍ରାହ୍ମଣ ମହାସଭା ସମ୍ପାଦକ ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇ ବ୍ରାହ୍ମଣ ସଭାର ଗଠନ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ କେନ୍ଦ୍ରପଡ଼ା ନଗର ବ୍ରାହ୍ମଣ ସଭା ସମ୍ପାଦକ ଶିକ୍ଷାବିତ୍ ନୃସିଂହ ଚରଣ ତ୍ରିପାଠୀ ଯୋଗଦେଇ ସମାଜର ହିତ ପାଇଁ ବ୍ରାହ୍ମଣଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ସଂଯୋଜକ ଲକ୍ଷ୍ମୀଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ପୀତାମ୍ବର କର, ପ୍ରଶାନ୍ତ କର, ଅଭୟ ଦାଶ, ତପନ ଦାଶ, ଗୋବିନ୍ଦ ରଥ, ଭୁବନ ମୋହନ କର, ନୀଳମାଧବ ମିଶ୍ର, ଜିତେନ୍ଦ୍ର ଦାଶ, ଉପେନ୍ଦ୍ର ପତି, ମନ୍ମଥ ଚକ୍ରବର୍ତ୍ତୀ, ରବୀନ୍ଦ୍ର ଦାଶ, ଲକ୍ଷ୍ମୀକାନ୍ତ ଦାଶ, ରାଜବ କର ପ୍ରମୁଖ ଯୋଗଦେଇଥିଲେ । ଆସନ୍ତା ଜାନୁଆରୀ ୫ ଅପରାହ୍ନ ୩ଟାରେ ଗୋପାଳଜୀୟୁ ମନ୍ଦିର ପରିସରରେ କେନ୍ଦ୍ରାପଡ଼ା ବ୍ଲକ ଓ କେନ୍ଦ୍ରାପଡ଼ା ନଗରର ମିଳିତ ବୈଠକ ହେବା ପାଇଁ ସ୍ଥିର କରାଯାଇଛି ।

● ଶ୍ରମ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି

# ଖବର ପ୍ରକାଶ ପରେ ବି ଚୁପ୍ ବସିଛି ପ୍ରଶାସନ

**କେନ୍ଦ୍ରାପଡ଼ା,୨୯ ।୧୨(ସମିସ):** ଜିଲ୍ଲାର ଶ୍ରମ କାର୍ଯ୍ୟାଳୟରେ ଚାଲିଥିବା ଖୁଲାମଖୁଲା ଟଙ୍କା ଆଦାୟ ଉପରେ ଲଗାତର ଖବର ପ୍ରକାଶ ପରେ ମଧ୍ୟ ଏପରି ଅବୈଧ କାରବାରକୁ ନିୟନ୍ତ୍ରଣ କରିବାରେ ପ୍ରଶାସନ ଅସମର୍ଥ ପ୍ରମାଣିତ ହୋଇଛି । ମାତ୍ର ୭ ହଜାର ଟଙ୍କା ଦରମା ପାଉଥିବା କାର୍ଯ୍ୟାଳୟର ଜଣେ କର୍ମଚାରୀ ୭ କୋଟି ଟଙ୍କାର ସମ୍ପତ୍ତିର ମାଲିକ ହୋଇପାରିଛନ୍ତି । ଏଜେନ୍ସିଗୁଡ଼ିକ ଜରିଆରେ ଟଙ୍କା ଆଦାୟ କରାଯାଇଥିବାର ପ୍ରମାଣ ବିଭାଗୀୟ କର୍ମଚାରୀଙ୍କ ଫୋନ ପେ’ ସ୍କ୍ରିନସଟ ରହିଛି । ସେହି ସ୍କ୍ରିନ ସଟରେ ଟଙ୍କା ନେଇଥିବା କର୍ମଚାରୀଙ୍କ ନାମ ମଧ୍ୟ ରହିଛି । ଏହାବାଦ ପ୍ରଶାସନ ଚୁପ ରହିବା ନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି ।

ଜନସେବା ଓ ମୋ ସେବା କେନ୍ଦ୍ର ଟଙ୍କା ଆଦାୟର କାର୍ପଟଦାର ସାଜିଛନ୍ତି । ଜିଲ୍ଲାରେ ଜନସେବା କେନ୍ଦ୍ର, ମୋ ସେବା କେନ୍ଦ୍ର ଏବଂ ଅନ୍ୟ ଏଜେନ୍ସି ମାଧ୍ୟମରେ ପ୍ରତି ଶ୍ରମିକ କାର୍ଡ ପିଛା ୩ ହଜାରରୁ ୪ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଛି । ସରକାରଙ୍କ "ନିଃଶୁଳ୍କ' ଯୋଜନାକୁ ହରିଲୁଟ୍ କରାଯାଉଛି । ଗରିବ ଶ୍ରମିକଙ୍କ ଅଧିକାରକୁ ଛଡ଼େଇ ନିଆଯାଉଛି । ଯେଉଁ କାର୍ଡ ଅସହାୟ, ଦିନମଜୁରିଆ, ଗରିବ ଶ୍ରେଣୀର ଶ୍ରମିକଙ୍କୁ ପ୍ରତିଶ୍ରୁତି ଦେଉଛି, ସେହି ଶ୍ରମ କାର୍ଡ ଏବେ ଧନୀ ବର୍ଗଙ୍କ ହାତରେ ରହିଛି । ସରକାରୀ ସୁବିଧା ଧନୀ ଶ୍ରେଣୀ ପାଉଛନ୍ତି । ଅସଲି ଶ୍ରମିକ ଓ ଗରିବ ଏହି ଯୋଜନାରୁ ଲାଭ ନେବାରୁ ବଞ୍ଚିତ । ଯାହାଙ୍କ ଲାଗି କାର୍ଡ, ସେମାନେ ସୁବିଧାରୁ ବଞ୍ଚିତ ରହିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେନ୍ଦ୍ରାପଡ଼ାରେ ଏହି ବିଚଳିତ କରୁଥିବା ପରିସ୍ଥିତି ଶ୍ରମ ଯୋଜନା ସଫଳ ହେବା ସ୍ୱପ୍ନ ପାଲଟିଛି । ବାରମ୍ବାର ଖବର, ଆପତ୍ତି, ଅଭିଯୋଗ ପରେ ମଧ୍ୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଉନାହିଁ । ଫଳରେ ଦୁର୍ନୀତିରେ ଜଡ଼ିତ କର୍ମଚାରୀମାନେ କାହାରିକୁ ଖାତିର କରୁନାହାନ୍ତି । ଦୁର୍ନୀତିରେ ଜଡ଼ିତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି । ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ହେଲେ ଗରିବଙ୍କ ଅଧିକାର ସୁରକ୍ଷିତ ହେବ ବୋଲି ମତ ପ୍ରକାଶ ପାଇଛି ।

## ନାଗାନାରାୟଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# ‘ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀ ଶିକ୍ଷାର ତ୍ରିଭୁଜ’

ରାଜନଗର,୨୯ ।୧୨(ସମିସ)



ରାଜନଗର ବ୍ଲକ୍ ଡାଙ୍ଗମାଳସ୍ଥ ପିଏମଶ୍ରୀ ନାଗାନାରାୟଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଜାତୀୟ ଶିକ୍ଷାନୀତି ଆଧାରରେ ଗୁଣାତ୍ମକ ଶିକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ । ରାଜ୍ୟରେ ୮ଶହ ବିଦ୍ୟାଳୟକୁ ପିଏମଶ୍ରୀ ଯୋଜନାରେ ସାମିଲ କରାଯାଇଛି । ଏହି ଅନୁଷ୍ଠାନକୁ ମଧ୍ୟ ପିଏମଶ୍ରୀ ଯୋଜନାରେ ସାମିଲ କରାଯାଇଛି । ଏହାର ଭିତ୍ତିଭୂମି, ସ୍ମାର୍ଟ କ୍ଲାସରୁମ ନିଶ୍ଚିନ୍ତ ଭାବେ କରାଯିବ । ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଶିକ୍ଷାର ତ୍ରିଭୁଜ ଭଳି । ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀ ମାଟିର ପିଣ୍ଡୁଳାରୁ କୁମ୍ଭାର ବିଭିନ୍ନ ଜିନିଷ ଗଢ଼ିବା ଭଳି ଛାତ୍ରଛାତ୍ରୀଙ୍କୁ ଗଢ଼ିଥା’ନ୍ତି । ଏକବିଂଶ ଶତାବ୍ଦୀ ହେଉଛି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସମୟ । ଜାତୀୟ ଶିକ୍ଷାନୀତି ଏବେ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ମତବ୍ୟକ୍ତ କରିଥିଲେ ।

ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ଡଃ କୁମରବର ଦାସ ଯୋଗଦେଇ ପାଠପଢ଼ାର ଉଦ୍ଦେଶ୍ୟ ଚାକିରି ନୁହେଁ । ଜୀବନରେ ବିଦ୍ୟାଳୟର ପାଠପଢ଼ା ହିଁ ବାସ୍ତବ ଶିକ୍ଷା ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ୫୦ ବର୍ଷ ତଳେ ଯେଉଁ ମହାନ ବ୍ୟକ୍ତିମାନେ ଏହି ଶିକ୍ଷାନୁଷ୍ଠାନର ପରିକଳ୍ପନା କରିଥିଲେ, ସେମାନଙ୍କର ପ୍ରଶଂସା କରିଥିଲେ । ପୁରାତନ ଛାତ୍ର ସଂସଦ ସଭାପତି ସନାତନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ଲଳିତ କୁମାର ବେହେରା ସମ୍ପାଦକୀୟ ବିବରଣୀରେ ଏହି ଶିକ୍ଷାନୁଷ୍ଠାନ ୫୦ ବର୍ଷ ପୂର୍ତ୍ତି ପାଳନ କରୁଥିବାବେଳେ ଏହାର ଭିତ୍ତିଭୂମିର ଘୋର ଅଭାବ ରହିଛି । ଆଜିବି ଛାତ୍ରଛାତ୍ରୀ ବାତ୍ୟା ଆଶ୍ରୟସ୍ଥଳୀ ଓ ଗଛମୂଳେ ପାଠ ପଢ଼ୁଛନ୍ତି । ବୈଷୟିକ ଜ୍ଞାନକୌଶଳ ସହ ଭିତ୍ତିଭୂମି ବିକାଶ କରିବା ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅଧ୍ୟାପକ ପ୍ରତାପ ଚନ୍ଦ୍ର ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ମାନସରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନ ଛାତ୍ରୀ ସଙ୍ଗୀତଗୁରୁ ରାମଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ସ୍ୱାଗତ ସଙ୍ଗୀତ ସହ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ପୁରାତନ ଛାତ୍ର ସଂସଦ ପକ୍ଷରୁ ନାଟକ ମାଆ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ପୁରାତନ ଛାତ୍ରଛାତ୍ରୀଙ୍କ ସହ ଅଧ୍ୟାପକ ଅଧ୍ୟାପିକା, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ ।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୪୨ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

**ରାଜନଗର,୨୯ ।୧୨(ସମିସ):** ରାଜନଗର ବ୍ଲକ୍ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଜିଲ୍ଲାସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବର୍ଷର ଶେଷ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ



ଜନଶୁଣାଣି ଆରମ୍ଭ ହୋଇଥିଲା । ଏହି ଶିବିରରେ ୧୯ଟି ସାମୂହିକ ଓ ୧୨୩ଟି ବ୍ୟକ୍ତିଗତକୁ ମିଶାଇ ମୋଟ ୧୪୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସାମୂହିକ ଅଭିଯୋଗରେ ବେଆଇନ ଭାବେ ସରକାରୀ ଜାଗା ଜବରଦଖଲ, ଜାତୀୟ ଉଦ୍ୟାନ ଅଞ୍ଚଳରେ ବେଆଇନ ଭାବେ ଗଢ଼ି ଉଠିଥିବା ଚିଙ୍ଗୁଡ଼ିଘେରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିମ୍ନମାନର କାର୍ଯ୍ୟ, ବନ୍ଧପାଟଣା-ଓସ୍ତିଆକୁ ସଂଯୋଗ କରୁଥିବା ସେତୁର ସଂଯୋଗୀକରଣ ରାସ୍ତା ନିର୍ମାଣ କରାଯିବା ପ୍ରଭୃତି ଅଭିଯୋଗ ଆସିଥିଲା । ବ୍ୟକ୍ତିଗତ ଭାବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନୂତନ ରାସନକାର୍ଡ ଓ ନାମ ସଂଯୋଗୀକରଣ, ବସୁନ୍ଧରା ଯୋଜନାରେ ଘରଡିହ ପାଇବା, ବିଧବା, ବାର୍ଦ୍ଧକ୍ୟ ଓ ଅକର୍ମଣ୍ୟ ଭତ୍ତା, ୮୦ ବୟସ୍କ ବୃଦ୍ଧବୃଦ୍ଧାଙ୍କୁ ୩୫ ଶହ ଟଙ୍କା ଭତ୍ତା ନ ମିଳିବା, ବେଆଇନ ଭାବେ ବସୁନ୍ଧରା ଯୋଜନାରେ ଘରଡିହ ପ୍ରଦାନ କରିବା, କେରଡାଗଡ ପଞ୍ଚାୟତ କାର୍ଯ୍ୟାଳୟ ନୂତନ ଗୃହ ନିର୍ମାଣ କରିଥିବା ବ୍ୟକ୍ତିଙ୍କ ଟଙ୍କାକୁ କନିଷ୍ଠ ଯନ୍ତ୍ରୀ ହଡପ କରିଥିବା ଭଳି ଅଭିଯୋଗ ହୋଇଥିଲା ।



ସବୁଠୁ ସମ୍ବେଦଶୀଳ ଘଟଣା ହେଉଛି, ଶିକ୍ଷାବିତ୍ ସୁକାନ୍ତ ତ୍ରିପାଠୀ ରାଜନଗର ଷ୍ଟେଟ ବ୍ୟାଙ୍କରେ ବନ୍ଧକ ରଖିଥିବା ସୁନା ଅଳଙ୍କାରରୁ ସୁନା କମିବା ନେଇ ସଙ୍ଗୀନ ଅଭିଯୋଗ ମଧ୍ୟ ହୋଇଥିଲା । ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମନୋରଞ୍ଜନ ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକ, ବିଡିଓ ତିଳୋତ୍ତମା ପୃଷ୍ଟି, ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ଅତିରିକ୍ତ ବନ ସଂରକ୍ଷକ ଗଗନବିହାରୀ ମଲ୍ଲିକ, ଏସଡିପିଓ କ୍ଷମାସାଗର ପଣ୍ଡା, ଆଇଆଇସି ନରେଶ ସାହୁଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ । ଏ ଅବସରରେ ଜିଲ୍ଲାପାଳ ଶ୍ରୀ ଆୟାର ହାତିନା ପଞ୍ଚାୟତ ଜୁଣପଙ୍ଗା ଗ୍ରାମର ଭିନ୍ନକ୍ଷମ ସୁରେନ୍ଦ୍ର କୁମାର ଦାସଙ୍କୁ ହୁଇଲଚେୟାର ସହିତ ଆଶାବାଡି ପ୍ରଦାନ କରିଥିଲେ ।

# ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେଲେ ହେମନ୍ତ



**ମହାକାଳପଡ଼ା,୨୯ ।୧୨(ସମିସ):** ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଯୁବ ସଙ୍ଗଠକ ତଥା ବିଜେଡି କର୍ମୀ ହେମନ୍ତ ସାହୁ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ଏ ନେଇ ଶଙ୍ଖ ଭବନ ତରଫରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ନିଯୁକ୍ତି ପାଇଁ ହେମନ୍ତ ପୂର୍ବତନ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ହେମନ୍ତଙ୍କୁ ନୂଆ ଦାୟିତ୍ୱ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳୁଛି ।

# ବୈବ୍ରତ ହେଲେ ରାଜ୍ୟ ଛାତ୍ର ବିଜେଡି ଉପସଭାପତି



**ରାଜନଗର,୨୯ ।୧୨(ସମିସ):** ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ନୂତନ ଟିମ ଘୋଷଣା କରାଯାଇଛି । ରାଜନଗର ନିର୍ବାଚନ ମଣ୍ଡଳୀରୁ ଛାତ୍ର ନେତା ବୈବ୍ରତ ନାରାୟଣ ବିଶ୍ୱାଳଙ୍କୁ ରାଜ୍ୟ ଛାତ୍ର ବିଜେଡି ଉପସଭାପତି ଭାବେ ନିଯୁକ୍ତି ମିଳିଛି । ପୂର୍ବରୁ ବିଶ୍ୱାଳ ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି । କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି ହୋଇ ରାଜନୀତି ଆରମ୍ଭ କରିଥିବା ବିଶ୍ୱାଳ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଏବଂ ବିଧାୟକ ଧ୍ରୁବ ସାହୁଙ୍କୁ କୃତଜ୍ଞତା ଜଣାଇ ଅଛନ୍ତି । ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ବରିଷ୍ଠ ନେତା ବିଜୟ ନାୟକ, କୈଳାସ ପରିଡ଼ା, ଅଶୋକ ମହାନ୍ତି, ରବୀନ୍ଦ୍ର ସେଠୀ, ସୁଦର୍ଶନ ଦାସ, ପ୍ରମୋଦ ପ୍ରଧାନ, ଆମ୍ବା ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ବ୍ଲକ ଯୁବ ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଯୁବନେତା ସରୋଜ ରାଉତ, ସଞ୍ଜୟ ସ୍ୱାଇଁ, ରାକେଶ ନାୟକ, ରବୀନ୍ଦ୍ର ସିଂ, ବ୍ଲକ ଛାତ୍ର ସଭାପତି ମନୋଜ ମଲ୍ଲିକ, ସୁଶାନ୍ତ ବେହେରା, ଅଂଶୁମାନ ପରିଡ଼ା, ପବିତ୍ର କରଣ, ପରମେଶ୍ୱର ଦାସ, ସାଗର ବଳ, ଶୁଭେନ୍ଦୁ ଓଝା, ସର୍ବେଶ୍ୱର ବଳ ପ୍ରମୁଖ ବୈବ୍ରତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ମହାକାଳପଡ଼ା ଥାନାରେ ନୂଆ ଆଇଆଇସି

**ମହାକାଳପଡ଼ା,୨୯ ।୧୨(ସମିସ):** ମହାକାଳପଡ଼ା ଥାନାର ନୂତନ ଆଇଆଇସି ଭାବେ ଯୋଗଦେଇଛନ୍ତି ମାନସ କୁମାର ମଲ୍ଲିକ । ଏହା ପୂର୍ବରୁ ସେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟାଳୟରେ କାର୍ଯ୍ୟରତ ଥିଲେ ।



ଗତ ୨୬ ତାରିଖ ଏସ୍‌ପିଙ୍କ ବଦଳି ନିର୍ଦ୍ଦେଶ ପରେ ମଲ୍ଲିକ ମହାକାଳପଡ଼ା ଥାନାରେ ବିଧିବଦ୍ଧ ଦାୟିତ୍ୱ ଗ୍ରହଣ କରିଛନ୍ତି । ମହାକାଳପଡ଼ା ହେଉଛି ଜିଲ୍ଲାର ଏକ ସମ୍ବେଦନଶୀଳ ଥାନା । ହାଜତ ମୃତ୍ୟୁଠାରୁ ଆରମ୍ଭ କରି ଜମିଜମା ସମ୍ପର୍କିତ ଘଟଣାକୁ ନେଇ ଚର୍ଚ୍ଚାରେ ରହି ଆସିଛି ଏହି ଥାନା । ଆଗକୁ ଆସୁଛି ଇଂରାଜୀ ନବବର୍ଷ । ନବବର୍ଷ ପୂର୍ବରୁ ମହାକାଳପଡ଼ାରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ ଆଇନଶୃଙ୍ଖଳା ପରିଚାଳନା ଓ ନ୍ୟାୟିକ ସେବା ପ୍ରଦାନର ସମ୍ଭାବନାକୁ କେତେ କ୍ରିୟାଶୀଳ କରାଇବ ତାହା ଉପରେ ସମସ୍ତଙ୍କ ନଜର ରହିଛି । ଏ ସମ୍ପର୍କରେ ଇନ୍ସପେକ୍ଟର ମଲ୍ଲିକଙ୍କୁ ପଚାରିବାରୁ ମହାକାଳପଡ଼ାରେ ଶୃଙ୍ଖଳା ରକ୍ଷା, ଅପରାଧିକ କାର୍ଯ୍ୟକଳାପ ଉପରେ ରୋକ୍ ଓ ଲୋକଙ୍କୁ ନ୍ୟାୟିକ ସେବା ପ୍ରଦାନ ପାଇଁ ଯାହା ଆଇନ ଅନୁଯାୟୀ କରାଯିବା ଦରକାର ସେ ଦିଗରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି ।

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଚଢ଼ଉ

# ଭାଙ୍ଗାଗଲା ୫ଟି ବେଆଇନ ଇଟାଭାଟି

**ଡେରାବିଶ,୨୯ ।୧୨(ସମିସ):** ପାରାଦୀପ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବେଆଇନ ଇଟାଭାଟି ନିର୍ମାଣ ଉପରେ ରୋକ ଲଗାଇବା ପାଇଁ ଜାରି ହୋଇଥିବା ମାର୍ଗଦର୍ଶିକାକୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସମସ୍ତ ତହସିଲଦାରଙ୍କୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏ ସମ୍ପର୍କରେ ଡେରାବିଶ ତହସିଲଦାର ସରୋଜ କାନ୍ତ ନାୟକ, ତହସିଲ ଅଧୀନରେ ଥିବା ସମସ୍ତ ରାଜସ୍ୱ ନିରୀକ୍ଷକ ଓ ଲୋକପ୍ରତିନିଧିଙ୍କ ମାଧ୍ୟମରେ ସର୍ବସାଧାରଣଙ୍କୁ ବେଆଇନ ମାଟି ଇଟା ଭାଟି ନିର୍ମାଣ ଓ ପୋଡ଼ିବାରୁ ନିବୃତ୍ତ ରହିବାକୁ ଆଦେଶନାମା ଜାରି କରିଥିଲେ । ଚାଟରାଚକଡ଼ା ପଞ୍ଚାୟତର ଓଲଡ଼ି, କାଉପଡ଼ା ପଞ୍ଚାୟତର ଥକେଇନେଉଳିଠାରେ ବେଆଇନ ଇଟାଭାଟି ନିର୍ମାଣ ଓ ପୋଡ଼ା ଯାଉଥିବା ଖବର ଆଜି କୌଣସି ସୂତ୍ରରୁ ତହସିଲଦାର ଶ୍ରୀ ନାୟକ ପାଇବା ପରେ ଡେରାବିଶ ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ଜେସିବି ମେସିନ୍ ଦ୍ୱାରା ୫ଟି ବେଆଇନ ଇଟାଭାଟିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି ।



ଏ ବିଷୟରେ ତହସିଲଦାର ଶ୍ରୀ ନାୟକଙ୍କୁ ପଚାରିବାରୁ ପ୍ରଦୂଷଣଜନିତ ସମସ୍ୟାକୁ ଦୂର କରିବା ପାଇଁ ତହସିଲ ଅଧୀନରେ ବିଭିନ୍ନ ଅଞ୍ଚଳରେ ମାଟି ଇଟା ନିର୍ମାଣ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ କେତେକ ବ୍ୟକ୍ତି ସରକାରୀ ନିୟମକୁ ଉଲ୍ଲଂଘନ କରୁଥିବାରୁ ତାଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି । ଭବିଷ୍ୟତରେ ବେଆଇନ ଇଟାଭାଟି ନିର୍ମାଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ଶ୍ରୀ ନାୟକ ସୂଚନା ଦେଇଛନ୍ତି ।

# ପେଣ୍ଠ ବେଳାଭୂମିରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼



**ରାଜନଗର,୨୯ ।୧୨(ସମିସ):** ରାଜନଗର ବ୍ଲକ୍ ପେଣ୍ଠ ବେଳାଭୂମିରେ ବର୍ଷ ଶେଷରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼ । ଜିଲ୍ଲା ଓ ଜିଲ୍ଲା ବାହାରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି । ଐତିହାସିକ ବିସ୍ତୀର୍ଣ୍ଣ ପେଣ୍ଠ ବେଳାଭୂମିରେ ସାଙ୍ଗସାଥିଙ୍କ ମେଳରେ ସମୁଦ୍ରରେ ସ୍ନାନ କରିବା ସହିତ ଝାଉଁବଣରେ ବଣଭୋଜି କରି ପ୍ରକୃତିକୁ ଉପଭୋଗ କରିବା ସହିତ ପୁରୁଣା ବର୍ଷକୁ ବିଦାୟ ଦେଉଛନ୍ତି । ପେଣ୍ଠ ବେଳାଭୂମିକୁ ସଂଯୋଗ କରୁଥିବା ଝାଉଁବଣ, ବରୁଣେଇ ମୁହାଁଣ, ହରିଣ, ରଙ୍ଗବେରଙ୍ଗର ପକ୍ଷୀ ସହିତ ସାମୁଦ୍ରିକ ଛଞ୍ଆଣ ଦିଗନ୍ତ ବିସ୍ତାରି ଉଡାଣର ଦୃଶ୍ୟ ଆଗନ୍ତୁକ ପର୍ଯ୍ୟଟକଙ୍କୁ ବିମୋହିତ କରୁଛି । ପେଣ୍ଠ ବେଳାଭୂମିର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟ ଚନ୍ଦ୍ରଭାଗାର ଭ୍ରମ ସୃଷ୍ଟି କରୁଛି । ବେଳାଭୂମିର ତଟଦେଶରେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ହୁଲିଡଙ୍ଗାର ଦୃଶ୍ୟ ବେଶ ଉପଭୋଗୀୟ । ଆଗନ୍ତୁକ ପର୍ଯ୍ୟଟକ ଭାରତର ଦ୍ୱିତୀୟ ବୃହତମ ନିର୍ମାଣ ହୋଇଥିବା ଜିଓଟ୍ୟୁବ (ସିନ୍ଥେଟିକ ୱାଲ) ବିଶେଷ ଆକର୍ଷଣ କରୁଛି । ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ବେଳାଭୂମିର ଇକୋରିଟ୍ରିଟରେ ଅସ୍ଥାୟୀ ଭାବେ ନିର୍ମାଣ କରାଯାଇଥିବା କୁଟୀର ଓ ପାୱାର ବୋଟରେ ପର୍ଯ୍ୟଟକଙ୍କ ନୌବିହାର ଦୃଶ୍ୟ ବେଶ ମନୋରମ । ପେଣ୍ଠ ବେଳାଭୂମି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ।

# ଲକ୍ ଛକ ନିକଟ ରାସ୍ତା ମଝିରେ ଗର୍ତ୍ତ

ମାର୍ଶାଘାଇ,୨୯ ।୧୨(ସମିସ)



ମାର୍ଶାଘାଇ-ଜମ୍ବୁ ରାସ୍ତାର ମାର୍ଶାଘାଇ ଲକ୍ ଛକ ଗଜଲକ୍ଷ୍ମୀ ମଣ୍ଡପ ନିକଟରେ ରାସ୍ତା ମଝିରେ ଏକ ଗର୍ତ୍ତ ସୃଷ୍ଟି ହୋଇଛି । ରାସ୍ତାର ଉପର ଭାଗର ପିଚୁ ପ୍ରାୟ ଏକ ଫୁଟ ଚଉଡାର ଗର୍ତ୍ତ ହୋଇଥିବା ବେଳେ ଭିତରକୁ ଏକ ବଙ୍କର ସଦୃଶ ଫାଙ୍କା ଭଳି ଦିଶୁଛି । ପୂର୍ବରୁ ଏହି ସ୍ଥାନରେ ଏକ ଗର୍ତ୍ତ ସୃଷ୍ଟି ହୋଇମାଙ୍କି ଦାବିଯାଉଥିବାରୁ ସେହି ସ୍ଥାନରେ ବାଲି ଭର୍ତ୍ତି କରି ଉପରେ ସିମେଣ୍ଟ ଢ଼ଳେଇ କରାଯାଇଥିଲା । ସେହି ଢ଼ଳେଇ ପାଖରେ ଏବେ ଆଉ ଏକ ଗର୍ତ୍ତ ସୃଷ୍ଟି ହୋଇଛି । ପୂର୍ବରୁ ଏହି ସ୍ଥାନରେ ଏକ ସ୍ଲୁଇସ ଗେଟ ଥିଲା ଏବଂ ତାହାର ଉପର ଭାଗରେ ଚେକ ଡ୍ୟାମ ଭଳି ବନ୍ଧ ଦିଆଯାଇ ଓଭରଲୋଡ଼ ପାଣିକୁ ତଳ କେନାଲକୁ ଛଡ଼ା ଯାଉଥିଲା । କେନାଲର ଉପର ମୁଣ୍ଡରୁ ସେହି ଡ୍ୟାମ(ବନ୍ଧ) ଦେଇ ତୁ ତୁ ଶବ୍ଦ କରି ପାଣି ପଡୁଥିବାରୁ ସେହି ସ୍ଥାନ ତୁ ତୁ ପୋଲ ନାମରେ ପରିଚିତ ଥିଲା । ସେହି ତୁ ତୁ ପୋଲ ?। କଲଭର୍ଟ ପାଖରେ ୱାଲ କରାଯାଇ ଭିତରେ ବାଲିମାଙ୍କି ଭର୍ତ୍ତି କରାଯାଇ ରାସ୍ତାକୁ ପ୍ରଶସ୍ତ କରାଯାଇଥିଲା । ବନ୍ଧର ନିମ୍ନ ଭାଗରେ ଥିବା ପାଣି ଚଳାଚଳ ଗେଟ କୁ ସଠିକ ଭାବେ ବନ୍ଦ କରାଯାଇ ନ ଥିବାରୁମାଙ୍କି ଆଉ ବାଲି ପାଣିର ସ୍ରୋତରେ ବୋହି ଯାଉଛି ଫଳରେ ରାସ୍ତା ଦବି ଯାଇ ଗର୍ତ୍ତ ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଅଧିବାସୀ ଚିତ୍ତରଞ୍ଜନ ନାୟକ, ତନ୍ମୟ ଦାସ ପ୍ରମୁଖ କହିଛନ୍ତି । ଏହି ରାସ୍ତା ଦେଇ ଜମ୍ବୁ, ରାମନଗର, ମହାକାଳପଡ଼ା, ଛପାଲି, ଖରିନାସୀ, ପାଟକୁରା, ପାରାଦ୍ୱୀପ ଆଦି ଅଞ୍ଚଳକୁ ଗାଡ଼ି ଚଳାଚଳ କରୁଛି । ଗର୍ତ୍ତ ଉପରେ ଭାରୀଯାନ ଚଳାଚଳ ଅସୁରକ୍ଷିତ ଅନୁଭବ କରି ସ୍ଥାନୀୟ ଯୁବକ ସେହି ଗର୍ତ୍ତରେ ଗଛର ଡାଳ ଏବଂ ଏକ ଖୁଣ୍ଟପୋତି ପୋତି ସତର୍କ ସୂଚନା ଲଗାଇଛନ୍ତି । ଏହି ରାସ୍ତା ପ୍ରଶସ୍ତିକରଣ ଏବଂ ପୂର୍ବରୁ ହୋଇଥିବା ଗର୍ତ୍ତକୁ ପୂର୍ତ୍ତ ବିଭାଗ ମରାମତି କରିଥିବାରୁ ଉକ୍ତ ବିଭାଗର ଅଧିକାରୀ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ତୁରନ୍ତ ମରାମତି କରିବାକୁ ଯୁବ ବ୍ୟବସାୟୀ ନିସ୍ୱାର୍ଥ ସେବକ ନାୟକ, ମଙ୍ଗୁଳି ପ୍ରଧାନ, ବିକନ ପ୍ରଧାନ, ସୁକାନ୍ତ ବେହେରା, ତପନ ମଳିକ, ସନ୍ତୋଷ ବେହେରା ପ୍ରମୁଖ ଦାବୀ କରିଛନ୍ତି । ଏନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ଦୈତାରୀ ଟୁଟୁଙ୍କୁ ପଚାରିବାରୁ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯଥାଶୀଘ୍ର ମରାମତି କରାଯିବ ବୋଲି କହିଛନ୍ତି ।

### ଅତିରିକ୍ତ ସୁରକ୍ଷା ଜମାରାଶି ପ୍ରତ୍ୟାହାର ଦାବି

# କଂଗ୍ରେସର ଟାଟା ପାୱାର କାର୍ଯ୍ୟାଳୟ ଘେରଉ

ଜଗତସିଂହପୁର,୨୯।୧୨(ସମିସ)



ଅତିରିକ୍ତ ସୁରକ୍ଷା ଜମା ରାଶି ପ୍ରତ୍ୟାହାର ଦାବିରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଟାଟାପାୱାର କାର୍ଯ୍ୟାଳୟକୁ ଘେରଉ କରାଯାଇଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଟାଉନହଲ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ବସଷ୍ଟାଣ୍ଡ ସ୍ଥିତ ଟାଟାପାୱାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆମେ ଟାଟା କମ୍ପାନୀକୁ ଅତିରିକ୍ତ ସୁରକ୍ଷା ଜମାରାଶି ଦେବୁ ନାହିଁ, ସ୍ମାର୍ଟ ମିଟର ବିକିବା ବନ୍ଦ କର, ହାରାହାରି ୭୨୦୦ କୋଟି ଟଙ୍କା ଉପୋଭକ୍ତାଙ୍କୁ ଫେରସ୍ତ କର, ଚାଷୀଙ୍କୁ ଚାଷ କାର୍ଯ୍ୟ ପାଇଁ ମାଗଣା ବିଜୁଳି ପ୍ରଦାନ କର, ଗ୍ରାହକ ଶୋଷଣ ବନ୍ଦ କର, ଟାଟା ପାୱାରକୁ ବିଦା କର, ଆଦି ନାରା ଦେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଘେରଉ କରାଯାଇଥିଲା। କର୍ମୀମାନେ ଟାଟାପାୱାର ଅଫିସକୁ ତାଲା ପକାଇବା ପାଇଁ ଯିବା ବେଳେ କଂଗ୍ରେସ କର୍ମୀ ଓ ପୁଲିସ ମଧ୍ୟରେ ବେଶ କିଛି ସମୟ ଧସ୍ତାଧସ୍ତି ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଓପିସିସି ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର, ଓପିସିସି କିଷାନ କଂଗ୍ରେସ ସଭାପତି ଅଭୟ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦ୍ୱିଜବର ଦାସ, ପ୍ରଶାନ୍ତ ମହାପାତ୍ର, ଶ୍ରୀଚରଣ ରାଉତ, ବିଦ୍ୟାଧର ବାରିକ, ସୁବୋଧ ସ୍ୱାଇଁ, ରମାକାନ୍ତ ମହାନ୍ତି, କାହ୍ନୁଚରଣ ରାଉତ, ବଲ୍ଲଭାନନ୍ଦ ସ୍ୱାଇଁ, ସର୍ବେଶ୍ୱର ପଣ୍ଡା, ବିଚିତ୍ରାନନ୍ଦ ଲେଙ୍କା, ମହନି ଚରଣ ରାଉତ, ଆର୍ତ୍ତତ୍ରାଣ ପଣ୍ଡା, ଧନଞ୍ଜୟ ସୂତାର, ଜିତେନ୍ଦ୍ର ମହାନ୍ତି, ନିହାର ଦାସ, ସତ୍ୟବ୍ରତ ଦାସ, ସୃଜନିକା ରାଉତ, ସମିତି ସଭ୍ୟ ସ୍ନିଗ୍ଧାରାଣୀ ଦାଶ, ରୂପଶ୍ରୀ ରାଗିଣୀ ଦାସ, ମନୋରମା ଖଟୁଆ, ମୌସୁମୀ ମହାପାତ୍ର, ବୈଶାଖୀ ପ୍ରିୟଦର୍ଶିନି, ପୁଷ୍ପାଞ୍ଜଳି ସ୍ୱାଇଁ, ଗୀତାଞ୍ଜଳି ଦାସ, ବାଲିକୁଦା ସରପଂଚ ରାଜକିଶୋର ସାହୁ , ଅଳାବର ସରପଞ୍ଚ ବିଭୂତି ସ୍ୱାଇଁ, ନାଗପୁର ସରପଞ୍ଚ ସୁକୁନା ପରିଡା, ଅଢଙ୍ଗା ସରପଞ୍ଚ ସୁବ୍ରତ ମହାନ୍ତି, ନାଗପୁର ସମିତିସଭ୍ୟ ଅଶୋକ କୁମାର ନାୟକ, ମାଛଗାଁ ସମିତିସଭ୍ୟ ନିରଞ୍ଜନ ଦାସ, ମୂଳିସିଂ ସରପଞ୍ଚ ସଫି ଆଜାମ, ପିତେଇପୁର ସମିତି ସଭ୍ୟ ହିମାଂଶୁ ପରିଡା, ଦିପ୍ତିରଞ୍ଜନ ସାହୁ ଏବଂ ପ୍ରିତମ ପରିଜା ପ୍ରମୁଖ ସାମିଲ ହୋଇଥିଲେ।

## କଂଗ୍ରେସର ପ୍ରତିଷ୍ଠା ଦିବସ

ର ଘୁ ନା ଥ ପୁ ର / ପା ରା ଦୀ ପ, ୨ ୯ । ୧ ୨ ( ସ ମି ସ ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ଶ୍ରୀମଦନ ମୋହନ ମଠ ପ୍ରାଙ୍ଗଣ ନିକଟରେ ବ୍ଲକ ସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ନେତୃତ୍ୱରେ କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ରଘୁନାଥପୁର ବ୍ଲକ କଂଗ୍ରେସ କମିଟି ତରଫରୁ ପ୍ରତିଷ୍ଠା ଦିବସ ଅବସରରେ କଂଗ୍ରେସ ପତାକା ଉତ୍ତୋଳନ କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ରଘୁନାଥପୁର ସ୍ୱାସ୍ଥ୍ୟଗୋଷ୍ଠୀ କେନ୍ଦ୍ରକୁ ଯାଇ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି ଅବସରେ ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ପ୍ରଶାନ୍ତ ଦାସଙ୍କ ସମେତ ବସନ୍ତ ଦାଶ, ବସନ୍ତ ସ୍ୱାଇଁ, ପ୍ରଭାତ ରାଉତ, ସୁବାସ ରାଟସିଂହ, ତ୍ରିଲୋଚନ ରାଉତ, ହରେକୃଷ୍ଣ ଖଟୁଆ, ବିଜୟ କୁମାର ଦାଶ, ଅଜିତ କୁମାର ଓଝା, ପ୍ରଦୀପ ନାୟକ, ଟୁନ ଭୋଇ, ମୁକ୍ତାର ଅଲ୍ଲୀ, ପରୀକ୍ଷିତ ନାୟକ, ପ୍ରଶାନ୍ତ ବେହେରା, ଭାଗୀରଥି ସାହୁ, ତ୍ରିଲୋଚନ ମହାରଣାଙ୍କ ସହିତ ବହୁ ବରିଷ୍ଠ କର୍ମୀଙ୍କ ସହିତ କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ।

ସେହିପରି ପାରାଦୀପ ନଗର କଂଗ୍ରେସ୍ ପକ୍ଷରୁ ଭାରତୀୟ ଜାତୀୟ କଂଗ୍ରେସ୍ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ନଗର କଂଗ୍ରେସ କାର୍ଯ୍ୟାଳୟରେ ଏହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ନଗର କଂଗ୍ରେସ ସଭାପତି କେଦାରନାଥ ବିଶ୍ୱାଳ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଉତ୍ସବରେ ଧ୍ରୁବଚରଣ ମହାପାତ୍ର, ତ୍ରିନାଥ ମହାନ୍ତି, ସରୋଜ ପ୍ରଧାନ, କୃପାସିନ୍ଧୁ ଦାସ, ଚନ୍ଦ୍ରଶେଖର ମହାପାତ୍ର, ବରିଷ୍ଠ ମହିଳା କଂଗ୍ରେସ୍ ନେତ୍ରୀ ବିନତୀ ପଢିହାରୀ, ଧରିତ୍ରୀ ସାମଲ, ପୁଷ୍ପଲତା ଦାସ, ପ୍ରତିମା ବାରିକ, ନଳିନୀ ରଣସିଂହ, ଜୋଛନା ବାହାଦୁର୍ ପ୍ରମୁଖ ଯୋଗ ଦେଇଥିଲେ।

## ପୋକଲିନ ଅପରେଟରକୁ ନିସ୍ତୁକ ମାଡ଼ ଅଭିଯୋଗ

ପାରାଦୀପ,୨୯।୧୨(ସମିସ): ପାରାଦୀପ ଆଦର୍ଶ ଥାନା ଅଧୀନ ବନ୍ଦର ୫ନଂ ଗେଟ ସମ୍ମୁଖରେ ଗତକାଲି ସନ୍ଧ୍ୟାରେ ବନ୍ଦରରେ କାର୍ଯ୍ୟରତ ପୋକଲିନ ଅପରେଟରଙ୍କୁ ମାଡ଼ ଘଟଣାରେ ଅପରେଟର ଆଦର୍ଶ ଥାନା ଅଧିକାରୀଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ପୋକଲିନ ଅପରେଟରଙ୍କ ଉପରେ ମାଲିକ ପୁଅର ଏଭଳି ଦାଦାଗିରିକୁ ସାଥିଅପରେଟର ନାପସନ୍ଦ କରିଛନ୍ତି। ଉକ୍ତ ଅପରେଟରଙ୍କୁ ତଳେ ପକାଇ ନିସ୍ତୁକ ମାଡ଼ ମାରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡ଼ିଦେବାକୁ ଧମକ ଦେଇଛନ୍ତି। ମାଡ଼ ଯନ୍ତ୍ରଣାରେ ଅପରେଟର ଜଣକ ଛଟପଟ ହେଉଛନ୍ତି। ଶରୀରରେ ଆଘାତ ଲାଗିବା ସହ ଖଣ୍ଡିଆ ଖାବରା ହୋଇ ଚିକିତ୍ସିତ ହେଉଛନ୍ତି। ଏନେଇ ସେ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ନ୍ୟାୟ ଭିକ୍ଷା କରିଛନ୍ତି। ସୂଚନା ମୁତାବକ, ପାରାଦୀପ ବନ୍ଦରର ପାଞ୍ଚ ନମ୍ବର ଗେଟ ମଧ୍ୟରୁ ଲୁଣି ବାଲି ପାରାଦୀପ ବନ୍ଦରାଞ୍ଚଳର ବିଭିନ୍ନ ସ୍ଥାନକୁ କେଏମଏନ କନଷ୍ଟ୍ରକସନର ମାଲିକ କୁଳମଣି ନାୟକ ଯୋଗାଇଥା'ନ୍ତି। ଏହି ଲୁଣି ବାଲି ସମୁଦ୍ରରୁ ଉଠାଇବାରେ କୁଳମଣି ନାୟକଙ୍କ ପୋକଲିନ ବ୍ୟବହାର କରାଯାଏ। ଉକ୍ତ ମେସିନ ଗତ ୪ ଦିନ ହେବ ଖରାପ ହୋଇପଡିଥିବରୁ ତାକୁ ମରାମତି କରିବା ପାଇଁ ଅପରେଟରଙ୍କୁ କୁହାଯାଇଥିଲା। ମରାମତିରେ ଦୁଇଜଣ ଲେବରଙ୍କ ସହଯୋଗ ଦରକାର ନେଇ ପୋକଲିନ ଡ୍ରାଇଭର ଲକପଡାର ମାଲିକଙ୍କ ପୁଅଙ୍କୁ ଜଣାଇଥିଲେ। ତେବେ ତିନିଦିନ ବିତିଯାଇଥିଲେ ମଧ୍ୟ କୌଣସି ଲେବର ଅପରେଟରଙ୍କୁ ସହଯୋଗ କରି ନ ଥିଲେ। ଫଳରେ ପୋକଲିନ ସଜଡା ହୋଇପାରି ନ ଥିଲା। ଫଳରେ ଗତକାଲି ସନ୍ଧ୍ୟାରେ କୁଳଦୀପ ନାୟକ ଉକ୍ତ ଅପରେଟରଙ୍କୁ ଘରୁ ଡାକିଥିଲେ। ବନ୍ଦର ୫ ନମ୍ବର ଗେଟ ସମ୍ମୁଖରେ ତାଙ୍କ ପୁଅ ନିସ୍ତୁକ ମାଡ଼ ମାରିବା ସହ ଗାଳି ଗୁଲଜ କରିଥିଲେ। ଏପରିକି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ମିଛ ମାମଲାରେ ଫସାଇ ଜେଲ ପଠାଇବା ଧମକ ମଧ୍ୟ ଦେଇଥିଲେ। ଏ ନେଇ ଡ୍ରାଇଭର ଜଣକ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିବା ସହିତ ନ୍ୟାୟ ଭିକ୍ଷା କରିଛନ୍ତି। ଜୀବନ ପ୍ରତି ଭୟ ଥିବାରୁ ଡ୍ରାଇଭର ଜଣକ ପୁଲିସର ସହାୟତା ଲୋଡିଛନ୍ତି। ପୁଲିସ ଯଦି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ, ତେବେ ଡ୍ରାଇଭର ସମୂହ ଆନ୍ଦୋଳନକୁ ଓହ୍ଲାଇବାକୁ ସେ ଚେତାବନୀ ଦେଇଛନ୍ତି।

### ● ପାରାଦୀପରେ କୃଷକ ଦିବସ

## 'ସୁସ୍ଥ ବାଛୁରି ରାଲି' ଆୟୋଜିତ



ପାରାଦୀପ,୨୯।୧୨(ସମିସ): ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ ପକ୍ଷରୁ ପାରାଦୀପ ଉପକଣ୍ଠ ନୂଆଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ "ଜାତୀୟ କୃଷକ ଦିବସ' ପାଳନ କରାଯିବା ସହ ବାଲିଡିଆ ଗ୍ରାମରେ ଏକ ସୁସ୍ଥ ବାଛୁରି ରାଲିର ଆୟୋଜନ କରାଯାଇଥିଲା। ଏହି ଜାତୀୟ କୃଷକ ଦିବସ ପାଳନ ଅବସରରେ ୨୦୦ରୁ ଅଧିକ କୃଷକ ହିତାଧିକାରୀ ଏକତ୍ରିତ ହୋଇଥିଲେ। ଅତିଥି ଭାବେ ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅର୍ପିତା ମିଶ୍ର, କୃଷି ବୈଷୟିକ ପରିଚାଳନା ସଂସ୍ଥାର ବ୍ଲକ ଟେକ୍ନୋଲୋଜି ମ୍ୟାନେଜର ତୁଳସୀ ମହାନ୍ତା, ଜଗତସିଂହପୁର କୃଷି ବିଜ୍ଞାନ କେନ୍ଦ୍ରର ଫାର୍ମ ମ୍ୟାନେଜର ରବୀନ୍ଦ୍ର ପ୍ରଧାନ ଏବଂ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରାଙ୍କ ସମେତ ଏଏମ୍/ଏନ୍ଏସ୍ ଇଣ୍ଡିଆର ଅଧିକାରୀ ଓ ଭାରତୀୟ ଏଗ୍ରୋ ଇଣ୍ଡଷ୍ଟ୍ରିଜ୍ ଫାଉଣ୍ଡେସନର କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ସମୟରେ, 'ସଫଳ' ଅଭିଯାନର ଏକ ଅଂଶ ଭାବରେ 'ସୁସ୍ଥ ବାଛୁରୀ ର୍ୟାଲି' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ବ୍ଲକର ପ୍ରାଣୀ ଚିକିତ୍ସା ଅଧିକାରୀ ଜୟପ୍ରକାଶ, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତଙ୍କ ସମେତ ଏଏମ୍/ଏନଏସ୍ ଇଣ୍ଡିଆ ଏବଂ ବିଏଆଇଏଫର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ର୍ୟାଲିରେ ୫୦ଟି ସୁସ୍ଥ ବାଛୁରି ପ୍ରଦର୍ଶିତ ହେବା ସହ ୪୦ରୁ ଅଧିକ ପ୍ରକଳ୍ପ ହିତାଧିକାରୀ ଅଂଶଗ୍ରହଣ କରିଥିଲେ।

### ■ ଦାମୋଦରପାଟଣା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ତୁଳଙ୍ଗଙ୍କୁ ହରାଇ ସାଇଲୋ ଚାମ୍ପିଅନ




ତିର୍ତ୍ତୋଲ, ୨୯।୧୨(ସମିସ): ତିର୍ତ୍ତୋଲ ବ୍ଲକ୍ ଅର୍ନ୍ତଗତ ଦାଇଁଲୋ ପଞ୍ଚାୟତ ଦାମୋଦରପାଟଣା ଗ୍ରାମ ପଡ଼ିଆରେ ଏସଏସ ବ୍ରଦର୍ସ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଅନୁଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ସାଇଲୋର ବିବିସି ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଛି। ଫାଇନାଲ ମ୍ୟାଚରେ ସାଇଲୋ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ ହରାଇ ୨୦୯ ରନ ସଂଗ୍ରହ କରିଥିଲା। ଜବାବରେ ତୁଳଙ୍ଗର ଜୟ ହନୁମାନ କ୍ରିକେଟ ଟିମ୍ ୧୪.୫ ଓଭରରେ ୧୪୮ ରନ ସଂଗ୍ରହ କରି ସମସ୍ତ ୱିକେଟ ହରାଇ ପରାସ୍ତ ହୋଇଥିଲା। ସାଇଲୋ ଟିମ୍‌ର ସୌମ୍ୟରଞ୍ଜନ ଶ୍ରେଷ୍ଠ ଖେଳାଳି ଓ ଦିବ୍ୟସ୍ମୃତି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ, ଜିଲ୍ଲା ପରିଷଦ ସଭ୍ୟା ରଞ୍ଜିତା ସିଂ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କ୍ଷୀରୋଦ ବାରିକ, ପୂର୍ବତନ ସରପଞ୍ଚ ଶରତ ମଲ୍ଲିକ, ପୂର୍ବତନ ସମିତି ସଭ୍ୟ ପ୍ରଭାତ ମହାପାତ୍ର, ନିହାର ରଞ୍ଜନ ସାହୁ, ବିଜନ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ପୁରସ୍କାର ଅର୍ଥ ରାଶି ପ୍ରଦାନ କରିଥିଲେ। ପ୍ରଶାନ୍ତ ମହାପାତ୍ର, ଦୀପ୍ତିରଞ୍ଜନ ମହାପାତ୍ର ଓ ପ୍ରଶାନ୍ତ ଜେନା ଖେଳ ପରିଚାଳନା କରିଥିବାବେକେ ଏସଏସ ବ୍ରଦର୍ସ କ୍ଲବ୍ ସଭାପତି ସୁଧୀର ମଲ୍ଲିକ, ସମ୍ପାଦକ ପ୍ରୀତିରଞ୍ଜନ ଦଳାଇ, ଆଶୁତୋଷ, ଦୀପକ, ବିକାଶ, ଦେବାଶିଷ, ସୋମୁ, ଧନୀ ଓ ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ଶିକ୍ଷକଙ୍କ ପରଲୋକ

କୁଜଙ୍ଗ,୨୯।୧୨(ସମିସ): କୁଜଙ୍ଗ ବ୍ଲକ ବାଲିଆ ଗ୍ରାମର କୃତୀ ପ୍ରାଥମିକ ଶିକ୍ଷକ ଶିବ ଚରଣ ସ୍ୱାଇଁ(୯୨)ଙ୍କ ପରଲୋକ ହୋଇଯାଇଛି। ସେ ପାନପୁଲି, ବାଲିଆ ପାରିଅଙ୍ଗ ଆଦି ଗ୍ରାମରେ ଶିକ୍ଷକତା କରିଥିଲେ। ତାଙ୍କ ପରଲୋକରେ ସମାଜସେବୀ ସୁଧାଂଶୁ ଶତପଥୀ, ତାଙ୍କ ଛାତ୍ର ଡ. ଲକ୍ଷ୍ମୀଧର ପ୍ରଧାନ, ଡା. ସଞ୍ଜୟ କୁମାର ସ୍ୱାଇଁ, ଶ୍ରମିକ ନେତା ଇଂ. ସୁଧାକର ମନ୍ତ୍ରୀ, ମୋହନ ରାଉତ୍ ଓ ସଞ୍ଜୟ ପରିଡ଼ା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ବାଲିଆ ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସଂପନ୍ନ କରାଯାଇଛି। ପୁତ୍ର ମୁରଲୀ ମୁଖାଗ୍ନି ଦେଇଛନ୍ତି।



### ଯୁଗଜ୍ୟୋତି କ୍ରିକେଟ ଉଦ୍‌ଯାପିତ

## ହିନ୍ଦୁସ୍ଥାନ ସ୍ପୋର୍ଟିଂକୁ ହରାଇ ପାରାମାଉଣ୍ଟ ଚାମ୍ପିଅନ




ଜଗତସିଂହପୁର,୨୯।୧୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ନବାପାଟଣା ସ୍ଥିତ ନନ୍ଦାବ୍ରତ ଷ୍ଟାଡିୟମରେ ଆୟୋଜିତ ୩୫ତମ ରାଜ୍ୟସ୍ତରୀୟ ଯୁଗଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଗ୍ରାଣ୍ଡ ଫାଇନାଲ ମ୍ୟାଚ ହିନ୍ଦୁସ୍ଥାନ ସ୍ପୋର୍ଟିଂ ଏବଂ ପାରାମାଉଣ୍ଟ କ୍ରିକେଟ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚରେ ପ୍ରଥମେ ଟସ୍ ଜିତି ହିନ୍ଦୁସ୍ଥାନ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୩.୪ ଓଭରରେ ୧୦ ୱିକେଟ୍ ହରାଇ ୧୬୩ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସୌଭାଗ୍ୟ ମିଶ୍ର ସର୍ବାଧିକ ୯୪ ରନ ଏବଂ କିଶନ ରଥ ୪୪ ରନ ସଂଗ୍ରହ କରିଥିଲେ। ପାରମାଉଣ୍ଟ କ୍ରିକେଟ୍ କ୍ଲବ ତରଫରୁ ବିଦ୍ୟାଧର ବେହେରା ୪ଟି ୱିକେଟ ଏବଂ ମିନଲ ପରିଡ଼ା ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ୧୬୪ ରନର ପିଛା କରି ପାରାମାଉଣ୍ଟ କ୍ରିକେଟ୍ କ୍ଲବ ୨୨.୩ ଓଭରରେ ୬ ୱିକେଟ ହରାଇ ୧୬୫ ରନ ସହିତ ବିଜୟ ହାସଲ କରିଥିଲା। ଦଳ ତରଫରୁ ଅଂଶୁମାନ ସାହୁ ୫୪ ରନ ଏବଂ ଦେବାଶିଷ ସାମନ୍ତରାୟ ୪୪ ରନ ସଂଗ୍ରହ କରିଥିଲେ। ହିନ୍ଦୁସ୍ଥାନ କ୍ରିକେଟ୍ କ୍ଲବ ତରଫରୁ ଜ୍ୟୋତିରଞ୍ଜନ ରାଉତରାୟ ଏବଂ ସୁପ୍ରଭାତ ପଟ୍ଟନାୟକ ୨ଟି ଲେଖାଏଁ ୱିକେଟ ହାସଲ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦଯାପନୀ ଉତ୍ସବରେ ଯୁଗଜ୍ୟୋତି କ୍ଲବର ସଭାପତି ରାଜକିଶୋର ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା କ୍ରିକେଟ ଆସୋସିଏନର ସମ୍ପାଦକ ଅନିଲ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଧୀରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। କ୍ଲବ ତରଫରୁ ପୂର୍ବତନ ମେମ୍ବର ଡ. ସୁଶିଲ ବେହେରା, ନିରଞ୍ଜନ ସେନ, ପରମାନନ୍ଦ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ସୌଭାଗ୍ୟ ମିଶ୍ର, ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ପୁରୁଷୋତ୍ତମ ପ୍ରଧାନ, ବେଷ୍ଟ ବୋଲର ଭାବେ ମିନାଲ ପରିଡ଼ା, ବେଷ୍ଟ ବ୍ୟାଟସମ୍ୟାନ ଭାବେ ଅଂଶୁମାନ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।

## କୁଜଙ୍ଗକୁ ଏନ୍‌ଏସି ଦାବିରେ ସର୍ବଦଳୀୟ ବୈଠକ

କୁଜଙ୍ଗ,୨୯।୧୨(ସମିସ): କୁଜଙ୍ଗକୁ ଏନ୍‌ଏସି ଦାବିକରି ସ୍ଥାନୀୟ ଲୋକନାଥ ଭବନ ଠାରେ କୁଜଙ୍ଗ ସଚେତନ ନାଗରିକ ମଞ୍ଚର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ବୁଧବାର ସର୍ବଦଳୀୟ ସଭା ପାଇଁ ଆହ୍ୱାନ ଦିଆଯାଇଛି। ମଞ୍ଚ ଆବାହକ ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ପାରାଦୀପ ବିଧାୟକ ତଥା ମନ୍ତ୍ରୀ କୁଜଙ୍ଗକୁ ଏନ୍‌ଏସି ଘୋଷଣା କରିବାକୁ ଦେଇଥିବା ପ୍ରତିଶ୍ରୁତି ଏପର୍ଯ୍ୟନ୍ତ କାର୍ଯ୍ୟକାରି ହୋଇ ନଥିବା ଆଲୋଚନା ହୋଇଥିଲା। ପୂର୍ବ ବିଜେଡି ସରକାର ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁଜଙ୍ଗକୁ ଏନ୍‌ଏସି କରିଥିଲେ। ପରେ ବିଜେପି ସରକାର ଆସିବା ପରେ ପୁନଃ ଘୋଷଣାରେ କୁଜଙ୍ଗ ବାଦ ପଡିଥିଲା। କୁଜଙ୍ଗ ଜନସାଧାରଣ ସରକାରଙ୍କୁ ଦାବିପତ୍ର ଦେଇଥିଲେ ଓ ପ୍ରତିବାଦରେ କୁଜଙ୍ଗ ବନ୍ଦ ଡାକରା ଦେଇଥିଲେ। ତେବେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଆନ୍ଦୋଳନକାରୀଙ୍କ ସହିତ ପାରାଦୀପ ସର୍କିଟ ହାଉସରେ ଆଲୋଚନା କରି ଖୁବଶୀଘ୍ର ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇ ଏନ୍‌ଏସି ଘୋଷଣା ହେବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଇତି ମଧ୍ୟରେ ତିନି ମାସ ଟପି ଯାଇଥିବାରୁ ଏନ୍‌ଏସି ଘୋଷଣା ନହେବାରୁ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଥିନେଇ ବୁଧବାର ପୁନଃ ଆନ୍ଦୋଳନ ପାଇଁ ସର୍ବଦଳୀୟ ଆଲୋଚନା କରାଯାଇ କଠୋର ନିଷ୍ପତି ନିଆଯିବ। ଆଜି ବୈଠକରେ ମଞ୍ଚର ନେତୃତ୍ୱ ଜିନମୟୀ ସାହାଣୀ, ବାବୁରାମ ଚୌଧୁରୀ, କୈଳାସ ଷଡ଼ଙ୍ଗୀ, ମନିନ୍ଦ୍ର ଗୁରୁ, ଓକିଲ ପ୍ରିୟମ୍ବଦା ପାଣି, ସୌଭାଗ୍ୟ ବିଶ୍ୱାଳ, ଦୁଷ୍ମନ୍ତ ମାଝୀ, ରଶ୍ମି ମଲିକ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଧାନ ସଂଗ୍ରହ ପ୍ରଶିକ୍ଷଣ ଶିବିର



ରଘୁନାଥପୁର,୨୯।୧୨(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରପୁର ଗ୍ରାମପଞ୍ଚାୟତରେ ଧାନ ସଂଗ୍ରହ କରିବା ପାଇଁ ଶିବଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାରପୁର ଗ୍ରାମପଞ୍ଚାୟତର ସବୁ ଚାଷୀ ଯୋଗ ଦେଇଥିଲେ। ଖରିଫ ଋତୁ ପାଇଁ ଯୋଗ୍ୟ ବିବେଚିତ ପଞ୍ଜିକୃତ ଚାଷୀମାନଙ୍କ ପ୍ରଶିକ୍ଷଣ ତାଲିମ ଶିବିର ତାରପୁର ଗ୍ରାମପଞ୍ଚାୟତର ସରପଞ୍ଚ ସୁଷମା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିସଭ୍ୟା ପୂଜାଲତା ଦାସ, ନାୟବ ସରପଞ୍ଚ କୃଷ୍ଣଚନ୍ଦ୍ର ଦାସ, ଦୀପକ ବିଶ୍ୱାରି, ସରୋଜ କୁମାର ସ୍ୱାଇଁ, କୃଷି ଅଧିକାରୀ ନାରାୟଣ ମହାରଣା, ଶିବଶକ୍ତି ସ୍ୱୟଂସହାୟକ ଗୋଷ୍ଠୀର ସଭାପତି କାଦମ୍ବିନୀ ସ୍ୱାଇଁ, ସମ୍ପାଦିକା ଅନ୍ନପୂର୍ଣ୍ଣା ସ୍ୱାଇଁ, ଚିନ୍ମୟୀ ମହାପାତ୍ର, ବିଦ୍ୟାଭୂଷଣ ସ୍ୱାଇଁ ଉପସ୍ଥିତ ରହି ତାରପୁର ଗ୍ରାମପଞ୍ଚାୟତର ଚାଷୀ ଭାଇମାନଙ୍କୁ କିଭଳି ଭାବରେ ଧାନ ଦେଇପାରିବେ ତାହା ବୁଝାଇଥିଲେ। ଏହି ସଭାରେ ତାରପୁର ମା' ନାରାୟଣୀ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ରାଉତ, ଚନ୍ଦ୍ରଶେଖର ସିଂହ, ଧୀରେନ ସିଂହ, ଟନା ପଣ୍ଡା ଆଦି ବହୁ ସଂଖ୍ୟାରେ ଚାଷୀ ଯୋଗ ଦେଇଥିଲେ।

# ରଘୁନାଥପୁରରେ ଜନଅଭିଯୋଗ ଶୁଣାଣି ଶିବିର

ରଘୁନାଥପୁର/ଜଗତସିଂପୁର,୨୯।୧୨(ସମିସ)

ରଘୁନାଥପୁର ବ୍ଲକ ଜ୍ୟୋତି ମହାସଂଘ ସଭାଗୃହରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮୧ଟି ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୭ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୪ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୭ଟି, ଆବାସ ଯୋଜନା ସମ୍ପର୍କୀୟ ୧୫ଟି , ଜମିଜମା ସମସ୍ୟା ସମ୍ପର୍କୀୟ ୧୨ଟି, ପୁଲିସ୍ ସହାୟତା ପାଇବା ପାଇଁ ୫ ଟି, ପେନସନ ପାଇବା ପାଇଁ ୫ଟି ଏବଂ ଅନ୍ୟାନ୍ୟ ୧୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଅଭିଯୋଗ ଗୁଡ଼ିକ ମଧ୍ୟରେ ଆବାସ ଗୃହ, ରାସନକାର୍ଡ ଭତ୍ତା, ଜମିଜମା, ରାସ୍ତାଘାଟ, ସ୍କୁଲ ଓ କେତେକ ପଞ୍ଚାୟତରେ ଦୁର୍ନୀତି ସମ୍ପର୍କରେ ଅଭିଯୋଗ ହୋଇଥିଲା। ସେହିପରି ଦୀର୍ଘ ଦୁଇବର୍ଷ ତଳୁ ତାରପୁର ପଞ୍ଚାୟତରେ ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ବିଭିନ୍ନ ଗ୍ରାମରେ କଂକ୍ରିଟ ରାସ୍ତା ଖୋଳି ପାଇପ୍ ଲାଇନ ପକା ଯାଇଥିଲେ ସୁଧା ଅଦ୍ୟାବଧି ସେଗୁଡିକ ମରାମତି କରା ନ ଯିବା ନେଇ ଅଭିଯୋଗ ହୋଇଥିଲା। ଆସନ୍ତା ଜାନୁଆରୀ ୧୦ ତାରିଖ ମଧ୍ୟରେ ଏହାର କାର୍ଯ୍ୟ ଆରମ୍ଭ କରାଯିବା ନେଇ ଆରଡବ୍ଲୁ ଅଧିକ୍ଷଣ ଯନ୍ତ୍ରୀ ପ୍ରତିଶ୍ରୁତି ରଖିଥିଲେ। ସେହିପରି ଜଣେ ବୟସ୍କା ବୃଦ୍ଧା ଓ ଦୁଇ ଜଣ ଭିନ୍ନକ୍ଷମଙ୍କୁ ତତ୍କାଳୀନ ବ୍ଲକ ପ୍ରଶାସନ ପକ୍ଷରୁ ୩ଟି ଟ୍ରାଇ ସାଇକଲ ଯୋଗାଇ ଦିଆଯାଇଥିଲା। ଏହି ଶିବିରରେ ସମାଜସେବୀ ସରିତ ମହାପାତ୍ର ଅଭିଯୋଗ କରିଥିଲେ ଯେ ଶିବିରରେ ଜିଲ୍ଲା ଅଧିକାରୀମାନେ ଏଠାରେ ଯେତିକି ଅଭିଯୋଗ ଫଇସଲା କରୁଛନ୍ତି ସେତିକିରେ ସୀମିତ ରହୁଛି। ବ୍ଲକସ୍ତରୀୟ ଅଧିକାରୀମାନେ ଶିବିରରେ ହେଉଥିବା କୌଣସି ଅଭିଯୋଗର ଫଇସଲା କରୁନାହାନ୍ତି। ଏଥିରେ ଜଗତସିଂହପୁର ଜିଲ୍ଲାପାଳ ସୋନାଲଙ୍କ ସହ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଜିଲ୍ଲା ପ୍ରକଳ୍ପ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରେଇ, ରଘୁନାଥପୁର ବିଡିଓ ବିରେଞ୍ଚି ନାରାୟଣ ବେହେରା ଓ ତହସିଲଦାର ରାଜଲକ୍ଷ୍ମୀ ନାୟକ ପ୍ରମୁଖ ଅଭିଯୋଗ ଗୁଡ଼ିକର ଶୁଣାଣୀ କରିଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲା ଓ କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



## ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା; ଅଭିଯୁକ୍ତଙ୍କୁ ଗିରଫ ଦାବି

ରଘୁନାଥପୁର,୨୯।୧୨(ସମିସ): ତିର୍ତ୍ତୋଲ ବ୍ଲକ କାର୍ଯ୍ୟରତ ମହିଳା ସାମ୍ବାଦିକା ସୋନାଲି ପଣ୍ଡା ଓ ସାମ୍ବାଦିକ ପ୍ରିୟଦର୍ଶନ ଦାସ ତିର୍ତ୍ତୋଲ କୋଟକଣା ଠାରେ ସମ୍ବାଦ ସଂଗ୍ରହ କରୁଥିବା ସମୟରେ ସ୍ଥାନୀୟ ଯୁବକ ପ୍ରଶନ୍ନ ଓ ତାଙ୍କ ସହଯୋଗୀ ସୋନାଲିଙ୍କ ଉପରେ ମରାଣାତ୍ମକ ଆକ୍ରମଣ କରି ତାଙ୍କ ମୋବାଇଲ ଛଡ଼ାଇବା ସହ ତାଙ୍କ ସ୍କୁଟିକୁ ଭାଙ୍ଗି ଦେଇଥିଲେ। ଏହି ଘଟଣାରେରେ ସୋନାଲି ଗତ ଡିସେମ୍ବର ୨୪ ତାରିଖରେ ତିର୍ତ୍ତୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ସେମାନେ ଖୋଲା ଆକାଶତଳେ ବୁଲୁଥିଲେ ବି ଘଟଣା ଘଟିବାର ୫ଦିନ ବିତିଯାଇଥିଲେ ମଧ୍ୟ ତିର୍ତ୍ତୋଲ ପୁଲିସ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ବିଫଳହୋଇଛି। ଏହାକୁ ନେଇ ରାଜ୍ୟ ଏସୟୁଜେ ସାମ୍ବାଦିକ ସଙ୍ଘ ସୋମବାର ଜିଲ୍ଲାପାଳଙ୍କ ଜନଅଭିଯୋଗ ଶିବିରରେ ଅଭିଯୋଗ କରାଯାଇଛି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ସଙ୍ଘର ଜଗତସିଂହପୁର ଶାଖା ପକ୍ଷରୁ ଦାବି କରାଯାଇଛି।

# ତାମିଲନାଡୁରେ ପ୍ରବାସୀ ଶ୍ରମିକଙ୍କୁ ସଶସ୍ତ୍ର ଆକ୍ରମଣ

ତିରୁବଲ୍ଲୁର, ୨୯ ।୧୨(ଏଜେନ୍ସି): ତାମିଲନାଡୁରେ ସୋମବାର ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଉଥିବାର ଏକ ବିଚଳିତ କଲା ଭଳି ଭିଡିଓ ସାମ୍ନାକୁ ଆସିଛି । ଏ ନେଇ ତାମିଲନାଡୁର ପୂର୍ବତନ ବିଜେପି ଅଧ୍ୟକ୍ଷ କେ ଆନ୍ନାମଲାଇ ଚିନ୍ତା ପ୍ରକଟ କରିବା ସହ ସାମାଜିକ ଗଣମାଧ୍ୟମରେ ଏହି ଭିଡିଓକୁ ସେୟାର କରିଛନ୍ତି । କିଛି ଯୁବକ ଆଉ ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରୁଥିବା ଓ ବିଜୟ ଚିହ୍ନ ଦେଖାଉଥିବା ଭିଡିଓରେ ଦେଖାଯାଇଛି । ପୀଡିତଙ୍କୁ ତଳେ ପକାଇ ସେମାନେ ତାଙ୍କ କାନ, ମୁଣ୍ଡ ଓ ବେକରେ ଅନେକ ଆଘାତ ଦେଇଥିଲେ । ଗଣମାଧ୍ୟମର ରିପୋର୍ଟ ଅନୁସାରେ ଶ୍ରମିକଜଣକ ଗୁରୁତର ଅଛନ୍ତି ଓ ତାଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଉଛି । ତାଙ୍କର ଚିକିତ୍ସା କରାଯାଉଛି । ଏହି ଘଟଣା ନେଇ ସେ ତାମିଲନାଡୁରେ ଏମ୍‌କେ ଷ୍ଟାଲିନ ସରକାରଙ୍କ ଅଧୀନରେ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ପ୍ରଶ୍ନ ଉଠାଇଛନ୍ତି । ଏହି ପୀଡ଼ିତ ଯୁବକ ହେଉଛନ୍ତି ମହାରାଷ୍ଟ୍ରର ଜଣେ ଶ୍ରମିକ । ତିରୁତ୍ତନୀରେ କାର୍ଯ୍ୟ କରୁଥିବା ମହାରାଷ୍ଟ୍ରର ଜଣେ ପ୍ରବାସୀ ଶ୍ରମିକ ସୂରଜଙ୍କୁ ଗଞ୍ଜେଇ ପାନ କରି ନିଶାରେ ଚୂର ହୋଇଥିବା କେତେଜଣ ଯୁବକ ନିର୍ମମ ଭାବେ ଆକ୍ରମଣ କରୁଛନ୍ତି ବୋଲି ଆନ୍ନାମଲାଇ ଲେଖିଛନ୍ତି । ଅବଶ୍ୟ ପୁଲିସ ଏହି ଅପରାଧୀମାନଙ୍କୁ ଗିରଫ କରିଥିଲେ ମଧ୍ୟ ଏହି ମାମଲା ଏବେ ଗମ୍ଭୀର ରୂପ ନେଇଛି ।

# କାଲିଫର୍ଣ୍ଣିଆ କାର୍ ଦୁର୍ଘଟଣାରେ ଦୁଇ ଭାରତୀୟ ମହିଳା ମୃତ



ନୂଆଦିଲ୍ଲୀ, ୨୯ ।୧୨ (ଏଜେନ୍ସି): ପଶ୍ଚିମ ଆମେରିକୀୟ ରାଜ୍ୟ କାଲିଫର୍ଣ୍ଣିଆରେ ଦୁଇଜଣ ଭାରତୀୟ ମହିଳା କାର୍ ଦୁର୍ଘଟଣା ମୃତ୍ୟୁବରଣ କରିଛନ୍ତି । ଶନିବାର ସନ୍ଧ୍ୟାରେ ଆମେରିକା ପୁଲିସ ଏ ନେଇ ସୂଚନା ଦେଇଛି । ଏହି ଦୁଇ ମହିଳା ତେଲଙ୍ଗାନା ରାଜ୍ୟର । ଏହି ଦୁଇ ମହିଳା ହେଲେ ଗରିଆ ମଣ୍ଡଳରେ ରହୁଥିବା ୨୫ ବର୍ଷୀୟା ପୁଲଖାନ୍ଦମ ମେଘନା ରାନୀ ଓ ମୁଲାକାନୁର ଗାଁର କାଦିୟାଲା ଭବନା । ମହାବୁବାବାଡ଼ା ଜିଲ୍ଲାରେ ଏହି ଦୁଇଟି ଗାଁ ଅବସ୍ଥିତ । ୩ ବର୍ଷ ତଳେ ଏହି ଦୁଇ ମହିଳା ମାଷ୍ଟର୍ସ ଡିଗ୍ରୀ ପାଇଁ ଆମେରିକା ଯାଇଥିଲେ । ସେ ପାଠ ପଢ଼ାର ଅନ୍ତିମ ପର୍ଯ୍ୟାୟରେ ଉପନୀତ ହୋଇଥିଲେ ମଧ୍ୟ ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଓ ଚାକିରି ଅନ୍ୱେଷଣରେ ଥିଲେ । ସାଙ୍ଗଙ୍କ ମେଳରେ ଯାତ୍ରା କରୁଥିବା ବେଳେ ଅଲାବାମା ହିଲ୍ସ ନିକଟରେ ବାଟବଣା ହେବା ସହ ଗାଡ଼ି ଉପରୁ ନୟନ୍ତ୍ରଣ ହରାଇଥିଲେ ଓ କାର୍ ରାସ୍ତାରୁ ଓଲଟି ପଡ଼ିବା ସହ ଗଭୀର ଖାଇରେ ପଡ଼ିଥିଲା । ଏବେ ତେଲଙ୍ଗାନା ସରକାର ଜରୁରୀ ସହାୟତା ପାଇଁ ଭାରତ ସରକାରଙ୍କ ବିଦେଶ ମନ୍ତ୍ରଣାଳୟକୁ ନିବେଦନ କରିଛି । କାଲିଫର୍ଣ୍ଣିଆର ସ୍ଥାନୀୟ କର୍ତ୍ତୃପକ୍ଷ ଏହି ଦୁର୍ଘଟଣା ଜନିତ ମୃତ୍ୟୁ ନେଇ ତଦନ୍ତ ଆରମ୍ଭ କରିଛି ।

# ମେକ୍ସିକୋରେ ଟ୍ରେନ୍ ଲାଇନଚ୍ୟୁତ୍; ୧୩ ମୃତ, ୯୮ ଆହତ

ମେକ୍ସିକୋ ସିଟି, ୨୯ ।୧୨(ଏଜେନ୍ସି): ଦକ୍ଷିଣ ମେକ୍ସିକୋରେ ଥିବା ରାଜ୍ୟ ଓଆକ୍ସାକାରେ ବଡ଼ ଧରଣର ଟ୍ରେନ ଦୁର୍ଘଟଣା ଘଟିଛି । ଟ୍ରେନ୍ ଲାଇନଚ୍ୟୁତ ହେବା ପରେ ଏହାର ଇଞ୍ଜିନ ଓଲଟି ପଡ଼ିଛି । ଫଳରେ ଟ୍ରେନ୍‌ର ଅନେକ ବଗି ମଧ୍ୟ ପଲଟି ଯାଇଛି । ଏଥିରେ ୧୩ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିବା ବେଳେ ୯୮ ଜଣ ଆହତ ହୋଇଛନ୍ତି । ଟ୍ରେନ୍‌ଟି ମେକ୍ସିକୋ ଉପସାଗର ଓ ପ୍ରଶାନ୍ତ ମହାସାଗରକୁ ସଂଯୋଗ କରୁଥିବା ଏକ ନୂଆ ରେଳପଥରେ ଯାତ୍ରା କରୁଥିଲା । ଏହି ରେଳପଥ ମେକ୍ସିକୋ ନୌସେନା ଦ୍ୱାରା ପରିଚାଳିତ । ମେକ୍ସିକୋ ନୌସେନା ଦେଇଥିବା ସୂଚନା ଅନୁଯାୟୀ, ଟ୍ରେନ୍‌ରେ ୯ ଜଣ କ୍ରୁ ସଦସ୍ୟଙ୍କ ସମେତ ୨୫୦ ଜଣ ଯାତ୍ରୀ କରୁଥିଲେ । ଚିଭେଲା ଓ ନିଜାଣ୍ଡୋ ସହର ମଧ୍ୟରେ ଏକ ମୋଡ଼ରେ ହିଁ ଦୁର୍ଘଟଣା ଘଟିଥିଲା । ଆହତମାନଙ୍କ ମଧ୍ୟରୁ ୩୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମ୍ ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ୫ ଜଣଙ୍କ ଅବସ୍ଥା ଗୁରୁତର ଅଛି । ସେ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରିବା ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ଘଟଣାସ୍ଥଳକୁ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ପାଇବା ମାତ୍ରେ ସରକାରୀ ଏଜେନ୍ସିଗୁଡିକ ଆହତମାନଙ୍କୁ ସହାୟତା ପ୍ରଦାନ କରିବାକୁ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ୨୦୨୩ ଅର୍ଥାତ ଦୁଇବର୍ଷ ତଳେ ଏହି ଟ୍ରେନ ଲାଇନ୍ ଉଦ୍‌ଘାଟିତ ହୋଇଥିଲା ।

# ଟାଟା-ଏର୍ଣ୍ଣାକୁଲମ ଏକ୍ସପ୍ରେସରେ ନିଆଁ ଜଳିଗଲା ଏସି କୋଚ୍, ଜଣେ ମୃତ

**ବିଶାଖପାଟଣା,** ୨୯ ।୧୨(ଏଜେନ୍ସି): ପୁଣି ରେଳ ଦୁର୍ଘଟଣା ଘଟିଛି । ଆନ୍ଧ୍ରପ୍ରଦେଶର ବିଶାଖପାଟଣାଠାରୁ ୬୬ କିମି ଦୂରରେ ଥିବା ୟେଲାମଞ୍ଚିଲିରେ ଟାଟାନଗର-



ଏର୍ଣ୍ଣାକୁଲମ ଏକ୍ସପ୍ରେସ ଟ୍ରେନ୍‌ର ଦୁଇଟି ବଗିରେ ରବିବାର ବିଳମ୍ବିତ ରାତିରେ ନିଆଁ ଲାଗିଯାଇଛି । ଏହି ଅଗ୍ନିକାଣ୍ଡରେ ଜଣେ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି । ପୁଲିସ ଦେଇଥିବା ସୂଚନା ଅନୁସାରେ, ରାତି ପ୍ରାୟ ୧୨.୪୫ରେ ଏହି ଟ୍ରେନ୍ ଆନ୍ଧ୍ରପ୍ରଦେଶର ଅନକାପାଲିର ୟେଲାମଞ୍ଚିଲି ରେଳ ଷ୍ଟେସନରେ ପହଞ୍ଚିବା ପରେ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡ ବେଳେ ଗୋଟିଏ ବଗିରେ ୮୨ ଜଣ ଓ ଅନ୍ୟଟିରେ ୭୬ ଜଣ ଯାତ୍ରୀ ଥିଲେ । ବି୧ ବଗିରୁ ପୁଲିସ ଜଣଙ୍କ ମୃତଦେହ ଉଦ୍ଧାର କରିଛି । ମୃତକ ୭୫ ବର୍ଷୀୟ ଚନ୍ଦ୍ରଶେଖର ସୁନ୍ଦରମ ବୋଲି ଚିହ୍ନଟ କରାଯାଇଛି । ପୋଡିଯାଇଥିବା ବଗିଗୁଡ଼ିକୁ ଅଲଗା କରାଯାଇ ଟ୍ରେନ୍‌କୁ ଏର୍ଣ୍ଣାକୁଲମ ପଠାଯାଇଛି । ଯାତ୍ରୀମାନଙ୍କୁ ଅନ୍ୟ ଉପାୟରେ ସେମାନଙ୍କ ଗନ୍ତବ୍ୟସ୍ଥଳୀକୁ ପଠାଯିବାର ବ୍ୟବସ୍ଥା କରାଯାଇଛି ।

ଦୁଇଟି ଫରେନସିକ ଦଳ ଅଗ୍ନିକାଣ୍ଡର ତଦନ୍ତ କରୁଛନ୍ତି ଓ କିପରି ନିଆଁ ଲାଗିଲ ତାହାର କାରଣ ଖୋଜୁଛନ୍ତି । ମିଳିଥିବା ସୂଚନା ଅନୁସାରେ ପ୍ରଥମେ ବି୧ କୋଚ୍‌ରେ ନିଆଁ ଲାଗିଥିଲା ଓ ପରେ ଏହା ଏମ୍୨ ବଗିକୁ ବ୍ୟାପୀ ଯାଇଥିଲା । ଟ୍ରେନ୍‌ର ଏହି ଦୁଇଟି ଏସି ବଗି ଜଳିଯାଇଥିଲା । ଏଥିରୁ ଯାତ୍ରୀଙ୍କ ଜିନିଷପତ୍ର ମଧ୍ୟ ବାଦ୍ ପଡ଼ି ନ ଥିଲା । ଏହି ଟ୍ରେନ୍‌ରେ ମୋଟ ୨ ହଜାରଯାତ୍ରୀ ଯାତ୍ରା କରୁଥିଲେ ।

# ଏକାଠି ହେଲେ ଦୁଇ ପାୱାର

## ମିଳିତ ହୋଇ ଲଢ଼ିବେ ପୌର ନିର୍ବାଚନ

**ମୁମ୍ବାଇ,** ୨୯ ।୧୨(ଏଜେନ୍ସି): ଅଢ଼େଇ ବର୍ଷ ପରେ ପୁଣି ଏକାଠି ହୋଇଛନ୍ତି ଦାଦା ପୁତୁରା । ମହାରାଷ୍ଟ୍ର ରାଜନୀତିରେ ଦାଦା ପୁତୁରା ରୂପେ ପରିଚିତ ଏନସିପିର



ଶରଦ ପାୱାର ଏବଂ ଅଜିତ ପାୱାର ୨୦୨୩ରେ ଅଲଗା ହୋଇଯାଇଥିଲେ । ପୁତୁରା ଅଜିତ ପାୱାରଙ୍କ ଏନସିପିକୁ ଅସଲି ଏନସିପିର ମାନ୍ୟତା ଦେଇଥିଲେ ନିର୍ବାଚନ କମିସନ । ତାଙ୍କ ଦଳକୁ ଦାଦା ଶରଦଙ୍କ ଅନେକ ଅନୁଗତ ମଧ୍ୟ ପଳାଇଥିଲେ । ତେବେ ଆସନ୍ତା ବର୍ଷ ହେବାକୁ ଯାଉଥିବା ପୌର ନିର୍ବାଚନ ପାଇଁ ପୁଣି ଏକାଠି ହୋଇଛନ୍ତି ଦୁଇ ପାୱାର । ସେମାନେ ନିଜର ମତଭେଦ ସମାପ୍ତ କରି ଏନସିପି ଚିହ୍ନରେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି । ପ୍ରଥମ ପଦକ୍ଷେପ ସ୍ୱରୂପ ସେମାନେ ପିମ୍ପରି-ଚିଞ୍ଚୱାଡ୍ ପୌର ପରିଷଦ ନିର୍ବାଚନରେ ମିଳିତ ପ୍ରାର୍ଥୀ ଦେବେ ବୋଲି ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ଏନସିପି ମୁଖ୍ୟ ଅଜିତ ପାୱାର । ସେ କହିଲେ ଯେ କାହାର ପ୍ରାର୍ଥୀ କେତେ ଆସନରେ ଲଢ଼ିବେ, ତାହା ଦୁଇ ଦିନ ଭିତରେ ସ୍ଥିର କରାଯିବ । ପରବର୍ତ୍ତୀ ସମୟରେ ଅନ୍ୟ ପୌର ସଂସ୍ଥା ପାଇଁ ମେଣ୍ଟ କରାଯିବ । ଏସଂପର୍କରେ ବିଚାର ଆଲୋଚନା ଚାଲିଛି ଏବଂ ଖୁବଶୀଘ୍ର ଚୂଡ଼ାନ୍ତ ରୂପ ନେବ । ଅଜିତ କହିଲେ, 'ଆମେ ହେଉଛୁ ଚାଷୀ ପରିବାର । ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆମେ ପୁଣି ଏକାଠି ହୋଇଛୁ ।' ସେ କହିଲେ ଯେ ଖୁବଶୀଘ୍ର ପୁଣେ ପୌର ପରିଷଦ ନିର୍ବାଚନ ପାଇଁ ମିଳିତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ ।

# ଯୁଦ୍ଧ ବନ୍ଦ ନେଇ ଟ୍ରମ୍ପ ଆଶାବାଦୀ

ନୂଆଦିଲ୍ଲୀ, ୨୯ ।୧୨(ଏଜେନ୍ସି): ଦକ୍ଷିଣପୂର୍ବ ଆମେରିକୀୟ ରାଜ୍ୟ ଫ୍ଲୋରିଡାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡାମିର ଜେଲେଁସ୍କି ରବିବାର ମାର୍-ଏ-ଲାଗୋ ରିସର୍ଟରେ ଅନୁଷ୍ଠିତ ବୈଠକରେ ଏକାଠି ହୋଇଛନ୍ତି । ୩ ଘଣ୍ଟା ଧରି ଏହି ବୈଠକ ଚାଲିଥିଲା । ବୈଠକରେ କୌଣସି ଅନ୍ତିମ ଫଳାଫଳ ବାହାରି ନ ଥିଲେ ମଧ୍ୟ ଏହାର ଭୂମିକା ନିର୍ଣ୍ଣାୟକ ଥିଲା । ଟ୍ରମ୍ପ କହିଛନ୍ତି ଯେ, ରୁଷିଆ ଓ ୟୁକ୍ରେନ ମଧ୍ୟରେ ଗତ ୪ ବର୍ଷ ଧରି ଚାଲିଥିବା ଯୁଦ୍ଧ ଶୀଘ୍ର ବନ୍ଦ ହେବାର ସମ୍ଭାବନା ରହିଛି । ତେବେ ଯୁଦ୍ଧ କେବେ ବନ୍ଦ ହେବ ସେନେଇ କୌଣସି ସମୟସୀମା ନିର୍ଦ୍ଧାରିଣ ହୋଇନାହିଁ । ଜେଲେଁସ୍କି ଯୁଦ୍ଧି ସମାପ୍ତି ପାଇଁ ଏକ ଚୁକ୍ତିରେ ପହଞ୍ଚିବା ନିକଟତର ହୋଇଛନ୍ତି । ଏହା ସତ୍ତ୍ୱେ ପୂର୍ବ ୟୁକ୍ରେନର ବିବାଦୀୟ ଡୋନବାସ ଅଞ୍ଚଳର ଭବିଷ୍ୟତ ଏବେ ମଧ୍ୟ ଏକ ଅସମାହିତ ପ୍ରସଙ୍ଗ ଭାବେ ରହିଛି । ଟ୍ରମ୍ପ ଓ ଜେଲେଁସ୍କି ୟୁକ୍ରେନ ପାଇଁ ସୁରକ୍ଷା ଗ୍ୟାରେଣ୍ଟି ଓ ଡୋନବାସ ଅଞ୍ଚଳର ବିଭାଜନ ନେଇ ଅଗ୍ରଗତି ସମ୍ପର୍କରେ କଥା ହୋଇଥିଲେ । କିନ୍ତୁ ଏ ନେଇ ଚୁକ୍ତି ସମ୍ବନ୍ଧରେ କୌଣସି ଠୋସ ବିବରଣୀ କିମ୍ବା ସମୟସୀମା ପ୍ରଦାନ କରିନଥିଲେ । କିଛି ପ୍ରସଙ୍ଗ ଉପରେ ଆଲୋଚନା ହେବାକୁ ବାକି ଅଛି ଓ ଆଲୋଚନା ସଫଳ ହେବ କି ନାହିଁ ତାହା କିଛି ସପ୍ତାହ



- ଫ୍ଲୋରିଡାରେ ଟ୍ରମ୍ପ- ଜେଲେଁସ୍କି ଭେଟ
- 'ସୁରକ୍ଷା ଗ୍ୟାରେଣ୍ଟି ନେଇ ଚୁକ୍ତି ଚୂଡାନ୍ତ'

ମଧ୍ୟରେ ସ୍ପଷ୍ଟ ହେବ । ସେପଟେ ଜେଲେଁସ୍କି କହିଛନ୍ତି ଯେ, ୟୁକ୍ରେନ ପାଇଁ ସୁରକ୍ଷା ଗ୍ୟାରେଣ୍ଟି ଉପରେ ଚୁକ୍ତି ହୋଇଛି । ଟ୍ରମ୍ପ କହିଛନ୍ତି ଯେ, ଚୁକ୍ତି ନେଇ ୯୫ ପ୍ରତିଶତ ସହମତି ହୋଇଛି ଏବଂ ୟୁରୋପୀୟ ଦେଶଗୁଡିକ ଆମେରିକାର ସମର୍ଥନ ଓ ସହଯୋଗ ସହିତ ଏହି ପ୍ରୟାସରେ ବଡ଼ ଭୂମିକା ଗ୍ରହଣ କରିବେ । ଉଲ୍ଲେଖଥାଉ କି, ଡୋନବାସ ଅଞ୍ଚଳକୁ ନେଇ ରୁଷ ଓ ୟୁକ୍ରେନ ମଧ୍ୟରେ ବିବାଦ ଜାରି ରହିଛି । ରୁଷ ପୂରା ଡୋନବାସ ଅଞ୍ଚଳକୁ ନିଜ ଅକ୍ତିଆରକୁ ନେବାକୁ ଚାହୁଁଥିବା ବେଳେ ୟୁକ୍ରେନ ଏହାକୁ ଛାଡ଼ିବାକୁ ରାଜି ନୁହେଁ । ଡୋନବାସର ଭବିଷ୍ୟତ ଏବେ ସ୍ଥିର ହୋଇନାହିଁ । କିନ୍ତୁ ଆଲୋଚନା ଠିକ୍ ଦିଗରେ ଯାଉଛି ବୋଲି ଟ୍ରମ୍ପ କହିଛନ୍ତି । ଆମେରିକା ପ୍ରସ୍ତାବ ଦେଇଛି ଯେ, ଯଦି ୟୁକ୍ରେନ ଡୋନ୍‌ବାସକୁ ଛାଡିଦିଏ ତେବେ, ଏହା ଏକ ମୁକ୍ତ ଅର୍ଥନୈତିକ ଅଞ୍ଚଳରେ ପରିଣତ ହୋଇପାରେ । ଏହା ଏକ ବହୁତ କଷ୍ଟକର ପ୍ରସଙ୍ଗ ହୋଇଥିଲେ ମଧ୍ୟ ସମାଧାନ ଦିଗରେ ଅଗ୍ରସର ହୋଇଛୁ ବୋଲି ଟ୍ରମ୍ପ କହିଛନ୍ତି । ଏହିକ୍ରମରେ ଟ୍ରମ୍ପ ଜେଲେଁସ୍କିଙ୍କୁ ଜଣେ ସାହସୀ ବ୍ୟକ୍ତି ଓ ତାଙ୍କ ଲୋକଙ୍କୁ ସାହାସୀ ବୋଲି କହିଥିଲେ । ଏଥିପାଇଁ ଜେଲେଁସ୍କି ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଥିଲେ । ଏପର୍ଯ୍ୟନ୍ତ ବିଶ୍ୱରେ ୮ଟି ଯୁଦ୍ଧକୁ ରୋକିବାରେ ସଫଳ ହୋଇଛି ବୋଲି ଟ୍ରମ୍ପ ପୁଣଇ ଦୋହାରାଇ ଥିଲେ । କିନ୍ତୁ ରୁଷ-ୟୁକ୍ରେନ ଯୁଦ୍ଧ ରୋକିବା ସବୁଠାରୁ କଷ୍ଟକର ବୋଲି ସ୍ୱୀକାର କରିଛନ୍ତି । ଜେଲେଁସ୍କିଙ୍କ ସହ କଥା ହେବା ପୂର୍ବରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଟ୍ରମ୍ପ ହୋଇଥିଲେ । ଉଲ୍ଲେଖଥାଉ କି, ରୁଷ ଓ ୟୁକ୍ରେନ ମଧ୍ୟରେ ୨୦୨୨ ଫେବୃଆରୀରେ ଆରମ୍ଭ ହୋଇଥିଲା ।


# ତାଇୱାନକୁ ପାଞ୍ଚ ପଟୁ ଘେରିଲା ଚୀନ୍

ବେଜିଂ/ତାଇପେ, ୨୯ ।୧୨(ଏଜେନ୍ସି): ଚୀନ୍ ତାଇୱାନକୁ ୫ ପଟୁ ଘେରିବା ଆରମ୍ଭ କରିବା ସହ ବଡ଼ ଧରଣର ସୈନ୍ୟ ଅଭ୍ୟାସ ଆରମ୍ଭ କରିଛି । ଚୀନ ସେନା ତାଇୱାନର ଉତ୍ତର, ଉତ୍ତରପୂର୍ବ, ପଶ୍ଚିମ, ଦକ୍ଷିଣ ଓ ପୂର୍ବ ଉପକୂଳରେ ଲାଇଭ-ଫାୟାର ଡ୍ରିଲ ଆରମ୍ଭ କରିଛି । ଚୀନର ଏହି ଆକ୍ରମଣାତ୍ମକ ଆଭିମୁଖ୍ୟର ଜବାବ ଦେବାକୁ ତାଇୱାନ ମଧ୍ୟ ପ୍ରତି-ଯୁଦ୍ଧ ଅଭ୍ୟାସ ଆରମ୍ଭ କରିଛି । ତାଇୱାନ ସ୍ଥଳ ସେନା, ନୌସେନା ଓ ବାୟୁସେନାକୁ ସଜାଗ କରିଛି । ଏ ନେଇ ତାଇୱାନ ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି । ଚୀନର କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖାଯାଇଛି । ସେନା ମୁତୟନ କରିବା ସହ ତାଇୱାନ ମଧ୍ୟ ଯୁଦ୍ଧ ଅଭ୍ୟାସ ଆରମ୍ଭ କରିଛି । ଚୀନ୍ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ନଷ୍ଟ କରୁଛି ବୋଲି ତାଇୱାନ ଅଭିଯୋଗ କରିଛି । ତାଇୱାନ ତଟରକ୍ଷୀ ବାହିନୀ ଅନୁଯାୟୀ ଚୀନ୍‌ର ସାମରିକ ଅଭ୍ୟାସ

**ତାଇୱାନ ମଧ୍ୟ ପ୍ରତି-ଯୁଦ୍ଧ ଅଭ୍ୟାସ ଆରମ୍ଭ କଲା, ତିନି ସେନା ସଜାଗ**

ଜାହାଜର ଗତିବିଧି ଓ ମତ୍ସ୍ୟଜୀବୀଙ୍କ ସୁରକ୍ଷାପ୍ରତି ବିପଦ ସୃଷ୍ଟି କରିଛି । ଚୀନର ପିପୁଲ୍ସ ଲିବେରସନ ଆର୍ମି (ପିଏଲ୍‌ଏ) ଅନୁଯାୟୀ, ନୌସେନା, ବାୟୁସେନା ଓ ରକେଟ ଫୋର୍ସ ଏହି ଅଭ୍ୟାସରେ ଏକାଠି ହୋଇଛନ୍ତି । ଯୁଦ୍ଧ ଜାହଜ, ଲଢୁଆ ବିମାନ, ବୋମାମାଡ଼କାରୀ ବାହିନୀ, ଡ୍ରୋନ୍ ଓ ଦୂରଗାମୀ କ୍ଷେପଣାସ୍ତ୍ର ଅଭ୍ୟାସରେ ବ୍ୟବହୃତ ହୋଇଛି । ଏହି ସାମରିକ ଅଭିଯାନକୁ 'ନ୍ୟାୟ ମିଶନ ୨୦୨୫' ନାମ ଦିଆଯାଇଛି । ଚୀନର ଏହି ଅଭ୍ୟାସ ପୂର୍ବାପେକ୍ଷା ବଡ଼ ଓ ତାଇୱାନର ଅତି ନିକଟରେ କରାଯାଉଛି । ଉଲ୍ଲେଖଯୋଗ୍ୟ ଯେ, ଚୀନ ତାଇୱାନକୁ ନିଜର ଏକ ଅଂଶ ବୋଲି ବିବେଚନା କରୁଛି । ତେଣୁ ଏହି ବିବାଦ ସୃଷ୍ଟି ହୋଇଛି । ଚୀନ୍‌ର ଏହି ଯୁଦ୍ଧଭ୍ୟାସ ପାଇଁ ଆମେରିକା ଓ ତାଇୱାନ ମଧ୍ୟରେ ଅସ୍ତ୍ରଶସ୍ତ୍ର ଚୁକ୍ତି ହୋଇଛି । ଆମେରିକା ତାଇୱାନକୁ ୧୧.୧ ବିଲିଅନ ଡଲାରର ଅସ୍ତ୍ରଶସ୍ତ୍ର ବିକ୍ରି କରିବ ବୋଲି ଘୋଷଣା କରିଛି ।

# ମେକ୍‌ଅପ୍ ଦ୍ୱାରା ଟ୍ରମ୍ପ ଲୁଚାଉଛନ୍ତି କି ରୋଗ?



ଫ୍ଲୋରିଡା, ୨୯ ।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡାମିର ଜେଲେଁସ୍କିଙ୍କ ମଧ୍ୟରେ ହୋଇଥିବା ବୈଠକର ନିଷ୍କର୍ଷ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଚାଲୁଥିବା ବେଳେ ଟ୍ରମ୍ପଙ୍କ ହାତରେ ଥିବା ମେକଅପ୍‌କୁ ନେଇ ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି । ମେକ୍‌ଅପ୍ କରି ଟ୍ରମ୍ପ ନିଜ ହାତରେ ଥିବା ଏକ ଚିହ୍ନ ଅର୍ଥାତ କୌଣସି ରୋଗକୁ ଛୁପାଇବାକୁ ପ୍ରୟାସ କରୁଛନ୍ତି ବୋଲି କୁହାଯାଇଛି । ବୈଠକ ଅବସରରେ ଟ୍ରମ୍ପଙ୍କ ଡାହାଣ ହାତରେ ସ୍ପଷ୍ଟ ଭାବେ ମେକ୍‌ଅପ ଦେଖିବାକୁ ମିଳିଥିଲା । ଏ ନେଇ ହ୍ୱାଇଟହାଉସ୍ ତରଫରୁ ସ୍ପଷ୍ଟୀକରଣ ଦିଆଯାଇଛି । ଟ୍ରମ୍ପ ବହୁ ଲୋକଙ୍କୁ ଭେଟୁଛନ୍ତି ଓ ଲଗାତର ସେମାନଙ୍କ ସହ ହାତ ମିଳାଉଛନ୍ତି । ଏହି କାରଣରୁ ହାତରେ ଏଭଳି ଚିହ୍ନ ସୃଷ୍ଟି ହୋଇଛି ବୋଲି ହ୍ୱାଇଟ ହାଉସ ପ୍ରେସ ସଚିବ କାରୋଲିନ ଲେଭିଟ କହିଛନ୍ତି । ୭୯ ବର୍ଷୀୟ ଟ୍ରମ୍ପ ପ୍ରତିଦିନ ଶହଶହ ଲୋକଙ୍କ ସହ ହାତ ମିଳାଉଛନ୍ତି । ଏହି କାରଣରୁ ତାଙ୍କ ହାତର କୋମଳ ତ୍ୱଚାରେ ଚିହ୍ନ ସୃଷ୍ଟି ହୋଇଛି ବୋଲି ଡାକ୍ତରମାନେ କହିଛନ୍ତି । ପୁଣି ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଟ୍ରମ୍ପ ଔଷଧ ସେବନ କରୁଛନ୍ତି । ଫଳରେ ତାଙ୍କ ରକ୍ତ ପତଳା ହୋଉଛି ଓ ସାମାନ୍ୟ ରଗଡ଼ି ହେଲେ ଚର୍ମରେ ଚିହ୍ନ ସୃଷ୍ଟି ହେଉଛି ବୋଲି ଲେଭିଟ୍ କହିଛନ୍ତି । କିନ୍ତୁ ଟ୍ରମ୍ପ ଏକ ଗମ୍ଭୀର ରୋଗ ଲୁଚାଉଛନ୍ତି ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି । ପୂର୍ବରୁ ଗତ ଫେବୃଆରୀରେ ମଧ ଟ୍ରମ୍ପଙ୍କ ହାତରେ ଏକ କଳା-ନୀଳ ଚିହ୍ନ ଦେଖିବାକୁ ମିଳିଥିଲା । ତେବେ ଟ୍ରମ୍ପ ସବୁଥର ଏହି ଚର୍ଚ୍ଚାକୁ ଅଣଦେଖା କରିଆସିଛନ୍ତି ।

**ଦିଲ୍ଲୀକୁ ଅଚଳ କଲା ଘନ କୁହୁଡ଼ି**

# ୧୨୦ରୁ ଅଧିକ ବିମାନ ଉଡ଼ାଣ ବାତିଲ୍, ୨୦୦ ବିଳମ୍ବିତ

ନୂଆଦିଲ୍ଲୀ, ୨୯ ।୧୨(ଏଜେନ୍ସି): ସାରା ଭାରତରେ ଅସହ୍ୟ ଶୀତ ଅନୁଭୂତ ହେଉଛି । ହାଡ଼ଭଙ୍ଗା ଶୀତ ଓ ଘନ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି । ଏହାର ପ୍ରଭାବରେ ଦିଲ୍ଲୀରେ ଅଚଳ ହେବା ଭଳି ସ୍ଥିତି ସୃଷ୍ଟି ହୋଇଛି । ସୋମବାର ଏଠାରେ ବିମାନ, ରେଳ ଚଳାଚଳରେ ସମସ୍ୟା ସୃଷ୍ଟି ହୋଇଛି । କୁହୁଡ଼ି ଛାଇ ରହିଥିବାରୁ ଶହ ଶହ ବିମାନ ଉଡାଣ ବାତିଲ ଏବଂ ବିଳମ୍ବିତ ରହିଛି । ଟ୍ରେନ୍ ନିର୍ଦ୍ଧାରିତ ସମୟରୁ ଘଣ୍ଟା ଘଣ୍ଟା ବିଳମ୍ବରେ ଚାଲୁଛି । ଫଳରେ ଯାତ୍ରୀମାନେ ଷ୍ଟେସନ ଏବଂ ବିମାନବନ୍ଦରରେ ଫସି ରହି ହନ୍ତସନ୍ତ ହେଉଛନ୍ତି । ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (ଆଇଜିଆଇ) ବିମାନବନ୍ଦରରେ ଅତିକମ୍‌ରେ ୧୨୮ ବିମାନ ଉଡାଣ (୬୪ ପ୍ରସ୍ଥାନ, ୬୪ ଆଗମନ) ବାତିଲ କରାଯାଇଥିଲା । ଦୃଶ୍ୟମାନ କ୍ଷମତା ହ୍ରାସ ପାଇବା କାରଣରୁ ୮ଟି ଉଡାଣକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା ।

ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଫ୍ଲାଇଟଟ୍ରେଡର୨୪ ଅନୁଯାୟୀ, ପ୍ରାୟ ୨୦୦ ବିମାନ ବିଳମ୍ବିତ ହୋଇଥିଲା ଓ ୨୪ ମିନିଟ ବିଳମ୍ବରେ ଉଡ଼ାଣ ଭରିଥିଲା । ବିମାନବନ୍ଦର ଦୃଶ୍ୟମାନ କ୍ଷମତା୫୦ମିଟର ପର୍ଯ୍ୟନ୍ତ ହ୍ରାସ ପାଇଥିଲା । ଫଳରେ ସିଏଟି୩ ଭଳି ସ୍ଥିତି କାର୍ଯ୍ୟ ଜାରି ରଖିବାକୁ ପଡ଼ିଥିଲା । ଘନ କୁହୁଡ଼ି ସମୟରେ ଏହା ବ୍ୟବହୃତ ଏକ ଉନ୍ନତ ଅବତରଣ ବ୍ୟବସ୍ଥା । ସୋମବାର ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୦୦ ଅତିକ୍ରମ କରିଥିଲା ଓ ବାୟୁ ପ୍ରଦୂଷଣ ଉଦ୍‌ବେଗଜନକ ବୋଲି ସୂଚିତ କରିଥିଲା । ଖରାପ ପାଗ ଯୋଗୁଁ ଇଣ୍ଡିଗୋ ଏୟାର ଲାଇନ୍ସ ତା'ର ୮୦ ଉଡାଣକୁ ବାତିଲ କରିଛି । ଏଥିରୁ ପ୍ରାୟ ଅଧା ଦିଲ୍ଲୀରେ ବାତିଲ ହୋଇଛି । କୁହୁଡି ଯୋଗୁଁ ପ୍ରଭାବିତ ହୋଇଥିବା ଅନ୍ୟ ବିମାନବନ୍ଦରଗୁଡିକ ହେଲା ମୁମ୍ବାଇ, ବେଙ୍ଗାଲୁରୁ, କୋଚି, ହାଇଦରାବାଦ, କୋଲକାତା, ଅମୃତସର, ଚଣ୍ଡିଗଡ଼, ଜୟପୁର, ଡେରାଡୁନ, ଇନ୍ଦୋର, ପାଟନା ଓ ଭୋପାଳ । ତେବେ ଏୟାର ଲାଇନ୍ସଗୁଡିକ ବାତିଲ ହୋଇଥିବା ବିମାନ ସଂଖ୍ୟା ନେଇ କୌଣସି ସୂଚନା ଦେଇନାହାନ୍ତି ।

କୁହୁଡ଼ି କାରଣରୁ ରେଳ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି । ସେପଟେ ପ୍ରବଳ ଥଣ୍ଡା ଯୋଗୁଁ ଉତ୍ତର ପ୍ରଦେଶରେ ଜାନୁଆରୀ ୧ ପର୍ଯ୍ୟନ୍ତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଇଁ ଛୁଟି ଘୋଷଣା କରିଛନ୍ତି । ରାଜ୍ୟର ୧୮ଟି ଜିଲ୍ଲାରେ ଦୃଶ୍ୟମାନ କ୍ଷମତା ଶୂନ ଥିଲା । ରାଜସ୍ଥାନର ଅନେକ ସହରରେ ତାପମାତ୍ର ଏକକ ସଂଖ୍ୟାରେ ପହଞ୍ଚିଛି । ଉତ୍ତରାଖଣ୍ଡର ଉପର ଭାଗ ପାଇଁ ପାଣିପାଗ ବିଭାଗ ତୁଷାରପାତ ସତର୍କତା ଜାରି କରିଛି । ଜମ୍ମୁ-କଶ୍ମୀର, ଦିଲ୍ଲୀ, ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ, ବିହାର, ଝାଡଖଣ୍ଡ, ଛତିଶଗଡ଼, ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଜାନୁଆରୀ ୨ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ ବୋଲି କୁହାଯାଇଛି ।

# ଡେରାଡୁନ୍‌ରେ ତ୍ରିପୁରା ଯୁବକଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରି ହତ୍ୟା

ଡେରାଡୁନ୍, ୨୯ ।୧୨(ଏଜେନ୍ସି): ଉତ୍ତରାଖଣ୍ଡର ଡେରାଡୁନ୍‌ରେ ତ୍ରିପୁରାର ଜଣେ ଯୁବକଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରାଯିବା ସହ ନିର୍ମମ ଭାବେ ହତ୍ୟା କରାଯାଇଛି । ଡିସେମ୍ବର ୯ରେ ୨୪ ବର୍ଷୀୟ ଛାତ୍ର ଆଞ୍ଜେଲ ଚକ୍‌ମାଙ୍କୁ କିଛି ଯୁବକ ଚାଇନିଜ, ମୋମୋ, ଚିଙ୍କି ଓ ନେପାଳୀ ବୋଲି କହି ଆକ୍ରମଣ କରିଥିଲେ । ସେତେବେଳେ ଆଞ୍ଜେଲ ଓ ତାଙ୍କ ସାନ ଭାଇ ମାଇକେଲ ବଜାରକୁ ଜିନିଷପତ୍ର କ୍ରୟ କରିବାକୁ ଯାଇଥିଲେ ।



ମଦ୍ୟପାନ କରି ନିଶାରେ ଥିବା କେତେଜଣ ଯୁବକ ଦୁଇ ଭାଇଙ୍କ ଚେହେରା ଓ ଚାହାଣୀକୁ ଦେଖି ଆପତ୍ତିଜନକ ବ୍ୟବହାର କରିଥିଲେ । ଆଞ୍ଜେଲ କିନ୍ତୁ ଏହାକୁ ବିରୋଧ କରିଥିଲେ ଓ ଆମକୁ ଭାରତୀୟ ବୋଲି ପ୍ରମାଣ କରିବାକୁ କେଉଁ ପ୍ରମାଣପତ୍ର ଦେବାକୁ ହେବ ବୋଲି ପ୍ରଶ୍ନ ପଚାରିଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁବକମାନେ ତାଙ୍କୁ ଛୁରୀ ଓ ଲୁହା ରଡ଼ରେ ଆକ୍ରମଣ କରିଥିଲେ । ଏଥିରେ ଆଞ୍ଜେଲଙ୍କ ମୁଣ୍ଡ, ବେକ, ମେରୁଦଣ୍ଡ ହାଡ଼ରେ ଗଭୀର ଆଘାତ ଲାଗିଥିଲା । ୧୭ ଦିନ ଧରି ଆଇସିୟୁରେ ଚିକିତ୍ସିତ ହେବା ପରେ ସେ ଡିସେମ୍ବର ୨୬ରେ ମୃତ୍ୟୁବରଣ କରିଥିଲେ । ଏବେ ଏହି ଘଟଣାକୁ ନେଇ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି ହୋଇଛି । ପୁଲିସ ଏହି ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି । ତେବେ ମୁଖ୍ୟ ଅଭିଯୁକ୍ତ କାଣ୍ଡ ଘଟାଇ ନେପାଳ ଫେରାର ହୋଇଯାଇଛି । ପୁଲିସ ତା ଉପରେ ୨୫, ୦୦୦ ଟଙ୍କାର ପୁରସ୍କାର ଘୋଷଣା କରିଛି । ଏହି ଘଟଣାକୁ ନେଇ ପୂରା ଉତ୍ତରପୂର୍ବ ଭାରତ, ଖାସ କରି ତ୍ରିପୁରାରେ ଜବରଦସ୍ତ ଆକ୍ରୋଶ ଦେଖିବାକୁ ମିଳିଛି । ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହାକୁ ମାନବିକତା ଉପରେ ଆକ୍ରମଣ କହିଛନ୍ତି ।।

# ଚରମପନ୍ଥୀଙ୍କ କବ୍‌ଜାରେ ବାଂଲାଦେଶ ୟୁନୁସ୍ ଅସହାୟ କାହିଁକି?

ଢାକା, ୨୯।୧୨ (ଏଜେନ୍ସି): ପରାଜୟ ଭୟରେ ବାଂଲାଦେଶରେ ସାଧାରଣ ନିର୍ବାଚନୀ ଘୁଞ୍ଚାଇବା ପାଇଁ କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଷଡ଼ଯନ୍ତ୍ର କରି ହିଂସାକୁ ପ୍ରୋତ୍ସାହନ ଦେଉଛନ୍ତି । ଏବେ ସମଗ୍ର ବାଂଲାଦେଶ ଚରମପନ୍ଥୀଙ୍କ କବଜାରେ । ସେମାନେ ମନଇଛା ହିଂସା ଘଟାଇ ଚାଲିଛନ୍ତି । କିନ୍ତୁ ୟୁନୁସ ସରକାର ଚୁପ୍ ବସିଛି ।



- ହିନ୍ଦୁଙ୍କ ୫ ଘର ଜାଳିଦେଲେ
- ୬ ମାସରେ ସଂଖ୍ୟାଲଘୁଙ୍କ ଉପରେ ୭୧ ଆକ୍ରମଣ

ସେମାନଙ୍କୁ ନିୟନ୍ତ୍ରଣ କରିବା ଲାଗି ଠୋସ ପଦକ୍ଷେପ ନେଉନାହିଁ । କେବଳ ବିରୋଧୀ ଏବଂ ବିଶେଷ କରି ବିତାଡ଼ିତ ପ୍ରଧାନମନ୍ତ୍ରୀ ହସିନାଙ୍କ ସମର୍ଥକ ନୁହନ୍ତି, ହିନ୍ଦୁ ସଂପ୍ରଦାୟର ଲୋକଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି ଚରମପନ୍ଥୀ । ଆକ୍ରମଣର ଖବର ମିଳିବା ସତ୍ତ୍ୱେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ହାତ ବାନ୍ଧି ବସି ରହିଛି । ତେଣୁ ଚରମପନ୍ଥୀ କ୍ରମାଗତ ଭାବେ ହିଂସା ଘଟାଇ ଚାଲିଛନ୍ତି । ଦୀପୁ ଚନ୍ଦ୍ର ଦାସଙ୍କୁ ହତ୍ୟା କରିବା ପରଠାରୁ ସମାନେ ଅନେକ ଘର ଉପରେ ଆକ୍ରମଣ କରୁଛନ୍ତି । ଏବେ ହିନ୍ଦୁ ପରିବାରର ଆଉ ୫ଟି ଘରେ ନିଆଁ ଲଗାଇ ଦିଆଯାଇଥିବାର ଖବର ମିଳିଛି । ଗତ ୨୭ ତାରିଖରେ ପିରୋଜପୁର ଜିଲ୍ଲା ଦମ୍ରିତାଲା ଗ୍ରାମରେ ଏହି ଘଟଣା ଘଟିଥିଲା ବୋଲି କୁହାଯାଉଛି ।

ପରିବାର ସଦସ୍ୟଙ୍କ ଅନୁଯାୟୀ, ସମସ୍ତେ ଘରେ ଭିତରେ ଥିବାବେଳେ ବାହାର ପଟୁ ବନ୍ଦ କରି ନିଆଁ ଲଗାଇ ଦେଇଥିଲେ । ଏହା ଜାଣିବା ପରେ ଜୀବନ ବଞ୍ଚାଇବା ପାଇଁ ସେମାନେ ଏହି ମାମଲାରେ ସ୍ଥାନୀୟ ପୁଲିସ ୫ ଜଣଙ୍କୁ ଗିରଫ କରିଛି । ଅଧିକାରୀଙ୍କ କହିବା ଅନୁଯାୟୀ, ନିଆଁ ଲାଗିବାର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ । ତେବେ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଆକ୍ରମଣକାରୀ ଏକ ପ୍ରକୋଷ୍ଠରେ କପଡ଼ା ଭର୍ତ୍ତି କରି ନିଆଁ ଲଗାଇ ଦେଇଥିଲେ । ଏହାଦ୍ୱାରା ନିଆଁ ଦ୍ରୁତ ଗତିରେ ବ୍ୟାପି ଯାଇଥିଲା । ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି ।

ବାଂଲାଦେଶରେ ସଂଖ୍ୟାଲଘୁଙ୍କ ପାଇଁ କାମ କରୁଥିବା ସଂଗଠନ ହ୍ୟୁମାନ୍ ରାଇଟ୍ସ କଂଗ୍ରେସ ଫର୍ ବାଂଲାଦେଶ ମାଇନୋରିଟିଜ୍ (ଏଚଆରସିବିଏଲ) ପକ୍ଷରୁ କୁହାଯାଇଛି ଯେ ପ୍ରତ୍ୟେକ ଆକ୍ରମଣରେ ସମାନ ରଣନୀତି ବ୍ୟବହାର କରାଯାଉଛି । ବାଂଲାଦେଶର ୩୦ରୁ ଅଧିକ ଜିଲ୍ଲାରେ ଏଭଳି ହିଂସା ଘଟୁଛି । ଚଳିତ ବର୍ଷ ଜୁନରୁ ଡିସେମ୍ବର ମଧ୍ୟରେ ଏପରି ଅତି କମରେ ୭୧ଟି ମାମଲା ପଞ୍ଜିକୃତ ହୋଇଛି ।






# ଏଆଇର ଆଧିପତ୍ୟ

ସାରା ବିଶ୍ୱରେ ବର୍ତ୍ତମାନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ର ଦବଦବା। ଏଆଇକୁ ନେଇ ଅନେକ ସମ୍ଭାବନା ରହିଥିବାବେଳେ ବିପଦ ବି କିଛି କମ୍ ନାହିଁ। ୨୦୨୬ରେ ସମସ୍ତଙ୍କ ନଜର ଏହି ନୂଆ ଟେକ୍ନୋଲୋଜି ଉପରେ ରହିବ। ବର୍ଷ ୨୦୨୬ ବିଶ୍ୱ ବାଣିଜ୍ୟ ପାଇଁ ଅଶାନ୍ତର ବର୍ଷ ହେବାକୁ ଥିବାବେଳେ ଦେଶର ଅର୍ଥନୀତି କେତେକାଂଶରେ ଭଲ ରହିବ ବୋଲି ଆକଳନ କରାଯାଉଛି। ହେଲେ ଟାରିଫ୍ ପ୍ରସଙ୍ଗ ଭାରତର ପିଛା ଛାଡ଼ିବନି। ନୂଆ ବର୍ଷରେ ସୁନା, ରୁପାର ଚମକ ଆହୁରି ବଢ଼ିବାକୁ ଥିବାବେଳେ ଭାରତୀୟ ମୁଦ୍ରା ଟଙ୍କା ୨୦୨୫ ତୁଳନାରେ ଅଧିକ ଦୁର୍ବଳ ହେବା ସହ ବଜାର ଦର ମହଙ୍ଗା ରହିବ।

ବର୍ଷ ୨୦୨୬ରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ ଦ୍ରୁତ ଗତିରେ ବୃଦ୍ଧି ପାଇବ। ତେଣୁ, ଏଥିପାଇଁ ସମସ୍ତଙ୍କୁ ଅପଡେଟ୍ ରହିବାକୁ ପଡ଼ିବ। ଏଆଇ ସହିତ ତାଳ ଦେଇ ଚାଲିବାକୁ ହେଲେ, ନୂତନ ଦକ୍ଷତା ଶିଖିବାକୁ ପଡ଼ିବ। ଯେଉଁମାନେ ସମୟ ସହିତ ଖାପ ଖୁଆଇବେ କେବଳ ସେମାନେ ଏଆଇର ଏହି ନୂତନ ଯୁଗରୁ ଲାଭ ପାଇବେ। ବିଶ୍ୱ ଅର୍ଥନୈତିକ ଫୋରମ (ଡବ୍ଲ୍ୟୁଇଏଫ୍) ର 'ଜବ୍ ଫ୍ୟୁଚର ରିପୋର୍ଟ ୨୦୨୫' ଅନୁଯାୟୀ, ୨୦୩୦ ସୁଦ୍ଧା ବିଶ୍ୱ ଜନସଂଖ୍ୟାର ୩୮% ଲୋକଙ୍କୁ ସମୟ ସହିତ ତାଳ ଦେବା ପାଇଁ ସେମାନଙ୍କର ଦକ୍ଷତାକୁ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ କରିବାକୁ ପଡ଼ିବ। ଏହାର ଅର୍ଥ ହେଉଛି ଯଦି ଆପଣ ଏଆଇ ସହିତ ତାଳ ଦେଇ ଚାଲିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ପୁରୁଣା ପଦ୍ଧତିଗୁଡ଼ିକୁ ପରିତ୍ୟାଗ କରି ନୂତନ ଶିକ୍ଷା ଲାଭ କରିବାକୁ ପଡ଼ିବ।



## ଦୁର୍ବଳ କରୁଛି ମସ୍ତିଷ୍କ

ପ୍ରାୟ ସବୁ କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ର ବ୍ୟବହାର ଦ୍ରୁତଗତିରେ ବଢ଼ିଚାଲିଛି। ସୃଜନଶୀଳତା ହେଉ କିମ୍ବା ଟେକ୍ନୋଲୋଜି, କଷ୍ଟରୁ କଷ୍ଟକର ପ୍ରଶ୍ନର ଉତ୍ତର ଏଆଇ ମାତ୍ର କିଛି ସେକେଣ୍ଡରେ ଦେବାକୁ ସକ୍ଷମ। ଏହାର ବ୍ୟବହାରରେ ମଣିଷ ନିଜର ଉଭୟ ସମୟ ଏବଂ ଶକ୍ତି ବଞ୍ଚାଇବାରେ ସଫଳ ହେଉଛି କିନ୍ତୁ ଗଭୀରତାର ସହ ବିଶ୍ଳେଷଣ କଲେ ଏଆଇର ବ୍ୟବହାର ମଣିଷର ସୃଜନଶୀଳତା ହ୍ରାସ କରିବା ସହ ମସ୍ତିଷ୍କର ଉପଯୋଗ ମଧ୍ୟ କମାଉଛି। ଯଦି ପ୍ରତ୍ୟେକ କ୍ଷେତ୍ରରେ ମଣିଷ ମୁଣ୍ଡ ନ ଖଟାଇ ଏଆଇ ଦ୍ୱାରା କାମ ହାସଲ କରେ, ତେବେ ଧୀରେ ଧୀରେ ଆମ ମସ୍ତିଷ୍କ ଦୁର୍ବଳ ହେବାର ଆଶଙ୍କା ରହିଥିବା ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ଏକ ଅଧ୍ୟୟନରେ ଜଣାପଡ଼ିଛି ଯେ, ଯଦି ଲୋକେ ଏଆଇ ଉପରେ ଆବଶ୍ୟକତାଠାରୁ ଅଧିକ ନିର୍ଭର କରନ୍ତି, ତେବେ ସେମାନଙ୍କ ସମସ୍ୟା ସମାଧାନ କରିବା ଦକ୍ଷତା ଦୁର୍ବଳ ହୋଇପାରେ।




## ଇତିହାସ ରଚିବ ସୁନା, ରୁପା ଦର

ବିଶ୍ୱ ସହ ଘରୋଇ ବଜାରରେ ସୁନା ଓ ରୁପା ମୂଲ୍ୟ ୨୦୨୫ରେ ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ସୁନା ୧୦ ଗ୍ରାମ ପିଛା ଦେଢ଼ ଲକ୍ଷ ଟଙ୍କା ଛୁଇଁବାକୁ ବସିଥିବାବେଳେ ରୁପା କିଲୋଗ୍ରାମ ପିଛା ୩ ଲକ୍ଷ ଟଙ୍କା ଆଡ଼କୁ ମୁହାଁଉଛି। ଏଥିରେ କୌତୂହଳର ବିଷୟ ହେଉଛି ବିଶ୍ୱ ସ୍ତରରେ ଅନିଶ୍ଚିତତା ମଧ୍ୟରେ ରୁପା ଚଳିତ ବର୍ଷ ଲାଭ ଦୃଷ୍ଟିରୁ ସୁନା ଏବଂ ସେୟାର ବଜାର ପରି ପାରମ୍ପରିକ ନିବେଶ ବିକଳ୍ପଗୁଡ଼ିକୁ ପଛରେ ପକାଇଦେଇଛି। ୨୦୨୬ରେ ଉଭୟ ସୁନା ଓ ରୁପା ଦର ଆହୁରି ବଢ଼ିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ତେବେ ୨୦୨୫ରେ ସୁନା ଓ ରୁପା ମୂଲ୍ୟ ଯେଉଁଗତିରେ ବୃଦ୍ଧି ଘଟିଛି, ତାହା ବଜାର ଆକଳନଠାରୁ ବହୁ ଆଗରେ ରହିଛି। ତେଣୁ ୨୦୨୬ରେ ସୁନା ଓ ରୁପା ଦର କେଉଁ ସ୍ତରରେ ପହଞ୍ଚିବ ତାହା ଏବେ ସମସ୍ତଙ୍କ ଆକଳନ ବାହାରେ।

## ଏଆଇର ବିକାଶ ମନ୍ଥର ହୋଇପାରେ

ବିଶ୍ୱବ୍ୟାପୀ ଡାଟା ସେଣ୍ଟର ନିର୍ମାଣ ବିରୋଧରେ ଲୋକମାନେ ପ୍ରତିବାଦ କରୁଛନ୍ତି। ଆମେରିକାରେ, ଲୋକମାନେ ଏହାର ପ୍ରତିବାଦ କରିବା ପାଇଁ ସୋସିଆଲ ମିଡିଆରେ ଗ୍ରୁପ ଗଠନ କରୁଛନ୍ତି। ଚୀନ୍ ଏବଂ ରୁଷ ଭଳି ଦେଶ ଆମେରିକାରେ ଡାଟା ସେଣ୍ଟର ନିର୍ମାଣକୁ ବନ୍ଦ କରିବା ପାଇଁ ଭୁଲ ସୂଚନା ପ୍ରସାର କରିବାରେ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ଚୀନ୍ ଏବଂ ରୁଷ ଲାଭ ପାଇବେ। କାରଣ ସେମାନେ ନିଜେ ଏଆଇରେ ଅଗ୍ରଗତି ହାସଲ କରିବାକୁ ଚାହାଁନ୍ତି। ଏପରି ପ୍ରୟାସ ଏଆଇ ବିକାଶକୁ ମନ୍ଥର କରିପାରେ ଏବଂ ଅନ୍ତର୍ଜାତୀୟ ସ୍ତରରେ ଉତ୍ତେଜନା ବୃଦ୍ଧି କରିପାରେ।




## ଭାରତ ବ୍ରିକ୍ସର ଅଧ୍ୟକ୍ଷ ରହିବ

୨୦୨୬ ଜାନୁଆରୀରୁ ଭାରତ ବ୍ରିକ୍ସର ନେତୃତ୍ୱ ନେବ। ଅର୍ଥାତ୍ ଭାରତ ବ୍ରିକ୍ସ ରାଷ୍ଟ୍ର ସମୂହର ସଭାପତି ପଦ ଗ୍ରହଣ କରିବ। ଭାରତ ଏପରି ଏକ ସମୟରେ ବ୍ରିକ୍ସ ସଭାପତି ପଦ ଗ୍ରହଣ କରୁଛି, ଯେତେବେଳେ ଆମେରିକାର ଶୁଳ୍କ ନୀତି ଭାରତ, ଚୀନ୍ ଏବଂ ରୁଷକୁ ପରସ୍ପରର ନିକଟତର କରିଛି। ଏକ ରିପୋର୍ଟ ଅନୁଯାୟୀ, ବ୍ରିକ୍ସ ସହଯୋଗୀ ରାଷ୍ଟ୍ରଗୁଡିକ କୃଷି କ୍ଷେତ୍ରରେ ସେମାନଙ୍କର ଯୋଗଦାନ ବୃଦ୍ଧି କରୁଛନ୍ତି। ବ୍ରିକ୍ସ ଦେଶଗୁଡ଼ିକ କୃଷି, ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର, ବିଶ୍ୱ ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ସହଭାଗିତା ବଢ଼ାଉଛନ୍ତି। ତେଣୁ, ବିଶେଷଜ୍ଞମାନେ ଭବିଷ୍ୟବାଣୀ କରିଛନ୍ତି ଯେ ୨୦୨୬ ଶେଷ ସୁଦ୍ଧା, ଆମେରିକା ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହେବ ଏବଂ ଏହାର ପ୍ରାଧାନ୍ୟ ଶେଷ ହୋଇଯିବ।




## ୨୦୨୬ରେ ଏଆଇ ମଣିଷ ପାଇଁ ସବୁଠାରୁ ବଡ଼ ବିପଦ

ବର୍ଷ ୨୦୨୬ରେ ଏଆଇ ମନୁଷ୍ୟ ଜୀବନରେ ଏକ ବଡ଼ ମୋଡ଼ ଆଣିବ। ଏଆଇ ମଣିଷ ଜୀବନକୁ ସହଜ କରିବାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ, ୨୦୨୬ରେ ଏହା ମନୁଷ୍ୟ ପାଇଁ ସବୁଠାରୁ ବିପଦଜନକ ସାବ୍ୟସ୍ତ ହେବ ବୋଲି ଆଶଙ୍କା କରାଗଲାଣି। ଏହାକୁ ନେଇ ଏବେ ଚିନ୍ତା ବଢ଼ିଲାଣି। ଏକ ଆମେରିକୀୟ ଟେକ୍ ପତ୍ରିକାରେ ପ୍ରକାଶିତ ରିପୋର୍ଟରେ ୬ଟି ଏଆଇ ସମ୍ଭାବନାକୁ ଉଲ୍ଲେଖ କରାଯାଇଛି ଯାହା, ଭବିଷ୍ୟତରେ ସମାଜ, ଚାକିରି, ଗୋପନୀୟତା ଏବଂ ଅନ୍ତର୍ଜାତୀୟ ସମ୍ପର୍କକୁ ପ୍ରଭାବିତ କରିପାରେ। ଏହି ଆକଳନ ଓପନ୍‌ଏଆଇ, ଗୁଗୁଲ୍ ଏବଂ ଅନ୍ୟାନ୍ୟ ପ୍ରମୁଖ ଟେକ୍ କମ୍ପାନୀଗୁଡ଼ିକର ବର୍ତ୍ତମାନର ଦିଗ ଉପରେ ଆଧାର କରି କରାଯାଇଛି। ଏମିତିକି ଏଆଇ ସହିତ ସୃଷ୍ଟି ହୋଇଥିବା ନକଲି ଚିତ୍ର ଏବଂ ଭିଡିଓ ଏତେ ବାସ୍ତବ, ଦେଖାଯାଉଛି ଯେ ଲୋକମାନେ ସହଜରେ ଏଥିରେ ପ୍ରଭାବିତ ହେଉଛନ୍ତି।







## ଅଶାନ୍ତ ହେବ ବିଶ୍ୱ ବାଣିଜ୍ୟ

୨୦୨୬ ବିଶ୍ୱ ବାଣିଜ୍ୟ ପାଇଁ ଏକ ଆହ୍ୱାନପୂର୍ଣ୍ଣ ବର୍ଷ ହୋଇପାରେ। କାରଣ ଶୁଳ୍କ ପରିଣାମ ଏବଂ ଯୋଗାଣ ଶୃଙ୍ଖଳା ବିପଦ ବାଣିଜ୍ୟ ଢାଞ୍ଚାକୁ ପରିବର୍ତ୍ତନ କରୁଛି, ଯାହା ବିଶ୍ୱ ଅଭିବୃଦ୍ଧିକୁ ପ୍ରଭାବିତ କରିବାରେ ଲାଗିଛି। ତଥାପି, ୨୦୨୬ରେ ଭାରତର ଘରୋଇ ସ୍ତରରେ ଚାହିଦା ଦୃଢ଼ ରହିବ ବୋଲି ଆଶା କରାଯାଉଛି। ଟ୍ରମ୍ପ୍ ପ୍ରଶାସନ ଦ୍ୱାରା ବାଣିଜ୍ୟ ଶୁଳ୍କ ଲାଗୁ କରାଯିବା ସତ୍ତ୍ୱେ ବିଶ୍ୱ ବାଣିଜ୍ୟ କେତେକାଂଶରେ ୨୦୨୫ରେ ସ୍ଥିର ରହିଥିଲା। ୨୦୨୬ରେ ଟାରିଫ୍ ଉପରେ ଚୂଡାନ୍ତ ପରିଣାମ ଆସିବା ଆଶା କରାଯାଉଛି। ତେଣୁ ବିଶେଷଜ୍ଞମାନେ ୨୦୨୬ ବିଶ୍ୱ ବାଣିଜ୍ୟ ପାଇଁ ଏକ ଅଶାନ୍ତ ବର୍ଷ ହେବ ବୋଲି ପୂର୍ବାନୁମାନ କରିଛନ୍ତି।

## ଚମକିବ ସେୟାର ବଜାର




୨୦୨୫ ଯଦିଓ ଷ୍ଟକ୍ ବଜାରରୁ ରିଟର୍ଣ୍ଣ ଆଶା ପୂରଣ କରିପାରିନାହିଁ, ତଥାପି ଭାରତୀୟ ଅର୍ଥନୀତି ବର୍ଷରେ ତା'ର ଶକ୍ତି ଦେଖାଇଥିଲା। ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧିଠାରୁ ଆରମ୍ଭ କରି ନିୟନ୍ତ୍ରିତ ମୁଦ୍ରାସ୍ଫୀତି ଏବଂ ଦୀର୍ଘକାଳୀନ ନିବେଶକମାନେ ବଜାର ଶକ୍ତିରେ ବଡ଼ ଯୋଗଦାନ ଦେଇଥିଲେ। ଏକ ରିପୋର୍ଟ ଅନୁଯାୟୀ, ୨୦୨୬ରେ ଜିଡିପି ଅଭିବୃଦ୍ଧି ଭଲ ରହିବ ବୋଲି ଆଶା କରାଯାଉଛି। ଘରୋଇ ନିବେଶକଙ୍କ ଦୃଢ଼ ଅଂଶଗ୍ରହଣ ଏବଂ ଉନ୍ନତ ବାଲାନ୍ସ ସିଟ୍ ସହିତ ନିବେଶକମାନେ ଏବେ ସେହି କ୍ଷେତ୍ରଗୁଡ଼ିକ ଉପରେ ନଜର ରଖିଛନ୍ତି ଯାହା ୨୦୨୬ରେ ସ୍ଥାୟୀ ଅଭିବୃଦ୍ଧି ଦେଖାଇପାରିବ। ତେଣୁ ବର୍ଷ ୨୦୨୬ରେ ଭାରତୀୟ ସେୟାର ବଜାର ଚମକିବ।

## ୨୦୦ କମ୍ପାନୀ ଆଣିବେ ଆଇପିଓ

ଆସନ୍ତା ବର୍ଷ ପୁଞ୍ଜି ବଜାରରେ ପ୍ରାରମ୍ଭିକ ପବ୍ଲିକ୍ ଅଫର(ଆଇପିଓ) ର ଲମ୍ବା ଧାଡି ଲାଗିବ। ୮୮ଟି କମ୍ପାନୀ ପ୍ରାୟ ୧.୧୬ ଲକ୍ଷ କୋଟି ଟଙ୍କାର ଆଇପିଓ ଆଣିବାକୁ ବଜାର ନିୟାମକ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ର ଅନୁମୋଦନ ଲାଭ କରିଛନ୍ତି, ଯେତେବେଳେ କି ଅନ୍ୟ ୧୦୪ଟି କମ୍ପାନୀ ପ୍ରାୟ ୧.୪ ଲକ୍ଷ କୋଟି ସଂଗ୍ରହ କରିବା ପାଇଁ ଅନୁମୋଦନ ଅପେକ୍ଷାରେ ରହିଛନ୍ତି। ଏହାର ଅର୍ଥ ହେଉଛି ପ୍ରାୟ ୨୦୦ କମ୍ପାନୀ ୨୦୨୬ରେ ଭାରତୀୟ ବଜାରରେ ଆଇପିଓ ଆଣିବାକୁ ପ୍ରସ୍ତୁତ ଅଛନ୍ତି।




## ଆହୁରି ଦୁର୍ବଳ ହେବ ଟଙ୍କା

ବଜାର ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି ଯେ, ବର୍ଷ ୨୦୨୬ରେ ଭାରତୀୟ ମୁଦ୍ରା 'ଟଙ୍କା' ଏକ କଠିନ ଆହ୍ୱାନର ସମ୍ମୁଖୀନ ହେବ, ଯାହା ଆମେରିକୀୟ ଡଲାର ତୁଳନାରେ ଆହୁରି ଦୁର୍ବଳ ହେବାର ସମ୍ଭାବନା ରହିଛି। ଯଦିଓ ୨୦୨୫ ରେ ଟଙ୍କାର ବିନିମୟ ମୂଲ୍ୟରେ ୬୦% ହ୍ରାସ ଘଟିଛି, ତଥାପି ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି, କମ ମୁଦ୍ରାସ୍ଫୀତି ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପ ଭାରତୀୟ ମୁଦ୍ରାକୁ ଅଧିକ ଅବମୂଲ୍ୟାୟନରୁ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ଯଦଇଛି। ପୂର୍ବାନୁମାନ ସୂଚାଉଛି ଯେ ୨୦୨୬ ଶେଷ ସୁଦ୍ଧା ଟଙ୍କା ମୂଲ୍ୟ ଡଲାର ପିଛା ଅତି କମ୍‌ରେ ୯୫ ଟଙ୍କା ସ୍ତର ପର୍ଯ୍ୟନ୍ତ ଖସିଯାଇପାରେ।





## ଟ୍ରିଲିୟନେୟାର ହେବେ ଏଲନ୍ ମସ୍କ

ଆମେରିକୀୟ ଶିଳ୍ପପତି ଏଲନ୍ ମସ୍କଙ୍କର ମୋଟ ସମ୍ପତ୍ତି ବଢ଼ି ୭୫୦ ବିଲିୟନ ଡଲାର ଅତିକ୍ରମ କରିଛି। ସେ ବିଶ୍ୱର ପ୍ରଥମ ଟ୍ରିଲିୟନେୟାର ହେବାକୁ ଯାଉଛନ୍ତି। ତାଙ୍କର ମୋଟ ସମ୍ପତ୍ତି ଭାରତର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାର ଠାରୁ ମଧ୍ୟ ଅଧିକ। ତେବେ ଭାରତର ଏକ ନମ୍ବର ଧନୀ ମୁକେଶ ଅମ୍ବାନୀଙ୍କର ମୋଟ ସମ୍ପତ୍ତି ୧୧୬ ବିଲିୟନ୍ ଡଲାର(୯.୫୫ ଲକ୍ଷ କୋଟି ଟଙ୍କା) ଏବଂ ଦ୍ୱିତୀୟରେ ଥିବା ଗୌତମ ଆଦାନୀଙ୍କ ସମ୍ପତି ପରିମାଣ ୧.୫ ବିଲିୟନ୍ ଡଲାର(୫୨,୪୦୦ କୋଟି ଟଙ୍କା) ରହିଛି।





## ବଢ଼ିବ ଦରଦାମ୍

୨୦୨୬ରେ ଭାରତ ବଜାରରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ବିଶେଷକରି ମୋବାଇଲ୍ ରିଚାର୍ଜ ମହଙ୍ଗା ହେବ। ରିଲାଏନ୍ସ ଜିଓ, ଏୟାରଟେଲ୍ ଏବଂ ଭୋଡାଫୋନ୍ ଆଇଡିଆ ଭଳି କମ୍ପାନୀଗୁଡ଼ିକ ୧୬-୨୦% ଶୁଳ୍କ ବୃଦ୍ଧି କରିପାରନ୍ତି, ଯାହା ୪ଜି/୫ଜି ପ୍ଲାନ୍‌କୁ ଅଧିକ ମହଙ୍ଗା କରିବ। ଅପରପକ୍ଷେ ନୂଆ ବର୍ଷରେ ରିଅଲ ଇଷ୍ଟେଟ୍ ବଜାର ମହଙ୍ଗା ହେବ। କାରଣ ଆବାସିକ ଗୃହ କ୍ଷେତ୍ରରେ ପ୍ରବଳ ଚାହିଦା ଯୋଗୁଁ ଡେଭଲପରମାନେ ମୂଲ୍ୟରେ ୫-୧୦% କିମ୍ବା ଅଧିକ ବୃଦ୍ଧି ଆଶା କରୁଛନ୍ତି।



## ସକାରାତ୍ମକ ରହିବ ନିଯୁକ୍ତି କ୍ଷେତ୍ର


୨୦୨୬ ମସିହାରେ ଭାରତର ନିଯୁକ୍ତି କ୍ଷେତ୍ରର ସକାରାତ୍ମକ ରହିବ। ଏଥିରେ ହାୟରିଂ ରେଟ୍ ୧୧%ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏଥିରେ ଅଭିଜ୍ଞ ବୃତ୍ତିଗତ ଏବଂ ଟିୟର-୨ ସହର ପାଇଁ ସୁଯୋଗ ବୃଦ୍ଧି ପାଇବ। ଏଆଇ, ଡାଟା ସାଇନ୍ସ ଏବଂ ସାଇବର ସୁରକ୍ଷା ଭଳି କ୍ଷେତ୍ରଗୁଡ଼ିକରେ ଚାହିଦା ବୃଦ୍ଧି ପାଇବ। ବର୍ଷ ୨୦୨୬ରେ କର୍ମଚାରୀଙ୍କ ଦରମାରେ ୯% ଅଭିବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି। ୨୦୨୬ରେ ଭାରତର ଚାକିରି ବଜାର ଏଆଇ ଏବଂ ଡିଜିଟାଲ ପରିବର୍ତ୍ତନ ସହିତ ଦ୍ରୁତ ଗତିରେ ଆଗକୁ ବଢ଼ିବ। ବିଶେଷଜ୍ଞମାନେ ପ୍ରଯୁକ୍ତିବିଦ୍ୟା, ସବୁଜ ଭିତ୍ତିଭୂମି, କ୍ୱିକ୍ କମର୍ସ ଏବଂ ପ୍ରିସିସନ୍ ମାନୁଫାକ୍ଚରିଂ ଭଳି କ୍ଷେତ୍ରଗୁଡ଼ିକରେ ଚାହିଦାରେ ଉଲ୍ଲେଖନୀୟ ବୃଦ୍ଧି ହେବ ବୋଲି ପୂର୍ବାନୁମାନ କରିଛନ୍ତି।





## ବିଜୟ ହଜାରେ ଟ୍ରଫି

# ଗୋବିନ୍ଦଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ; ଓଡ଼ିଶା ବିଜୟୀ



ପୁରସ୍କାର ସହ ଗୋବିନ୍ଦ ପୋଦ୍ଦାର


ଓମ୍ ଟି. ମୁଣ୍ଡେ

କଟକ,୨୯।୧୨(ସମିସ): ଗୋବିନ୍ଦ ପୋଦ୍ଦାରଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଓଡ଼ିଶା ୬ ୱିକେଟରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି। ଆନ୍ଧ୍ରପ୍ରଦେଶ ପକ୍ଷରୁ ଧାର୍ଯ୍ୟ ୨୨୨ରନର ବିଜୟ ଲକ୍ଷ୍ୟକୁ ପିଛା କରି ଓଡ଼ିଶା ୪୩.୪ ଓଭରରେ ବିଜୟୀ ହୋଇଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ଗୋବିନ୍ଦ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଚଳିତ ବିଜୟ ହଜାରେ ଟ୍ରଫିରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଥିବା ଓଡ଼ିଶା ଗ୍ରୁପ-ଡି ଟେବଲର ଦ୍ୱିତୀୟ ସ୍ଥାନ ବଜାୟ ରଖିଛି। ଦଳ ୩ଟି ମ୍ୟାଚ୍‌ରୁ ଗୋଟିଏ ପରାଜୟ ଏବଂ ୨ଟି ବିଜୟ ସହ ୮ ପଏଣ୍ଟ ସଂଗ୍ରହ କରିଛି। ଟ୍ରଫି ଆରମ୍ଭରୁ ଦଳୀୟ ପ୍ରଦର୍ଶନ ପ୍ରଭାବଶାଳୀ ରହିଥିବା ବେଳେ ଆଗାମୀ ୩୧ ତାରିଖରେ ୪ର୍ଥ ଲିଗ୍‌ରେ ଓଡ଼ିଶା ଗ୍ରୁପର ଶୀର୍ଷ ସ୍ଥାନରେ ରହିଥିବା ଦିଲ୍ଲୀକୁ ଭେଟିବ।

ଅଲୁର କ୍ରିକେଟ ଗ୍ରାଉଣ୍ଡରେ ଆଜି ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ଟସ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଓଡ଼ିଆ ସ୍ପିଡଷ୍ଟର ତଥା ପୂର୍ବ ମ୍ୟାଚ୍‌ର ହ୍ୟାଟ୍ରିକ ୱିକେଟ ଦଖଲକାରୀ ରାଜେଶ ମହାନ୍ତି ପ୍ରଥମ ଓଭରରେ ଦଳକୁ ସଫଳତା ଦେଇଥିଲେ। ଓପନର ଅଶ୍ୱିନ ହେବରଙ୍କୁ ସେ ୨ରନରେ କ୍ଲିନ ବୋଲ୍ଡ କରିଥିଲେ। ପ୍ରାରମ୍ଭିକ ସଫଳତା ଓଡ଼ିଶା ଶିବିରରେ ଉତ୍ସାହ ଭରିଥିଲା। ୱିକେଟ କିପର ତଥା ଅନ୍ତର୍ଜାତୀୟ ଖେଳାଳି ଶ୍ରୀକର ଭଗତ(୩୨ରନ), ଆଇପିଏଲ ତାରକା ସେଖ୍ ରସିଦ(୨୦ରନ), ଅଧିନାୟକ ନୀତିଶ କୁମାର ରେଡ୍ଡୀ(୬ରନ) ଓ ରିକି ଭୁଇ(୧୮ରନ) ବଡ ଇନିଂସ୍ ଖେଳିବାରେ ଫେଲ୍ ମାରିବାରୁ ଆନ୍ଧ୍ରପ୍ରଦେଶ ବଡ ସ୍କୋର କରିବାର ଆଶା ମଉଳିଥିଲା। ମଧ୍ୟକ୍ରମରେ ଏସ୍ ପ୍ରସାଦ ୬୬ରନ ଏବଂ ନିମ୍ନକ୍ରମର ଖେଳାଳି ସୌରଭ କୁମାର ଦ୍ରୁତ ୪୬ରନ ସଂଗ୍ରହ କରିବା ଯୋଗୁଁ ଆନ୍ଧ୍ରପ୍ରଦେଶର ସ୍କୋର ୨୦୦ ଟପିଥିଲା।

ଦଳ ସମସ୍ତ ୱିକେଟ ହରାଇ ୨୨୧ରନ ସଂଗ୍ରହ କରିଥିଲା। ତେବେ ଓଡ଼ିଶା ପକ୍ଷରୁ ଦୁଇ ଅଭିଜ୍ଞ ୩ଟି ଲେଖାଏ ୱିକେଟ ବାଣ୍ଟି ନେଇଥିଲେ। ଅଧିନାୟକ ବିପ୍ଳବ ଏବଂ ଗୋବିନ୍ଦ ଉଭୟ ୩୬ରନ ଲେଖାଏ ବ୍ୟୟ କରି ଏହି ସଫଳତା ପାଇଥିଲେ। ଅବଶିଷ୍ଟ ୪ ୱିକେଟ ଓଡ଼ିଶାର ୪ ପେସ ବୋଲର ରାଜେଶ, ସମ୍ବିତ ବରାଳ, ଦେବବ୍ରତ ପ୍ରଧାନ ଏବଂ ବାଦଲ ବିଶ୍ୱାଳଙ୍କୁ ମିଳିଥିଲା। ୨୨୨ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଓଡ଼ିଶାକୁ ପ୍ରଥମ ବଲ୍‌ରେ ଝଟକା ଲାଗିଥିଲା।

ସୌରାଷ୍ଟ୍ର ବିପକ୍ଷରେ ଦ୍ୱିଶତକ ହାସଲ କରି ଚର୍ଚ୍ଚାକୁ ଆସିଥିବା ସ୍ୱସ୍ତିକ ସାମଲ ଖାତା ଖୋଲିବା ଆଗରୁ ଆନ୍ଧ୍ର ଅଧିନାୟକ ନୀତିଶଙ୍କ ଶିକାର ହୋଇଥିଲେ। ଦ୍ୱିଶତକୀୟ ପାଳି ପରେ ସ୍ୱସ୍ତିକଙ୍କ ଏହା ଲଗାତର ଦ୍ୱିତୀୟ ଡକ୍। ସର୍ଭିସେସ ବିପକ୍ଷ ଗତ ମ୍ୟାଚ୍‌ରେ ମଧ୍ୟ ସ୍ୱସ୍ତିକ ଶୂନରେ ଆଉଟ ହୋଇଥିଲେ। ପରେ ସନ୍ଦୀପ ପଟ୍ଟନାୟକ ୧୯ରନରେ ପ୍ୟାଭିଲିୟନ ଫେରିଥିଲେ। ୩୧ରନରେ ଦଳ ପ୍ରଥମ ଦୁଇ ୱିକେଟ ହରାଇଥିଲା। ଅଭିଜ୍ଞ ଗୋବିନ୍ଦ ଏବଂ ନବାଗତ ଓମ ଟି ମୁଣ୍ଡେ ୧୬୬ରନର ଭାଗିଦାରୀ ସୃଷ୍ଟି କରି ଓଡ଼ିଶାକୁ ବିଜୟ ନିକଟତର କରାଇଥିଲେ। ମାତ୍ର ଦୁର୍ଭାଗ୍ୟବଶତଃ ଉଭୟ ଶତକୀୟ ପାଳିରୁ ବଞ୍ଚିତ ହୋଇଥିଲେ। ଗୋବିନ୍ଦ ୮୯ରନ ଏବଂ ଓମ୍ ୯୧ରନରେ ଆଉଟ ହୋଇଥିଲେ। ୱିକେଟ କିପର ଆଶୀର୍ବାଦ ସ୍ୱାଇଁ ୧୧ରନ ଓ ଅଧିନାୟକ ବିପ୍ଳବ ୭ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ।

● ଅଭିଷେକଙ୍କ ଅଲରାଉଣ୍ଡ ପ୍ରଦର୍ଶନ କାମ ଦେଲାନି

## ଉତ୍ତରାଖଣ୍ଡ, ଆସାମ ବିଜୟୀ

ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି): ଆଜି ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ମଧ୍ୟରେ ଉତ୍ତରାଖଣ୍ଡ ଶକ୍ତିଶାଳୀ ପଞ୍ଜାବକୁ ୫ ୱିକେଟରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ବିସ୍ଫୋରକ ଓପନର ଅଭିଷେକ ଶର୍ମା ୨୬ବଲ୍‌ରୁ ୩୦, ପ୍ରଭସିମରନ ସିଂହ ୨୮, ଅନ୍‌ମୋଲପ୍ରୀତ୍ ସିଂହ ୨୧ ଓ ନମନ ଧୀର ୩ ରନ୍‌ରେ ଆଉଟ ହୋଇଥିଲେ। ତେବେ ସଲିଲ ଅରୋରାଙ୍କ ୬୫ ଓ କ୍ରିସ୍ ଭଗତଙ୍କ ୫୧ରନ୍ ବଳରେ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୨୬୯ ରନ୍ କରିଥିଲା। ଜବାବରେ ଅଧିନାୟକ କୁନାଲ ଚାଣ୍ଡେଲାଙ୍କ ୧୧୮ ଓ ଶାଶ୍ୱତ ଡାଙ୍ଗୱାଲଙ୍କ ୩୮ ବଲ୍‌ରୁ ଅପରାଜିତ ୫୧ ରନ୍ ବଳରେ ଉତ୍ତରାଖଣ୍ଡ ୧୪ଟି ବଲ ଓ ୫ ୱିକେଟ ବାକିଥାଇ ମ୍ୟାଚ୍ ଜିତିନେଇଥିଲା। ଅଭିଷେକ ଓ ଗୁରନୁର ବ୍ରାର ୨ଟି ଲେଖାଏଁ ୱିକେଟ ପାଇଥିଲେ। ଅନ୍ୟ ଏକ ହାଇସ୍କୋରିଂ ମ୍ୟାଚ୍‌ରେ ଆସାମ ୪ ୱିକେଟରେ ହାଇଦରାବାଦ୍‌କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ହାଇଦରାବାଦ୍ ୮ ୱିକେଟରେ ୩୧୦ ରନ୍ କରିଥିଲା। ଅବ୍‌ଦୁଲ ଅଜିଜ୍ ୩ଟି, ସ୍ୱରୂପମ ପୁରକାୟସ୍ଥ ଓ ଶିବଶଙ୍କର ରାୟ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଶିବଶଙ୍କରଙ୍କ ୧୧୨ ଓ ସୌରବ ଡ଼ିଙ୍ଗିଆଙ୍କ ୯୧ ରନ୍ ସହାୟତାରେ ଆସାମ ଶେଷ ଓଭରରେ ୬ ୱିକେଟ ହରାଇ ମ୍ୟାଚ୍ ଜିତିନେଇଥିଲା।

## ରାମକୃଷ୍ଣ ଘୋଷଙ୍କ ୭ ୱିକେଟ ଅକ୍ତିଆର ବ୍ୟର୍ଥ; ମହାରାଷ୍ଟ୍ର ପରାସ୍ତ

ଜୟପୁର,୨୯।୧୨(ଏଜେନ୍ସି): ସ୍ଥାନୀୟ ସୱାଇ ମାନସିଂ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ହିମାଚଳ ପ୍ରଦେଶ ୭ ରନ୍‌ରେ ଶକ୍ତିଶାଳୀ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପୁଖରାଜ ମାନଙ୍କ ୧୧୦ ଓ ଫାଷ୍ଟ ବୋଲର ବୈଭବ ଅରୋରାଙ୍କ ୪୦ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ହିମାଚଳ ପ୍ରଦେଶ ୨୭୧ ରନ୍ କରିଥିଲା। ମହାରାଷ୍ଟ୍ର ପକ୍ଷରୁ ମିଡିୟମ୍ ପେସ୍ ବୋଲର ରାମକ୍ରିଷ୍ଣ ଘୋଷ ୭ଟି ୱିକେଟ ନେଇଥିଲେ। ଜବାବରେ ଋତୁରାଜ ଗାଏକ୍ୱାଡଙ୍କ ନେତୃତ୍ୱରେ ଖେଳୁଥିବା ମହାରାଷ୍ଟ୍ର ୨୬୪ ରନ୍ କରିବାକୁ ସମର୍ଥ ହୋଇଥିଲା। ଅଙ୍କିତ ବାୱନେ ୯୭, ନିଖିଲ ନାଏକ ୩୯ ଓ ଗାଏକ୍ୱାଡ୍ ୨୮ ରନ୍ କରିଥିଲେ। ଏହା ଫଳରେ ଘୋଷଙ୍କ ବୋଲିଂ ପ୍ରଦର୍ଶନ ବ୍ୟର୍ଥ ହୋଇଥିଲା।



## ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍

# ବିଶ୍ରାମ ନେଇପାରନ୍ତି ବୁମ୍‌ରା, ପାଣ୍ଡ୍ୟା




ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ଆସନ୍ତାବର୍ଷ ଟି-୨୦ ବିଶ୍ୱକପ୍ କ୍ରିକେଟ ଖେଳାଯିବ। ଡିଫେଣ୍ଡିଂ ଚାମ୍ପିଅନ ଭାରତ ଏହି ଟୁର୍ଣ୍ଣାମେଣ୍ଟକୁ ଜିତିବା ଲାଗି ସମସ୍ତ ପ୍ରକାର ଯୋଜନା କରିଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଟି-୨୦ ଦଳରୁ ବାଦ୍ ଦେବା। ବିଶ୍ୱର ଏହି ମେଗା ଇଭେଣ୍ଟ ପୂର୍ବରୁ ନ୍ୟୁଜିଲାଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ଆଗୁଆ ଦଳ ଘୋଷଣା କରାଯାଇଛି ଓ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି। କିନ୍ତୁ ନ୍ୟୁଜିଲାଣ୍ଡ ସହ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ। ଏଥିଲାଗି ଭାରତୀୟ ଦଳ ଜାନୁଆରୀ ୩,୪ କିମ୍ବା ୫ ତାରିଖରେ ଘୋଷଣା କରାଯିବ। ଟି-୨୦ ଟୁର୍ଣ୍ଣାମେଣ୍ଟର ଦୁଇ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଆହତ ପରେ ଖେଳୁଥିବାରୁ ସେମାନଙ୍କୁ ଦିନିକିଆ ସିରିଜ୍‌ରେ ବିଶ୍ରାମ ଦେବା ଲାଗି ଯୋଜନା ହୋଇଛି। ଉଭୟ ଖେଳାଳି ଦିନିକିଆ ଦଳରୁ ବାଦ୍ ପଡ଼ିବା ବା ଅନ୍ୟ ପକ୍ଷରେ ବିଶ୍ରାମ ନେବା ନିଶ୍ଚିତ ବୋଲି ବିସିସିଆଇର ଏକ ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଦିନିକିଆ ସିରିଜ୍‌ର ମ୍ୟାଚ୍‌ଗୁଡ଼ିକ ବରୋଦାରେ ଜାନୁଆରୀ ୧୧, ରାଜକୋଟରେ ଜାନୁଆରୀ ୧୩ ଓ ଇନ୍ଦୋରରେ ଜାନୁଆରୀ ୧୮ରେ ଖେଳାଯିବ। ଦୁଇ ବରିଷ୍ଠ ଖେଳାଳି ବିଶ୍ରାମ ନେଲେ ନ୍ୟୁଜିଲାଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଖେଳିବା ସହଜ ହେବ ବୋଲି ବିସିସିଆଇ ଆଶା କରୁଛି।

● ଟି-୨୦ କ୍ରିକେଟରେ ଶ୍ରେଷ୍ଠ ବୋଲିଂ

## ଗୋଟିଏ ମ୍ୟାଚ୍‌ରେ ସୋନମ ନେଲେ ୮ ୱିକେଟ

ଗେଲେଫୁ,୨୯।୧୨(ଏଜେନ୍ସି): ଗୋଟିଏ ମ୍ୟାଚ୍‌ରେ ୮ ୱିକେଟ ନେଇ ଭୂଟାନର ସୋନମ ୟେଶି ବିଶ୍ୱରେକର୍ଡ କରିଛନ୍ତି। ବିଶ୍ୱ ଟି-୨୦ କ୍ରିକେଟରେ ଏହା ସର୍ବଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ ଓ ୮ ୱିକେଟରେ ନେବାରେ ପ୍ରଥମ ବୋଲର। ଭୂଟାନର ଏହି ବାମହାତୀ ସ୍ପିନର ମିଆଁମାର ବିପକ୍ଷ ଦ୍ୱିପାକ୍ଷିକ ଶୃଙ୍ଖଳାରେ ସେ ମାତ୍ର ୭ ରନ୍ ଦେଇ ସର୍ବାଧିକ ୮ଟି ୱିକେଟ ନେଇଥିଲେ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭୂଟାନ ୯ ୱିକେଟରେ ୧୨୭ ରନ୍ କରିଥିଲା। ଜବାବରେ ସୋନମଙ୍କ ଯାଦୁକରୀ ବୋଲିଂ ଯୋଗୁଁ ମିଆଁମାର ମାତ୍ର ୪୫ ରନ୍‌ରେ ଅଲଆଉଟ ହୋଇଥିଲା। ଅନ୍ତର୍ଜାତୀୟ ଟି-୨୦ରେ ଏଯାଏ ୨ଜଣ ବୋଲର ଗୋଟିଏ ମ୍ୟାଚ୍‌ରେ ୭ଟି ଲେଖାଏଁ ୱିକେଟ ନେଇଛନ୍ତି। ସେମାନେ ହେଲେ ଚୀନ୍ ବିପକ୍ଷରେ ସ୍ୟାଜରୁଲ ଇଦ୍ରୁସ ଓ ଭୂଟାନ ବିପକ୍ଷରେ ବାହାରିନ୍‌ର ଅଲି ଦାଉଦ୍। ଘରୋଇ କ୍ରିକେଟରେ ଲିସେଷ୍ଟରସରର କଲିନ୍ ଆକରମ୍ୟାନ୍ ଓ ବାଂଲା ପ୍ରିମିୟର ଲିଗ୍‌ରେ ତସ୍କିନ ଅହମ୍ମଦ୍ ଓ ମହିଳା କ୍ରିକେଟରେ ଇଣ୍ଡୋନେସିଆର ରୋହମିଲା ଗୋଟିଏ ମ୍ୟାଚ୍‌ରେ ୭ଟି ଲେଖାଏଁ ୱିକେଟ ନେଇଛନ୍ତି।




## ମେଲ୍‌ବୋର୍ଣ୍ଣ ପିଚ୍ ଟେଷ୍ଟ ଲାଗି ଅନୁପଯୁକ୍ତ

ମେଲବୋର୍ଣ୍ଣ,୨୯।୧୨(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ର ପିଚ୍‌କୁ ଖରାପ ରେଟିଂ ଦେଇଛି। ଏହି ପିଚ୍ ଟେଷ୍ଟ ମ୍ୟାଚ୍ ଲାଗି ଅନୁପଯୁକ୍ତ ବୋଲି ଆଇସିସି କହିଛି। କିନ୍ତୁ ସମାନ ୨ ଦିନରେ ଶେଷ ହୋଇଥିବା ପର୍ଥ ପିଚ୍‌କୁ ଅତି ଉତ୍ତମ ରେଟିଂ ପ୍ରଦାନ କରିଛି। ମ୍ୟାଚ୍ ରେଫରୀ ଜେଫ କ୍ରୋ ଏଥିପାଇଁ ଏମ୍‌ସିଜିକୁ ଏକ ଡିମେରିଟ୍ ପଏଣ୍ଟ ପ୍ରଦାନ କରିଛି। ଉଲ୍ଲେଖଥାଉ କି, ଏମସିଜିରେ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଆସେସ୍ ସିରିଜର ଚତୁର୍ଥ ଟେଷ୍ଟ ମାତ୍ର ଦୁଇଦିନ ମଧ୍ୟରେ ସମାପ୍ତ ହୋଇଥିଲା ଓ ଏଥିରେ ଇଂଲଣ୍ଡ ୪ ୱିକେଟରେ ବାଜି ମାରିଥିଲା। ଏହି ମ୍ୟାଚ୍ ମାତ୍ର ୮୫୨ଟି ବଲ୍ ଖେଳାଯିବା ସହ ଶେଷ ହୋଇଥିଲା। ଆସେସର ୧୪୩ ବର୍ଷ ଇତିହାସରେ ଏହା ଚତୁର୍ଥ ଛୋଟ ଟେଷ୍ଟର ଅଲୋଡା ମାନ୍ୟତା ପାଇଥିଲା। ୨୦୨୩ରେ ନୂଆ ପିଚ୍ ଗ୍ରେଡିଂ ପ୍ରଣାଳୀ ଲାଗୁ ହେବା ପରେ ପ୍ରଥମଥର ପାଇଁ କୌଣସି ଅଷ୍ଟ୍ରେଲିଆ ପିଚ୍ ତଥା ପଡିଆକୁ ଦଣ୍ଡିତ କରାଯାଇଛି। ଯଦି କୌଣସି ପିଚ୍‌କୁ ୫ ବର୍ଷରେ ୬ ଡିମେରିଟ ପଏଣ୍ଟ ମିଳେ ତେବେ ସେହି ପିଚ୍‌କୁ ୧୨ ମାସ ପାଇଁ ନିଷିଦ୍ଧ କରାଯିବାର ନିୟମ ରହିଛି। କିନ୍ତୁ ଏମ୍‌ସିଜିର ମାମଲାରେ ଏପରି ହେବାର ଆଶଙ୍କା କମ୍ ରହିଛି।

## ମହିଳା ହକି ଇଣ୍ଡିଆ ଲିଗ୍: ବେଙ୍ଗଲ ଟାଇଗର୍ସର ବିଜୟ

ରାଞ୍ଚି,୨୯।୧୨(ଏଜେନ୍ସି): ଶ୍ରାଚି ବେଙ୍ଗଲ ଟାଇଗର୍ସ ବିଜୟରୁ ମହିଳା ହକି ଇଣ୍ଡିଆ ଲିଗ୍-୨୦୨୫ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ଜୟପାଲ ସିଂ ମୁଣ୍ଡା ଆଷ୍ଟ୍ରୋଟର୍ଫ ଷ୍ଟାଡିୟମ୍‌ରେ ସୋମବାର ଅନୁଷ୍ଠିତ ମୁକାବିଲାରେ ବେଙ୍ଗଲ ଟାଇଗର୍ସ ୧-୦ ଗୋଲରେ ସୁର୍‌ମା ହକି କ୍ଲବ୍‌କୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଖେଳର ୧୧ତମ ମିନିଟ୍‌ରେ ଅଗଷ୍ଟିନା ଗୋଜେଲାନି ଏହି ଗୋଲଟି ସ୍କୋର କରିଥିଲେ। ସୁର୍‌ମା ହକି କ୍ଲବ୍ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ବେଙ୍ଗଲ ଟାଇଟର୍ଗ ରକ୍ଷଣଭାଗକୁ ଅତିକ୍ରମ କରିବାରେ ଅସମର୍ଥ ହୋଇଥିଲା। ଗତକାଲି ଉଦ୍‌ଘାଟନୀ ମୁକାବିଲାରେ ରାଞ୍ଚି ରୟାଲ୍ସକୁ ୨-୦ ଗୋଲରେ ପରାସ୍ତ କରି ଏସ୍‌ଜି ପାଇପର୍ସ ବିଜୟୀ ହୋଇଥିଲା। ଆସନ୍ତାକାଲି ରାଞ୍ଚି ରୟାଲ୍ସ ଓ ବେଙ୍ଗଲ ଟାଇଗର୍ସ ମଧ୍ୟରେ ମୁକାବିଲା ହେବ।

## ଉତ୍ତରପୂର୍ବ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ

## କିଟ୍‌ର ମଗନ୍ତି କୀର୍ତ୍ତିଙ୍କୁ ରୌପ୍ୟ



ଭୁବନେଶ୍ୱର,୨୯।୧୨(ସମିସ): ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଗତ ୨୬ ତାରିଖଠାରୁ ଚାଲିଥିବା ଉତ୍ତରପୂର୍ବ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ପ୍ରତିଯୋଗିତାରେ କିଟ୍‌ର ଏମ୍‌କମ୍ ପ୍ରଥମ ବର୍ଷ ଛାତ୍ରୀ ମଗନ୍ତି କୀର୍ତ୍ତି ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ଡିସେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ମଗନ୍ତି ୮୬ କେଜି ଓଜନ ବର୍ଗରେ ଭାଗ ନେଇ ସ୍ନାଚ୍‌ରେ ୮୧ ଓ କ୍ଲିନ ଆଣ୍ଡ ଜର୍କରେ ୧୦୬ କେଜି, ଏହି ଭଳି ଭାବେ ମୋଟ୍ ୧୮୭ କେଜି ଉଠାଇ ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ହାସଲ କରିଛନ୍ତି। ପୂର୍ବରୁ ସେ ହାସଲ କରିଥିବା ଶ୍ରେଷ୍ଠ ପ୍ରଦର୍ଶନ ଠାରୁ ସେ ଏଥର ଅଧିକ ୪ କେଜି ଉଠାଇଛନ୍ତି। ତେଣୁ ତାଙ୍କ ପାଇଁ ଏହି ପଦକ ବିଶେଷ ଗୁରୁତ୍ୱବହନ କରୁଛି। ପୂର୍ବରୁ ସେ ଗତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ।

## ରାଜ୍ୟ ତୀରନ୍ଦାଜୀ ପ୍ରତିଯୋଗିତା ଉଦ୍‌ଯାପିତ

# ବୀରଭଦ୍ରମ୍ ଓ ଦିବ୍ୟାଂଶୀ ଶ୍ରେଷ୍ଠ

 କଟକ,୨୯।୧୨(ସମିସ): ଓଡ଼ିଶା ତୀରନ୍ଦାଜ ସଂଘ ଏବଂ କଟକ ଜିଲ୍ଲା ତୀରନ୍ଦାଜ ସଂଘ ମିଳିତ ଆନୁକୂଲ୍ୟରେ କୁରାଙ୍ଗ ଶାସନ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ତୀରନ୍ଦାଜୀ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୧୦ବର୍ଷ, ୧୩ବର୍ଷ ଏବଂ ୧୫ବର୍ଷରୁ କମ୍ ବୟସ ବର୍ଗର ୨୫୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ୧୩ବର୍ଷରୁ କମ୍ କମ୍ପାଉଣ୍ଡ ବାଳକ ବିଭାଗରେ ସୁନ୍ଦରଗଡର ମଙ୍ଗଲ ସିଂହ ବାନାରା, ବାଳିକା ବିଭାଗରେ କେନ୍ଦୁଝରର ଜଗଜ୍ୟୋତି ମହାନ୍ତ, ଇଣ୍ଡିଆନ ରାଉଣ୍ଡ ବାଳକ ବିଭାଗରେ ମୟୂରଭଞ୍ଜର ଜୟଦେବ ମହନ୍ତ, ବାଳିକା ବିଭାଗରେ ସମ୍ବଲପୁରର ଅନ୍ୱେଷା ଦେହୁରୀ, ରିକର୍ଭ ରାଉଣ୍ଡ ବାଳକ ବିଭାଗରେ କଟକର ଅମନ ନାୟକ, ବାଳିକା ବିଭାଗରେ କିସ୍‌ର ସୁଦୀକ୍ଷା ସ୍ୱାଇଁ, ୧୦ବର୍ଷରୁ କମ୍ ଇଣ୍ଡିଆନ ରାଉଣ୍ଡ ବାଳକ ବିଭାଗରେ କେନ୍ଦୁଝରର ଡିଡି ବୀରଭଦ୍ରମ, ବାଳିକା ବିଭାଗରେ ସୁନ୍ଦରଗଡର ଦିବ୍ୟାଂଶୀ ନାୟକ, ରିକର୍ଭ ରାଉଣ୍ଡ ବାଳକ ବିଭାଗରେ କଟକର ବୈଭବ କୁମାର ଷଡ଼ଙ୍ଗୀ, ବାଳିକା ବିଭାଗରେ ସାଲଭୀ ସାହୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ୧୫ବର୍ଷରୁ କମ୍ କମ୍ପାଉଣ୍ଡ ବାଳକ ବିଭାଗରେ କିସ୍‌ର ରେହାନ ହାଁସଦା, ବାଳିକା ବିଭାଗରେ କେନ୍ଦୁଝରର ମୋନାଲିସା ନାୟକ, ଇଣ୍ଡିଆନ ରାଉଣ୍ଡ ବାଳକ ବିଭାଗରେ କଳାହାଣ୍ଡିର ତରୁଣ କୁମାର ମାଝୀ, ବାଳିକା ବିଭାଗରେ ସୁନ୍ଦରଗଡର ସଞ୍ଜଲୀ ଓରାମ, ରିକର୍ଭ ବାଳକ ବିଭାଗରେ କେନ୍ଦୁଝରର ଭଗବତ ବଳିଆରସିଂହ, ବାଳିକା ବିଭାଗରେ ମୟୂରଭଞ୍ଜର ଶୁଭାଙ୍ଗୀ ଗନ୍ତାୟତ ସ୍ୱର୍ଣ୍ଣ ବିଜୟୀ ହୋଇଛନ୍ତି। ପ୍ରତିଯୋଗିତାର ଶ୍ରେଷ୍ଠ ବାଳକ ତୀରନ୍ଦାଜ ଭାବେ କେନ୍ଦୁଝରର ଡିଡି ବୀରଭଦ୍ରମ୍‌ଙ୍କୁ ନରସିଂହ ପ୍ରତିହାରୀ ଟ୍ରଫି ଏବଂ ଶ୍ରେଷ୍ଠ ବାଳିକା ତୀରନ୍ଦାଜ ଭାବେ ସୁନ୍ଦରଗଡର ଦିବ୍ୟାଂଶୀ ନାୟକଙ୍କୁ ବିଦୁଲତା ପ୍ରତିହାରୀ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଧାୟକ ଛବି ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ୧୩ ବର୍ଷରୁ କମ୍ ରାଜ୍ୟ ଓପନ୍ ଚେସ୍

# ସ୍ୱସ୍ତିକ ଚାମ୍ପିଅନ

ଭୁବନେଶ୍ୱର,୨୯।୧୨(ସମିସ): ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ବଡ଼ଗଡ଼ କେନାଲ ରୋଡସ୍ଥିତ ଓମ ଗୁରୁକୂଳ ପବ୍ଲିକ ସ୍କୁଲ୍‌ରେ ଅନୁଷ୍ଠିତ ୧୩ ବର୍ଷରୁ କମ୍ ରାଜ୍ୟ ଓପନ୍ ଚେସ୍ ଟୁର୍ଣ୍ଣାମେଣ୍ଟରେ କେନ୍ଦ୍ରୀୟ ବିଦ୍ୟାଳୟ-୧ର ସ୍ୱସ୍ତିକ ତ୍ରିପାଠୀ ପଞ୍ଚମ ତଥା ଚୂଡାନ୍ତ ରାଉଣ୍ଡ ଶେଷ ସୁଦ୍ଧା ସର୍ବାଧିକ ୪.୫ ପଏଣ୍ଟ ହାସଲ କରି ଟାଇଟଲ ହାସଲ କରିଛନ୍ତି। ସେହିପରି ଖଣ୍ଡଗିରି ସେଣ୍ଟ ଜାଭିଏର ସ୍କୁଲର ଓମ ଶତପଥୀ, କଟକର ନିରେକ ପରିଡା, ଆୟୁଷ ପରିଡା, ନୋଇଡା ସରାଂଶ ମିଶ୍ର ୪ ଲେଖାଏ ପଏଣ୍ଟ ହାସଲ କରି ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଓମ ଗୁରୁକୂଳ ପବ୍ଲିକ ସ୍କୁଲର ମ୍ୟାନେଜିଂ ଡାଇରେକ୍ଟର ଲକ୍ଷ୍ମୀଧର ବେହେରା ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ। ସ୍କୁଲ ପ୍ରିନସପାଲ ମନୋରଞ୍ଜ ବିଶ୍ୱାଳ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ କାନୋଜ କୁମାର ବେହୁରା ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।



# ମୁକ୍ତେଶ୍ୱର କପ୍ ଫାଇନାଲରେ ରାମେଶ୍ୱର

ଭୁବନେଶ୍ୱର,୨୯।୧୨(ସମିସ): ସ୍ଥାନୀୟ ମୁକ୍ତେଶ୍ୱର କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାମେଶ୍ୱର ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମୁକାବିଲାରେ ରାମେଶ୍ୱର ୯ ୱିକେଟରେ ପରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରି ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ଟସ୍ ଜିତି ପାରାମାଉଣ୍ଟ ପ୍ରଥମେ ବ୍ୟାଟିଂ କରି ୨୯ ଓଭରରେ ୯୩ ରନରେ ଅଲଆଉଟ ହୋଇଥିଲା। ଦଳ ତରଫରୁ ପରୀକ୍ଷିତ ପ୍ରଧାନ ୨୪, ସ୍ୱାଧୀନ ପ୍ରମାଣିକ ଅପରାଜିତ ୩୭ ରନ ସଂଗ୍ରହ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ରାମେଶ୍ୱର ପକ୍ଷରୁ ସ୍ୱସ୍ତିକ ଘୋଷାଲ ସର୍ବାଧିକ ୪, ବିଜୟ ପ୍ରଧାନ ୨ଟି ୱିକେଟ ନେଇଥିଲେ। ଜବାବରେ ରାମେଶ୍ୱର ୧୬.୧ ଓଭରରେ ଗୋଟିଏ ୱିକେଟ ହରାଇ ୯୪ ରନକରି ବିଜୟୀ ହୋଇ ଅଗ୍ରଗତି କରିଛି। ଲିଓନେଲ ମେହେର ୫୦ ରନକରି ରନ୍‌ଆଉଟ ହୋଇଥିବା ବେଳେ ଆକାଶ ସାହୁ ୩୨ ଓ କୁମାର ଏ ଅଶ୍ୱିନ ୨ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ୬ ଓଭର ବୋଲିଂ କରି ୨ ମେଡେନ ସହ ୪ ୱିକେଟ ନେଇଥିବା ସ୍ୱସ୍ତିକ ଘୋଷାଲଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ମୁକ୍ତେଶ୍ୱର କ୍ଲବ କାର୍ଯ୍ୟକାରୀ ସଭାପତି ଗୁରଜିତ ସିଂହ ଚୌହାନ ସ୍ୱସ୍ତିକଙ୍କ ପୁରସ୍କୃତ କରିଥିଲେ। ଜାନୁଆରୀ ୨ରେ ଦ୍ୱିତୀୟ ସେମିଫାଇନାଲରେ କ୍ଲବ ଦି ରେଡ୍ ଷ୍ଟାର ଓ ଆୟୋଜକ ମୁକ୍ତେଶ୍ୱର ପରସ୍ପରକୁ ଭେଟିବେ।



## ମିଧାଂଶୁ ଦାସଙ୍କ ଶତକ

ବିଜୟ ମର୍ଚ୍ଚାଣ୍ଟ ଟ୍ରଫି



କଟକ,୨୯।୧୨(ସମିସ): ୧୬ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ୫ମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ସୋମବାର ଠାରୁ ଆରମ୍ଭ ହୋଇଛି। ଗ୍ୱାଲିୟରର ଶ୍ରୀମନ୍ତ ମାଧବରାଓ ସିନ୍ଧିଆ କ୍ରିକେଟ ଷ୍ଟାଡିୟମରେ ଓଡ଼ିଶା ପଣ୍ଡିଚେରୀକୁ ଭେଟିଛି। ପଣ୍ଡିଚେରୀ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ପ୍ରଥମ ଦିବସରେ ଓଡ଼ିଶା ଦୃଢ଼ ସ୍ଥିତିରେ ରହିଛି। ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳ ୪ ୱିକେଟ ହରାଇ ୨୪୮ ରନ ସଂଗ୍ରହ କରିଛି। ଓପନର ମିଧାଂଶୁ ଦାସ ୧୩୬ରନର ଶତକୀୟ ପାଳି ଖେଳିଥିଲେ। ଅରୋବିନ୍ଦ ମୁଦୁଲି ୪୦ରନ ଏବଂ ୱିକେଟ କିପର ଓମପ୍ରକାଶ ଦାସ ୧୦ରନରେ ଅପରାଜିତ ରହିଛନ୍ତି। ପ୍ରକାଶଥାଉକି, ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ୪ଟି ମ୍ୟାଚ୍‌ରୁ ୨ଟି ବିଜୟ ଏବଂ ୨ଟି ଅମୀମାଂସିତ ଫଳାଫଳ ବଳରେ ୪ ପଏଣ୍ଟ ହାସଲ କରି ଗ୍ରୁପ-ବି ଟେବଲର ୪ର୍ଥ ସ୍ଥାନରେ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS